

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୭ ଅଗଷ୍ଟ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 27 AUGUST 2023

Vol.No. 35 ■ No. 226 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପ୍ରତିବର୍ଷ ଅଗଷ୍ଟ ୨୩ରେ ପାଳିତ ହେବ ଜାତୀୟ ମହାକାଶ ଦିବସ



ନୂଆଦିଲ୍ଲୀ,୨୬/୦୮ : ଅଗଷ୍ଟ ୨୩ ତାରିଖକୁ ଜାତୀୟ ମହାକାଶ ଦିବସ ଭାବେ ପାଳନ କରିବ ଭାରତ। ଆଜି ଏହି ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଚନ୍ଦ୍ରଯାନ -୩ ର ସଫଳତା ଅବସରରେ ବେଙ୍ଗାଲୁରୁର ଇସ୍ରୋ ବୈଜ୍ଞାନିକଙ୍କୁ ଅଭିନନ୍ଦନ ଜଣାଇବା ଅବସରରେ ସେ ଏହି ଘୋଷଣା କରିଛନ୍ତି। ତା ସହିତ ଯେଉଁଠି ଚନ୍ଦ୍ରଯାନ ୩ ଅବତରଣ କରିଛି, ଚନ୍ଦ୍ରର ସେହି ସ୍ଥାନକୁ ଶିବଶକ୍ତି ଏବଂ ଯେଉଁଠି ଚନ୍ଦ୍ରଯାନ ୨ ଅବତରଣ କରିଥିଲା, ତାର ନାଁ ତ୍ରିରଙ୍ଗା ରଖିଛନ୍ତି ମୋଦି। ଗତ ୨୩ରେ ଚନ୍ଦ୍ରଯାନ ୩ ଯେତେବେଳେ ସଫଳତାର ସହିତ ଲାଣ୍ଡିଂ କରିଥିଲା, ସେତେବେଳେ ଭାରତରେ ନ ଥିଲେ ମୋଦି। ବ୍ରିକସ ସମ୍ମିଳନୀରେ ଯୋଗ ଦେବାକୁ ଦକ୍ଷିଣ ଆଫ୍ରିକାର ଜୋହାନସବର୍ଗରେ ଥିଲେ। ସେଠାରୁ ଗ୍ରୀସ୍ ଯାଇ ଆଜି ସକାଳେ ସିଧା ବାଙ୍ଗାଲୁରୁକୁ ଯାଇ ଇସ୍ରୋର ବୈଜ୍ଞାନିକଙ୍କୁ ଭେଟିଛନ୍ତି ଏବଂ ଅଭିନନ୍ଦନ ଜଣାଇଛନ୍ତି। ସମସ୍ତ ବୈଜ୍ଞାନିକଙ୍କୁ ସେ ଭୁରି ଭୁରି ପ୍ରଶଂସା କରିଛନ୍ତି। ମୋଦି କହିଛନ୍ତି, ମଣିଷ ଜୀବନରେ ବେଳେ ବେଳେ ଏପରି ଘଟଣା ଘଟେ ଯାହାକୁ କି ସେ ଖୁବ୍ ବ୍ୟଗ୍ରତାର ସହ ଅପେକ୍ଷା କରିଥାଏ। ମୋ’ ସହ ବି ତାହା ହିଁ ଘଟିଛି। ସାଉଥ ଆଫ୍ରିକା, ଗ୍ରୀସ୍ ଯେଉଁଠି ଥିଲେ ବି ମୋ’ ମନ କିନ୍ତୁ ଆପଣମାନଙ୍କ ପାଖରେ ଥିଲା। ଭାରତ ଫେରିବାକୁ ମୋ’ ମନ ଛଟପଟ ହେଉଥିଲା । କାରଣ ଏପରି ବିରଳ ମୁହୂର୍ତ୍ତ ବାରମ୍ବାର ଆସେନି। ତେଣୁ ଭାରତକୁ ଫେରିବା ପରେ ଦିଲ୍ଲୀ ନ ଯାଇ ମୁଁ ସିଧାସଳଖ ଆପଣମାନଙ୍କ ପାଖକୁ ଚାଲି ଆସିଲି।

▶▶ପୃଷ୍ଠା ୭

### ଚନ୍ଦ୍ରଯାନ-୩ ଲ୍ୟାଣ୍ଡିଂ ପଏଣ୍ଟର ନାମ ‘ଶିବଶକ୍ତି’

ନୂଆଦିଲ୍ଲୀ,୨୬/୦୮ : ଜହ୍ନ ରାଇଜର ଯେଉଁଠି ପାଦ ଥାପିଲା ‘ଚନ୍ଦ୍ରଯାନ-୩’ ଉକ୍ତ ସ୍ଥାନର ନାମକରଣ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆଜିଠୁ ସମଗ୍ର ଦୁନିଆ ଉକ୍ତ ସ୍ଥାନକୁ ‘ଶିବଶକ୍ତି ପଏଣ୍ଟ’ ନାଁରେ ଜାଣିବ ବୋଲି କହିଲେ ମୋଦି। ଏଥିସହ ଚନ୍ଦ୍ରଯାନ-୨ର ପଦଚିହ୍ନ ସ୍ଥଳକୁ ‘ତ୍ରିରଙ୍ଗା’ ନାଁ ଦେଲେ ମୋଦି। ‘ଶିବଶକ୍ତି’ ନାଁର ଯଥାର୍ଥତା ପ୍ରତିପାଦନ କରିବାକୁ ଯାଇ ମୋଦି କହିଛନ୍ତି, ଶିବ ଶବ୍ଦରେ ମାନବତାର କଲ୍ୟାଣ ପାଇଁ ସଙ୍କଳ୍ପ ଭର୍ତ୍ତି ହୋଇ ରହିଛି। ଆଉ ଶକ୍ତି ନିକଟରୁ ଉକ୍ତ ସଙ୍କଳ୍ପ ପୂରା କରିବାକୁ ଆମକୁ ସାମର୍ଥ୍ୟ ମିଳିଥାଏ । ତେଣୁ ଆଜିଠୁ ଉକ୍ତ ସ୍ଥାନର ନାମକୁ ‘ଶିବଶକ୍ତି’ ନାଁରେ ନାମିତ କରିଛନ୍ତି ମୋଦି । ଅନନ୍ତ ଆକାଶରେ ବହୁ ସମ୍ଭାବନା ଭାରତର ଅପେକ୍ଷା କରୁଛି ବୋଲି ସେ କହିବା ସହ ମାନବତାର କଲ୍ୟାଣ ହିଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ବି କହିଛନ୍ତି। ଚନ୍ଦ୍ରଯାନ-୨ର ପଦଚିହ୍ନ ସ୍ଥଳକୁ ‘ତ୍ରିରଙ୍ଗା’ ନାଁ ଦେବାର ଯଥାର୍ଥତା ପ୍ରତିପାଦନ କରିବାକୁ ଯାଇ ମୋଦି କହିଛନ୍ତି, ଏବେ ହର ଘର ତ୍ରିରଙ୍ଗା ଓ ହର ମନ ତ୍ରିରଙ୍ଗା । ତେଣୁ ଚନ୍ଦ୍ରରେ ବି ଏବେ ଉଡୁଛି ତ୍ରିରଙ୍ଗା। ତେଣୁ ଚନ୍ଦ୍ରଯାନ-୨ ଯେଉଁଠି ନିଜ ପଦଚିହ୍ନ ଛାଡ଼ିଛି ଉକ୍ତ ସ୍ଥାନର ନାମ ଆଜିଠୁ ‘ତ୍ରିରଙ୍ଗା’ । କାରଣ ଏହା ସବୁବେଳେ ଆମକୁ ଚେତାଇ ଦେବ ଯେ, କୌଣସି ବିଫଳତା ଶେଷ ନୁହେଁ। ଦୃଢ ଇଚ୍ଛାଶକ୍ତି ଥିଲେ ବିଫଳତା ପରେ ବି ସଫଳତା ମିଳିବ । ବିଦେଶ ଗସ୍ତରୁ ଫେରି ଆଜି ସକାଳେ ଇସ୍ରୋ ବୈଜ୍ଞାନିକମାନଙ୍କୁ ଭେଟିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସକାଳୁ ବାଙ୍ଗାଲୁରୁର ହାଲ୍ ଏୟାରପୋର୍ଟରେ ପହଞ୍ଚିବା ପରେ ସିଧାସଳଖ ଇସ୍ରୋ ସେଣ୍ଟରକୁ ଯାଇଥିଲେ ମୋଦି।

▶▶ପୃଷ୍ଠା ୭

## ମିଶନ ଗଗନଯାନରେ ରହିବେ ମହିଳା ରୋବୋଟ୍: ଜିତେନ୍ଦ୍ର ସିଂହ



ନୂଆଦିଲ୍ଲୀ,୨୬/୦୮ : ଚନ୍ଦ୍ରଯାନ ମିଶନର ସଫଳତା ପରେ ଗଗନଯାନକୁ ନେଇ ବେଶ୍ ଚର୍ଚ୍ଚା। ଦେଶର ପ୍ରଥମ ମିଶନ ଭାବେ ଏହି ମିଶନରେ ମହାକାଶକୁ ରୋବୋଟ ପଠାଇବ ଇସ୍ରୋ। ତିନୋଟି ପର୍ଯ୍ୟାୟରେ ମିଶନକୁ ସଫଳ କରାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରଥମେ ଦୁଇଟି ଡମି ଟେଷ୍ଟ ହେବ ଏବଂ ପରେ ଗଗନଯାନରେ ତିନି ଜଣ ମହାକାଶଚାରୀ ଯାତ୍ରା କରିବେ। ଏହି ମିଶନକୁ ନେଇ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଜିତେନ୍ଦ୍ର ସିଂହ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଗଗନଯାନ ମିଶନର ପରୀକ୍ଷଣରେ ଜଣେ ମହିଳା ରୋବୋଟ୍ ’ବ୍ୟୋମିତ୍ର’ଙ୍କୁ ମହାକାଶକୁ ପଠାଯିବ। ଏହି ମିଶନ୍ ବହୁ ପୂର୍ବରୁ ଆରମ୍ଭ ହେବାର ଥିଲା। କିନ୍ତୁ ମହାମାରୀ କାରଣରୁ ବିଳମ୍ବ ଘଟିଛି। ଆସନ୍ତା ଅକ୍ଟୋବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଏକ ପରୀକ୍ଷାମୂଳକ ସ୍ପେସ୍ ଫ୍ଲାଇଟ୍ ଉତକ୍ଷେପଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ମହାକାଶକୁ ମହାକାଶଚାରୀ ପଠାଇ ପୁଣି ତାଙ୍କୁ ସୁରକ୍ଷିତ ଫେରାଇ ଆଣିବା ଆହ୍ୱାନପୂର୍ଣ୍ଣ। ଏହାକୁ ଦୃଷ୍ଟିରେ ରଖି କାମ କରୁଛି ଇସ୍ରୋ। ପ୍ରଥମେ ଡମି ଟେଷ୍ଟ କରାଯିବ। ଏହାପରେ ଦ୍ୱିତୀୟ ମିଶନରେ ଜଣେ ମହିଳା ରୋବୋଟକୁ ପଠାଯିବ। ରୋବୋଟର ସମ୍ପୂର୍ଣ୍ଣ ହାବଭାବ ମାନବ ପରି ରହିବ।

▶▶ପୃଷ୍ଠା ୭

## ‘ମୋ ସ୍କୁଲ୍’ ନାଁରେ ଠକେଇ: ଚାକିରି ଦେବାକୁ କହି ଲୋକଙ୍କୁ ଲୁଟୁଥିବା ୩ ଅଭିଯୁକ୍ତ ଗିରଫ



ଭୁବନେଶ୍ୱର, ୨୬/୦୮ (ନି.ପ୍ର): ‘ମୋ ସ୍କୁଲ’ ନାଁରେ ଫେକ୍ ୱେବସାଇଟ୍ ଖୋଲି ଚାକିରି ଦେବା ନାଁରେ ଲୋକଙ୍କୁ ଲୁଟୁଥିବା ଏକ ଗ୍ୟାଙ୍ଗକୁ ଭୁବନେଶ୍ୱରର କମିଶନରେଟ ପୁଲିସ ଧରିଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି- ଅମର ସାମଲ, ମଦନ ନାଗ ଓ ରାଇଗୁଲୁ ପାତ୍ର। ଭରତପୁରରୁ ଗିରଫ ହୋଇଥିବା ଏହି ଅଭିଯୁକ୍ତମାନଙ୍କଠାରୁ ପୁଲିସ୍ ଦୁଇ ଲକ୍ଷ ଟଙ୍କା,ଦୁଇଟି ଲାପ୍‌ଟପ୍, ୧୩ଟି ମୋବାଇଲ, ବ୍ୟାଙ୍କ ଚେକ୍‌ବୁକ୍, ଏଟିଏମ୍ କାର୍ଡ, ଫେକ୍ ସିଲ ଷ୍ଟାମ୍ପ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜ ଜବତ କରିଛି। ଅଭିଯୁକ୍ତମାନେ ‘ମୋ ସ୍କୁଲ’ ନାଁରେ ନକଲି ୱେବସାଇଟ ଖୋଲି ଡାଟା ଏଣ୍ଟ୍ରି ଅପରେଟର, ପିଅନ ଓ ଅଫିସ ଆସିଷ୍ଟାଣ୍ଟ ଇତ୍ୟାଦି ପୋଷ୍ଟ ପାଇଁ ମିଛ ବିଜ୍ଞାପନ ଦେଇ ଚାକିରି ଆଶାୟୀଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଲୁଟିଥିବା ଜଣାପଡ଼ିଛି। ‘ମୋ ସ୍କୁଲ୍’ ନାଁରେ ଏହି ପ୍ରକାର ଠକେଇ ଚାଲିଥିବା ଜାଣି ‘ମୋ ସ୍କୁଲ୍’ କର୍ତ୍ତୃପକ୍ଷ ସାଇବର ଥାନାରେ ଅଭିଯୋଗ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ମଧ୍ୟ ପୁଲିସ କମିଶନରଙ୍କୁ ଚିଠି ଲେଖି ଏ ବିଷୟରେ ଜଣାଇଥିଲେ। ପୁଲିସ୍ ଛାନ୍‌ଭିନ୍ କରି ଏହି ଅଭିଯୁକ୍ତମାନଙ୍କୁ ଗିରଫ କରିଥିବା ବେଳେ ସେମାନେ କେତେ ଟଙ୍କା ଲୁଟିଛନ୍ତି, ସେମାନଙ୍କ ସହିତ ଏହି ଠକେଇରେ ଆଉ କେଉଁମାନେ ସାମିଲ ଅଛନ୍ତି ନା ନାହିଁ, ସେ ସଂପର୍କରେ ଖୋଳତାଡ଼ ଜାରି ରଖିଛି।

## ଜାଲ୍ ନୋଟ୍ ଜାଣି ବ୍ୟାଙ୍କ ଫେରାଇଦେଲା: ବୁଲି ବୁଲି ଟଙ୍କା ବଦଳାଇଥିଲା, ଏବେ ବନ୍ଧା ହେଲା



ବାଲେଶ୍ୱର, ୨୬/୦୮ (ନି.ପ୍ର): ଜାଲ୍ ନୋଟ୍ ଜାଣି କିଓସ୍କ ବ୍ୟାଙ୍କ ଫେରାଇଦେଲା। ଆଉ ତା’ପରେ ବଜାର ସାରା ବୁଲି ବୁଲି ଜାଲ୍ ନୋଟ୍ ବଦଳାଇଥିଲା। ଏବେ ଜାଲ୍ ନୋଟ୍ କାରବାର ଅଭିଯୋଗରେ ବନ୍ଧା ହୋଇ ଜେଲ୍ ଗଲା ପୂର୍ଣ୍ଣଚନ୍ଦ୍ର ନାୟକ। ଏପରି ଅଭିଯୋଗ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଞ୍ଚଳରୁ ଆସିଛି। ପୁଲିସ ପୂର୍ଣ୍ଣଚନ୍ଦ୍ର ନାୟକ ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରିବା ସହିତ ବହୁ ଜାଲ୍ ନୋଟ୍ ଜବତ କରିଛି। ଏନେଇ ସୂଚନା ଦେଇଛନ୍ତି ବାଲେଶ୍ୱର ଏସ୍‌ପି ସାଗରିକା ନାଥ। ଗତ ମଙ୍ଗଳବାର ନୀଳଗିରି ଥାନା ଘୁଡ଼ାଡ଼ିଆଁ ଗାଁର ପୂର୍ଣ୍ଣଚନ୍ଦ୍ର ନାୟକ

▶▶ପୃଷ୍ଠା ୭

## ବିଜେଡି ନେତାଙ୍କୁ ଦୁଇଟି ବିକଳ୍ପ ଦିଆଯାଇଛି: କ୍ରୀତଦାସ ହୋଇ ରୁହ, ନ ହେଲେ ଜେଲ୍‌ରେ ରୁହ: ବିଜୟ



ଭୁବନେଶ୍ୱର, ୨୬/୦୮ (ନି.ପ୍ର): ଗତକାଲି ବିଧାୟକ ପ୍ରଦୀପ ପାଣିଗ୍ରାହୀ ନିଜ ନିର୍ବାଚନ ମଣ୍ଡଳୀକୁ ଯିବା ବେଳେ ବିଜେଡି କର୍ମୀ ବାଟ ଓଗାଳିବା ଘଟଣାକୁ ରାଜନୈତିକ ମହଲରେ ତୀବ୍ର ନିନ୍ଦା କରାଯାଇଛି। ଜଣେ ନିର୍ବାଚନ ପ୍ରତିନିଧି ନିଜ ନିର୍ବାଚନ ମଣ୍ଡଳୀକୁ ନ ଯାଇପାରିବା, ପୁଲିସ ଏନେଇ କିଛି କାର୍ଯ୍ୟାନୁଷ୍ଠା ନ ନେବା ଯୋଗୁ ଓଡ଼ିଶାର ଶାସନ କଳ ଉପରେ ବୁଦ୍ଧିଜୀବୀ ମାନେ ପ୍ରଶ୍ନ ଉଠାଇଛନ୍ତି। ଏହି ହାଇଡ୍ରାମା ନେଇ ବରିଷ୍ଠ କଂଗ୍ରେସ ନେତା ବିଜୟ ପଟ୍ଟନାୟକ କହିଛନ୍ତି, ଗତକାଲି ଯାହା ଘଟିଲା,ତାହା ବିଜେଡିର ଅନ୍ତଃକନ୍ଦଳ ହୋଇ ଥାଇପାରେ। କିନ୍ତୁ ଯାହାଙ୍କ ପ୍ରତି ଏଭଳି ଆଚରଣ କରାଗଲା ସେ ଜଣେ ଜନ ପ୍ରତିନିଧି।

▶▶ପୃଷ୍ଠା ୭

## ୨ ନକଲି ଅଧ୍ୟାପକ ନିଲମ୍ବିତ: ଫେରାଇବେ ୬୦ ଲକ୍ଷ

ବଲାଙ୍ଗିର, ୨୬/୦୮ (ନି.ପ୍ର): ନକଲି ଶିକ୍ଷକ ପରେ ଏବେ ବାହାରିଲେଣି ନକଲି ଅଧ୍ୟାପକ। ପୂର୍ବରୁ ୪ ନକଲି ଶିକ୍ଷକଙ୍କୁ ବହିଷ୍କୃତ କରିଥିବା ରାଜ୍ୟ ସରକାର ଏବେ ଦୁଇ ଜଣ ଅଧ୍ୟାପକଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି । ସେମାନେ ହେଲେ ବଲାଙ୍ଗିର ଯୋଗୀମୁଣ୍ଡା ଉଚ୍ଚ ମାଧ୍ୟମିକ ସ୍କୁଲ ଓ ରାଜେନ୍ଦ୍ର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଲିଙ୍ଗରାଜ ମେହେର ଓ ନରେନ୍ଦ୍ର ନାଗ ।

▶▶ପୃଷ୍ଠା ୭

## ୮ ହଜାରରୁ ଅଧିକ ବୋତଲ କଫ ସିରପ ଜବତ, ୩ ଗିରଫ

ବରଗଡ଼, ୨୬/୦୮ (ନି.ପ୍ର): ବରଗଡ଼ ପୁଲିସ୍ ୮,୩୮୦ ବୋତଲ କଫ ସିରଫ ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରିଛି। ବରଗଡ଼ ଏସ୍‌ପି ପ୍ରହ୍ଲାଦ ସହାୟ ମୀନା ଏହି ସୂଚନା ଦେଇଛନ୍ତି। ଗିରଫ ୩ ଅଭିଯୁକ୍ତ ହେଉଛନ୍ତି, କଟକ ଜିଲ୍ଲା ଚୌଦ୍ୱାର ଥାନା ଚାରବାଟିଆର ସିଦ୍ଧାନ୍ତ କୁମାର ନାୟକ, କଟକ ସହରର ପୂର୍ଣ୍ଣଚନ୍ଦ୍ର ବେହେରା ଓ ବରଗଡ଼ର ଗଙ୍ଗାଧର ନଗରର ଲକ୍ଷ୍ମୀଧର ବେହେରା। ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଗତ ୨୨ ତାରିଖରେ ବରଗଡ଼ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଚଢ଼ାଉ କରାଯାଇ ୭,୮୦୦ ବୋତଲ କଫ ସିରପ ଜବତ କରାଯାଇଥିଲା ଏବଂ ୫୮ ଜଣଙ୍କୁ ଗିରଫ କରାଯାଇଥିଲା। ସେହି ଅଭିଯୁକ୍ତମାନଙ୍କୁ ପଚରାଉଚରା କରିବା ବେଳେ ଏହି କଫ ସିରପ ବେପାର ଚେର କଟକକୁ ଲମ୍ବିଥିବା ଜଣାପଡ଼ିଥିଲା। କଟକରେ ଏକ ଗୋଦାମରେ କଫ ସିରପ ଗଚ୍ଛିତ ହୋଇ ରହୁଥିବା ଓ ସେଠାରୁ ବିଭିନ୍ନ ଜିଲ୍ଲାକୁ ଯୋଗାଣ ହେଉଥିବା ଜଣାପଡ଼ିଥିଲା।

▶▶ପୃଷ୍ଠା ୭

## ହୁତୁହୁତୁ ହୋଇ ଜଳିଲା ଟ୍ରେନ୍: ୯ ଜୀବନ୍ତ ଦଗ୍ଧ, ୨୦ ଗୁରୁତର



ତାମିଲନାଡୁ, ୨୬/୦୮: ତାମିଲନାଡୁ ମଦୁରାଇ ଷ୍ଟେସନ ନିକଟରେ ଆଜି ଭୋରରୁ ଏକ ଟ୍ରେନ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ୯ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇ ଯାଇଥିବା ବେଳେ ୨୦ ଜଣ ଗୁରୁତର ହୋଇଛନ୍ତି। କିଛି ଯାତ୍ରୀ ଟ୍ରେନ୍‌ରେ ଅବୈଧ ଭାବେ ଗ୍ୟାସ୍ ସିଲିଣ୍ଡର ନେଇ ଯାଉଥିବା ବେଳେ ତାହା ଫାଟି ଏହି ଅଗ୍ନିକାଣ୍ଡ ହୋଇଥିବା ଜଣାଯାଇଛି। ଉତ୍ତରପ୍ରଦେଶର ଲକ୍ଷ୍ନୌରୁ ତାମିଲନାଡୁର ରାମେଶ୍ୱରମ ଯାଉଥିବା ଟ୍ରେନ୍‌ଟି ଆଜି ସକାଳେ ତାମିଲନାଡୁର ମଦୁରାଇ ଷ୍ଟେଶନର ଜଙ୍କସନ୍‌ରେ ଅଟକିଥିଲା। ସେଠାରେ ପ୍ରାୟ ଭୋର ୫ଟା୧୫ରେ ଟ୍ରେନ୍‌ରେ ନିଆଁ ଲାଗି ଯାଇଥିଲା। ଆଖି ପିଛୁଳାକେ ନିଆଁ ଟ୍ରେନ୍‌ର ଗୋଟିଏ ବଗିକୁ ମାଡ଼ି ଯାଇଥିଲା। ଫଳରେ ଉକ୍ତ ବଗିରେ ଥିବା ଯାତ୍ରୀମାନେ ଜୀବନ ବଞ୍ଚାଇବାକୁ ଆକୁଳ ଚିତ୍କାର କରୁଥିଲେ। ଖବର ପାଇ ଦମକଳ ବାହିନୀ ପ୍ରାୟ ୫ଟା ୪୫ ମିନିଟ୍‌ରେ ଷ୍ଟେଶନରେ ପହଞ୍ଚିଥିଲେ। ଏହାପରେ ପ୍ରାୟ ୨ ଘଣ୍ଟାର ପରିଶ୍ରମ ପରେ

▶▶ପୃଷ୍ଠା ୭

## ସାରସ୍ୱତ ସ୍ରଷ୍ଟା ପୀତାମ୍ବର ଦାସଙ୍କ ଦୁଇଟି ନାଟକ ଓ ଗୋଟେ ଏକାଙ୍କିକା ପୁସ୍ତକ ଉନ୍ମୋଚିତ



ବାଲେଶ୍ୱର , ୨୬/୦୮ (ନି.ପ୍ର): ସାହିତ୍ୟ ଅନୁଷ୍ଠାନ ତଥା ପ୍ରକାଶନୀ ସଂସ୍ଥା ‘ପାହାନ୍ତିତାରା’ ପକ୍ଷରୁ ପ୍ରତିକୂଳ ପାଗ ସତ୍ତ୍ୱେ ଗତ ୨୫ ତାରିଖ ସଂଧ୍ୟାରେ ନିଜ ସୁପୁତ୍ର ଦିବ୍ୟ ଦେବାଶିଷ ଦାସଙ୍କ ୨୫ତମ ଜନ୍ମ ଦିବସ ପାଳନ ଅବକାଶରେ ସାରସ୍ୱତ ସ୍ରଷ୍ଟା ପୀତାମ୍ବର ଦାସଙ୍କ ରଚିତ ଦୁଇଟି କ୍ଷୁଦ୍ର ନାଟକ ‘ସମୀକ୍ଷା’ ଓ ‘ଅମାନିଆ ମନ’ ତଥା ଏକାଙ୍କିକା ‘ମିଛ ରାଗ’ ସ୍ଥାନୀୟ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ୍ କର୍ମଚାରୀ ସଂଘ ସଭାଗୃହରେ ଅତ୍ୟନ୍ତ ଆଡ଼ମ୍ବର ସହକାରେ ଉନ୍ମୋଚିତ ହୋଇଯାଇଛି । ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ କୁନିଝିଅ ସାଇକ୍ରିଷ୍ଟା ପୃଷ୍ଟି ଏକ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। କବି ପଦ୍ମଲୋଚନ ପ୍ରଧାନ ପ୍ରାକ୍‌କଥନ ରଖିବା ସହ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ପାହାନ୍ତିତାରାର ମୁଖ୍ୟ କମଳ ଦାସଙ୍କ ମଂଚ ପରିଚାଳନାରେ ଉକ୍ତ ସଭକୁ ପୌରୋହିତ୍ୟ କରିଥିଲେ ଡା. ପ୍ରଭାତ ଚନ୍ଦ୍ର ଚୌଧୁରୀ। ଏଥିରେ ମୁଖ୍ୟଅତିଥି ଭାବେ ଡ. ପ୍ରହ୍ଲାଦ ଚରଣ ମହାନ୍ତି, ସମ୍ମାନିତ ଅତିଥି ଭାବେ ଡ. ମନ୍ମଥ କୁମାର ପ୍ରଧାନ, ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ସମ୍ମାନିତ ବକ୍ତା ଭାବେ ଡ. ଭାଗବତ ପ୍ରସାଦ ଦାସ, ସମୀକ୍ଷକ ଭାବେ ଡ. ରାଧାରଂଜନ ପଟ୍ଟନାୟକ, ସୈରିନ୍ଧ୍ରୀ ସାହୁ ଓ ଡ. ପ୍ରଦୀପ୍ତ କୁମାର ମିଶ୍ର ଯୋଗଦେଇ ସବିଶେଷ ଆଲୋଚନା କରିବା ସହ ଶ୍ରୀଯୁକ୍ତ ଦାସଙ୍କ ପୁତ୍ରକୁ ଶୁଭାର୍ଶୀବଚନ ପ୍ରଦାନ କରିଥିଲେ। ଏତଦ୍‌ଭିନ୍ନ ଶ୍ରୀଯୁକ୍ତ ଦାସଙ୍କ ରଚିତ ୪ଟି ଗୀତକୁ ସଂଗୀତ ନିର୍ଦ୍ଦେଶକ ସତ୍ୟରଂଜନ ମହାନ୍ତିଙ୍କ ନିର୍ଦ୍ଦେଶନା ତଥା ତାଙ୍କ ସାଥୀଙ୍କ ସହଯୋଗକ୍ରମେ ଦୁଇଝିଅ ଶ୍ୱେତାଲିସା ମହାନ୍ତି ଓ ହର୍ଷିତା ଦାସ ପରିବେଷଣ କରି ସଭାକକ୍ଷକୁ ମନ୍ତ୍ରମୁଗ୍ଧ କରି ଦେଇଥିଲେ। ପ୍ରକାଶଥାଉକି’ ଶ୍ରୀଯୁକ୍ତ ଦାସଙ୍କ ୩ଟି ପୁସ୍ତକକୁ ନାଟ୍ୟସଂସ୍ଥା ‘ସ୍ରଷ୍ଟା’,‘ଶୋଭା’,‘ନାୟିକା’ ତଥା ଫକୀରମୋହନ ସାହିତ୍ୟ ପରିଷଦ ଓ ଫକୀରମୋହନ ସାହିତ୍ୟେ ଆଲୁମୁନିଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଛି। ଉକ୍ତ ଉନ୍ମୋଚନୀ ସଭାରେ ବହୁ ବିଶିଷ୍ଟ ସାହିତ୍ୟିକ, ଚିତ୍ରଶିଳ୍ପୀ, ସାମ୍ବାଦିକ, ସମାଜସେବୀ, ସରକାରୀ-ବେସରକାରୀ କର୍ମଚାରୀ, ରାଜନୈତିକ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଶେଷରେ କବିଗୌରବ ରବୀନ୍ଦ୍ର କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅରୁଣ କୁମାର ଗୋଚ୍ଛାୟତ, ସୌମେନ୍ଦ୍ର ମହାପାତ୍ର, ରମେଶ ଚନ୍ଦ୍ର ବେହେରା, ରବୀନ୍ଦ୍ର କୁମାର ପାତ୍ର, ‘କୀର ଚରଣ ସ୍ୱାଇଁ ଏବଂ ଶ୍ରୀଯୁକ୍ତ ଦାସଙ୍କ ପରିବାର-ପରିଜନ ସମଗ୍ର କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ।

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଝୁଲଣ ଯାତ ଆରମ୍ଭ

ପୁରୀ, ୨୬/୦୮ (ନି.ପ୍ର): ଆଜି ଶ୍ରାବଣ ଶୁକ୍ଳ ଦଶମୀ ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଝୁଲଣ ଯାତ ଆରମ୍ଭ ହୋଇଛି । ଏହା ପ୍ରତିପଦ ଯାଏ ୭ ଦିନ ଧରି ଚାଲିବ । ଶ୍ରୀ ମଣିମାଙ୍କ ଶ୍ରାବଣର ଝୁଲଣ କୁଞ୍ଜ ବେଶ ଓ ଲୀଳା, ଯଦ୍ୟପି ଏହା ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ଅନ୍ତର୍ଭୁକ୍ତ ନୁହଁ ତଥାପି ଏହା ଏକ ଉପଯାତ୍ରା ରୂପେ ପାଳିତ ହୋଇଥାଏ। ଶ୍ରୀ ମନ୍ଦିରର ମୁକ୍ତି ମଣ୍ଡପ ନିକଟରେ ଶ୍ରୀ ମହାପ୍ରଭୁଙ୍କ ଆଜ୍ଞା ପାଇ ଶ୍ରୀ ମଦନମୋହନ, ଶ୍ରୀ ଦେବୀ ଓ ଭୂ ଦେବୀ ଝୁଲଣରେ ବିଜେ ହୋଇ କୁଞ୍ଜ ଲୀଳା କରିଥାନ୍ତି। ଶ୍ରୀମନ୍ଦିର ବ୍ୟତିତ ଓ ଅନ୍ୟାନ୍ୟ ମଠ ମନ୍ଦିରରେ ମଧ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଗଜପତି ମହାରାଜା ଦିବ୍ୟସିଂହ ଦେବ (ଦ୍ୱିତୀୟ)ଙ୍କ ସମୟରେ ଏହା ଶ୍ରୀମନ୍ଦିରରେ ପ୍ରଥମେ ପାଳନ କରାଯାଇଥିଲା । ଶ୍ରୀମନ୍ଦିରରେ ଗୌଡ଼ୀୟମାନଙ୍କ ପ୍ରଭାବ ସମ୍ପର୍କରେ ଏହି ଯାତ୍ରା ସୂଚନା ଦେଉଛି । ଗୌଡ଼ୀୟ ସମ୍ପ୍ରଦାୟର ରାଧାକୃଷ୍ଣ ହେଉଛନ୍ତି ଉପାସ୍ୟ । ସେଥିପାଇଁ ଶ୍ରୀକୃଷ୍ଣ ଗୋପରେ ଥିବା ବେଳେ କରିଥିବା ରାସକୁ ସେମାନେ ଶ୍ରୀମନ୍ଦିରରେ ପ୍ରଚଳନ କରିଛନ୍ତି । ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା ଶ୍ରାବଣ ଶୁକ୍ଳ ଦଶମୀଠାରୁ ପ୍ରତିପଦ ଯାଏ ୭ ଦିନ ଧରି ଅନୁଷ୍ଠିତ ହେବ । ଏହି ନୀତି ପାଇଁ ଭଣ୍ଡାରରୁ ରୂପା ଗିନା ଆସିଥାଏ। ଘଟୁଆରୀ ଚନ୍ଦନ ଆଣି ଯୋଗାଇଥାନ୍ତି। ଭଣ୍ଡାର ମେକାପ ଅଳଙ୍କାର ଯୋଗାନ୍ତି। ମନ୍ଦିର କୋଠରୁ ମାଣ୍ଡୁଅ ଓ ଅନ୍ୟାନ୍ୟ ଜିନିଷ ମାନ ଯୋଗା ଯାଇଥାଏ। ଏହି ନୀତି ପାଇଁ ପ୍ରାୟ ୧୫ ରୁ ଉର୍ଦ୍ଧ୍ୱ ସେବକଙ୍କର ଆବଶ୍ୟକତା ପଡିଥାଏ। ଆଜି ଝୁଲଣର ପ୍ରଥମ ଦିନ ଅର୍ଥାତ ଶ୍ରାବଣ ଶୁକ୍ଳ ଦଶମୀ ଦିନ ମଧାହ୍ନ ଧୂପ ବଢ଼ିବା ପରେ ଭିତର ଗମ୍ଭୀରରେ ପାଣି ପଡି ଧୁଆ ଯିବା ପରେ ଖୁଂଟିଆ ପୁଷ୍ପାଳକଙ୍କୁ ଡାକିଥିଲେ । ଏହି ସମୟରେ ଗରାବଡୁ ସେବକଙ୍କ ଠାରୁ ହାତୁଆଣୀ ନେଇ ପୁଷ୍ପାଳକ ସେବକମାନେ ଶ୍ରୀ ଜୀଉମାନଙ୍କ ମଇଲମ କରିଥିଲେ । ପାଳିଆ ମେକାପ ତିନୋଟି ରୂପା ଗିନାରେ ଘଟୁଆରୀ ସେବକ ଦେଇଥିବା ଚନ୍ଦନକୁ ନେଇ ପାଳିଆ ପୁଷ୍ପାଳକଙ୍କୁ ବଢ଼ାଇଥିଲେ । ତିନି ବାଡ଼ରେ ସର୍ବାଙ୍ଗ ଚନ୍ଦନ ଲାଗି କଲାପରେ ଶ୍ରୀଜୀଉମାନଙ୍କ ବେଶ ବଢିଥିଲା। ସେବକମାନେ ରତ୍ନସିଂହାସନରୁ ଶ୍ରୀଦେବୀ ଓ ଭୂଦେବୀଙ୍କୁ ଦକ୍ଷିଣୀ ଘର ପ୍ରାଙ୍ଗଣରେ ଖଟଶେଜ ମେକାପ ପକାଇଥିବା ଶେଜ ଉପରେ ବିଜେ କରାଇଥିଲେ ଓ ଦକ୍ଷିଣୀ ଘରୁ ମଦନମୋହନଙ୍କୁ ଆଣି ବିଜେ କରାଇଥିଲେ । ଏହିଠାରେ ତିନି ଦିଅଁଙ୍କ ବେଶ ମହାଜନ ସେବାୟତ କରିଥିଲେ । ଏହାପରେ ପୂଜାପଣ୍ଡା ସେବକ ତିନି ଗୋଟି ସରାରେ ତିନି ଗୋଟି ମାଣ୍ଡୁଅ ସର୍ପାମଣୋହି ପୂର୍ବକ ଭୋଗ କରିଥିଲେ । ପରେ ଦକ୍ଷିଣୀ ଘରେ ବିରାଜିତ ସମସ୍ତ ଚଳନ୍ତି ପ୍ରତିମାଙ୍କ ନିକଟରେ ଭୋଗ ହୋଇଥିଲା। ତତ୍ପରେ ଛାମୁ ଦିହୁଡ଼ି ସହ ଶ୍ରୀଦେବୀ, ଭୂଦେବୀ ଓ ମଦନମୋହନ ରତ୍ନସିଂହାସନ ବିଜେ କରିଥିଲେ। ସେଠାରେ ପୁଷ୍ପାଳକ ସେବକମାନେ ତିନି ବାଡ଼ରେ କର୍ପୁର ଲାଗି କରିବା ପରେ ସିଂହାସନରୁ ଓହ୍ଲାଇ ତିନି ବାଡ଼ରେ ସାନ୍ଧ୍ୟ ଆଳତି କରିଥିଲେ । ଏହାପରେ ଜନୈକ ପୂଜାପଣ୍ଡା ସେବକ ହାତୁଆଣି ନେଇ ମହାପ୍ରଭୁଙ୍କ ଦକ୍ଷିଣ ଭୁଜରୁ ଆଜ୍ଞାମାଳ ନେଇ ଶ୍ରୀ ମଦନମୋହନଙ୍କୁ ଓ ଉତର ଭୁଜର ଦୁଇ ଆଜ୍ଞାମାଳ ଭୂଦେବୀ ଓ ଶ୍ରୀଦେବୀଙ୍କୁ ଲାଗି କରିଥିଲେ । ତତ୍ପରେ ଛାମୁ ଦିହୁଡ଼ି ସହ ମହାଜନ ସେବକମାନେ ତିନି ଚଳନ୍ତି ପ୍ରତିମାଙ୍କୁ ହସ୍ତରେ ବିଜେ କରାଇ ଜଗମୋହନ, ବଟ ଦ୍ୱାର ଦେଇ ଝୁଲଣ ମଣ୍ଡପ ଦୋଳି ଉପରେ ବିଜେ କରାଇଥିଲେ। ଏଠାରେ ବିଡ଼ିଆ ମଣୋହି ହୋଇଥିଲା। ଭିତରେ ସନ୍ଧ୍ୟାଧୂପ ବଢ଼ିବା ପରେ ଝୁଲଣ ମଣ୍ଡପରେ ସୁଦୁ ସୁଆର ପାଣି ପକାଇବା ପରେ ଆସ୍ଥାନ ପ୍ରତିହାରୀ ଟେରା ବାନ୍ଧି ଶୀତଳ ଭୋଗ ପୂଜା ଠା କରିଥିଲେ। ତତ୍ପରେ ପାଳିଆ ପୂଜାପଣ୍ଡା ଆସି ପଂଚ ଉପଚାରରେ ପୂଜା କରିଥିଲେ। ଭୋଗ ଶେଷ ହେବା ପରେ ମୁଦିରସ୍ତ ବନ୍ଦାପନା ନୀତି ବଢ଼ାଇଥିଲେ । ରତ୍ନସିଂହାସନରେ ଶ୍ରୀଜୀଉଙ୍କ ଚନ୍ଦନ ଲାଗି ନୀତି ସରିବା ପରେ ଝୁଲଣ କୁଞ୍ଜରେ ମହାଜନ ମାନେ ମଇଲମ କରି ଶ୍ରୀ ମଦନମୋହନଙ୍କୁ ଦକ୍ଷିଣୀ ଘର ଓ ଶ୍ରୀଦେବୀ, ଭୂଦେବୀଙ୍କୁ ରତ୍ନସିଂହାସନ ବିଜେ କରାଇଥିଲେ ।

# ଶିକ୍ଷକ ନିଯୁକ୍ତି ସହ ତୃତୀୟ ଓ ଚତୁର୍ଥ ଶ୍ରେଣୀ ନିଯୁକ୍ତି ଜିଲ୍ଲାସ୍ତରୀୟ କରାଯାଉ: ତାରା

ଜୟପୁର, ୨୬/୦୮ (ନି.ପ୍ର): ରାଜ୍ୟ ସରକାର ଶିକ୍ଷକ ନିଯୁକ୍ତି ପାଇଁ ଯୋଜନା କରିଛନ୍ତି, ଯାହା ଜିଲା ସ୍ତରୀୟ ହେବ ବୋଲି ମଧ ଉଲ୍ଲେଖ କରିଛନ୍ତି । କିନ୍ତୁ, କେତେକ କୁଚକ୍ରାନ୍ତକାରୀ ଗୋଷ୍ଠି ନେତା ଏହି ନିଯୁକ୍ତିକୁ ରାଜ୍ୟ ସ୍ତରିୟ କରିବା ପାଇଁ ଉଦ୍ୟମ କରୁଥିବାରୁ ଏହାକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହନିପତି ବିରୋଧ କରିଛନ୍ତି । ଶିକ୍ଷକ ନିଯୁକ୍ତି ସହ ତୃତିୟ ଓ ଚତୁର୍ଥ ଶ୍ରେଣି ନିଯୁକ୍ତିକୁ ଜିଲା ସ୍ତରିୟ କରିବା ସହ ଓଏସଏସଟିଇଟି ରେ ଯେପରି ପରୀକ୍ଷାର୍ଥିଙ୍କୁ କୋହଳ କରାଗଲା ସେପରି ଓଟିଇଟିରେ ମଧ କରାଯାଉ । ନଚେତ ଆଗାମୀ ଦିନରେ ଅବିଭକ୍ତ କୋରାପୁଟ ଜିଲାକୁ ବନ୍ଦ କରାଯିବ ବୋଲି ଚେତାବନୀ ଦେଇଛି । କୋରାପୁଟରେ ଥିବା ବିଇଡି କଲେଜକୁ ଦୀର୍ଘ ୩ ବର୍ଷ ହେବ ବନ୍ଦ କରିଛନ୍ତି । ଜୟପୁର ବିକ୍ରମଦେବ ବିଶ୍ୱ ବିଦ୍ୟାଳୟରେ ଥିବା ବିଇଡିକୁ ମଧ ବନ୍ଦ କରିଛନ୍ତି । ଫଳରେ ଏଠାକାର ପିଲା ମାନେ ବାହାର ରାଜ୍ୟର ବିଶ୍ୱ ବିଦ୍ୟାଳୟରେ ବିଇଡି କରୁଛନ୍ତି । ସେଠାକାର ଲୋକ ମାନେ ଠକି ଲକ୍ଷ ଲକ୍ଷ ଟଙ୍କା ନେଇ ଜାଲ ସାର୍ଟିଫିକେଟ ଦେଉଛନ୍ତି । ଏଠାକାର ପିଲା ଜାଣିପାରୁ ନଥିବା ବେଳେ ଏଠାରେ ନିଯୁକ୍ତି ପାଉଛନ୍ତି । ଏବେ ବର୍ତ୍ତମାନ ରାଜ୍ୟ ସରକାର ସାର୍ଟିଫିକେଟ ଯାଂଚ୍ କରି ନକଲି କହି ଗିରଫ କରୁଛନ୍ତି । ଫଳରେ ସରକାରଙ୍କ ଅବହେଳା ଯୋଗୁଁ ଶିକ୍ଷିତ ଯୁବକ ଯୁବତୀଙ୍କ ଭବିଷ୍ୟତ ନଷ୍ଟ ହେଉଛି। ସେଥିପାଇଁ ଦାୟୀ କିଏ ବୋଲି ବିଧାୟକ ପ୍ରଶ୍ନ କରିଛନ୍ତି । ସରକାର ବିଇଡି କଲେଜ ଖୋଲିବେ ନାହିଁ, ଥିବା କଲେଜକୁ ବନ୍ଦ କରିବେ ତେବେ ଏଠାକାର ଶିକ୍ଷିତ ଯୁବକ ଯୁବତୀ କଣ କରିବେ । ଏନେଇ ଆଜି ଜୟପୁର ସହ କୋରାପୁଟ ଜିଲାର ଶିକ୍ଷିତ ଯୁବକ ଓ ଯୁବତୀ ମାନେ ଏକତ୍ରିତ ହୋଇ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତିଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି ।ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ତାଲିମପ୍ରାପ୍ତ ଶିକ୍ଷକ, ନର୍ସିଂ, ଅମିନ ଆଦି ପଦବୀ ନିମନ୍ତେ ଜିଲାଭିତିକ ନିଯୁକ୍ତି ଦେବା ପାଇଁ ଦାବି କରିଛନ୍ତି। ବିଗତ ଦିନରେ ସମସ୍ତ ତୃତିୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରି ମାନଙ୍କ ପାଇଁ ରାଜ୍ୟ ସ୍ତରୀୟ ନିଯୁକ୍ତି ପାଇଁ ପରୀକ୍ଷା କରାଯାଇଛି ।

## ନିର୍ମାଣ ଶ୍ରମିକ ସହାୟତା ବଂଟନ ଶିବିର

ବଲାଙ୍ଗୀର, ୨୬/୦୮ (ନି.ପ୍ର): ଆଜି ୨୬ତାରିଖ ରେ ବେଲପଡା ବ୍ଲକର ନବୀନ ମେହେର କଲ୍ୟାଣ ମଣ୍ଡପ ଠାରେ ନିର୍ମାଣ ଶ୍ରମିକ ସହାୟତା ବଂଟନ ଶିବିର ଅନୁଷ୍ଠିତ ହୋଇଅଛି। ଏହି ସହାୟତା ବଂଟନ ଶିବିରରେ ମୋଟ ୨୨୫ ଜଣ ହିତାଧିକାରୀଙ୍କୁ ନୂତନ ପଞ୍ଜିକରଣ କରାଯାଇ ଲେବର କାର୍ଡ ଦିଆଯାଇଥିଲ, ୧୫ ହିତାଧିକାରୀଙ୍କ ମନୋନୀତ ବ୍ୟକ୍ତିଙ୍କୁ ମୃତ୍ୟୁ ସହାୟତା ଦିଆଯାଇଥିଲା, ୧୫ ହିତାଧିକାରୀଙ୍କ ମନୋନୀତ ବ୍ୟକ୍ତିଙ୍କୁ ଅନ୍ତେଷ୍ଟିକ୍ରିୟା ସହାୟତା ଦିଆଯାଇଥିଲା, ୫୯ ଜଣ ହିତାଧିକାରୀଙ୍କୁ ନିଜ ପାଇଁ ତଥା ନିଜ ଝିଅ ବାହାଘର ପାଇଁ ବାହାଘର ସହାୟତା ଦିଆଯାଇଥିଲା ଏବଂ ୧୬ ଜଣ ପଂଜିକୃତ ନିର୍ମାଣ ଶ୍ରମିକଙ୍କ ପିଲାଙ୍କ ପାଠପଢା ପାଇଁ ଶିକ୍ଷାବୃତି ସହାୟତା ଦିଆଯାଇଥିଲା ଓ ଏହି ଶିବିରରେ ମୋଟ ୬୦,୭୬,୨୦୦/- ଟଙ୍କା ର ସହାୟତା ରାଶି ବଂଟନ କରାଯାଇଥିଲା ଓ ଏହି ନିର୍ମାଣ ଶ୍ରମିକ ସହାୟତା ବଂଟନ ଶିବିରରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଜିଲ୍ଲା ପରିଷଦ ମେମ୍ବର ଶ୍ରୀ ଜୟ ଧାରୁଆ, ବେଲପଡ଼ା, ବ୍ଲକ ଚେୟାରମ୍ୟାନ ବେଲପଡା ଶ୍ରୀମତୀ ଟିନା କୁମ୍ଭାର, ବ୍ଲକ ଚେୟାରମ୍ୟାନ ପାଟଣାଗଡ଼ ଶ୍ରୀ ନୀଳକଣ୍ଠ ବଗ, ଉପଜିଲ୍ଲାପାଳ, ପାଟଣାଗଡ ଡ଼. ବିଜୟାନନ୍ଦ ସେଠି ଯୋଗ ଦେଇଥିଲେ ଓ ଏହି ନିର୍ମାଣ ଶ୍ରମିକ ସହାୟତା ବଂଟନ ଶିବିର ଶ୍ରୀ ସୁକାନ୍ତ ସେଠି, ଜିଲ୍ଲା ଶ୍ରମ ଅଧିକାରୀ ପରିଚାଳନା କରିଥିଲେ, ଏବଂ ଅଶୋକ କୁମାର ଡୁଙ୍ଗ ଡୁଙ୍ଗ, ଗ୍ରାମୀଣ ଶ୍ରମ ନିରୀକ୍ଷକ , ଶ୍ରୀ. ପ୍ରଶାନ୍ତ କୁମାର ସୁନା, ଗ୍ରାମୀଣ ଶ୍ରମ ନିରୀକ୍ଷକ ଏବଂ କେ. ଦିଲିଶ୍ୱର ରାଓ, ମଙ୍ଗଳ ସଂଯୋଜକ ଉପସ୍ଥିତ ରହି ସଭାର ସଫଳତା ପାଇଁ ସହଯୋଗ କରିଥିଲେ। ମୃତ୍ୟୁସହାୟତା ୧୫ ଜଣ ହିତାଧିକାରୀଙ୍କ ମନୋନୀତ ବ୍ୟକ୍ତିଙ୍କୁ ୩୦,୦୦,୦୦୦ ଅନ୍ତେଷ୍ଟିକ୍ରିୟା ସହାୟତା ୧୫ ଜଣ ହିତାଧିକାରୀଙ୍କ ମନୋନୀତ ବ୍ୟକ୍ତିଙ୍କୁ ୭୫,୦୦୦ ବିବାହ ସହାୟତା ୫୯ ଜଣ ହିତାଧିକାରୀଙ୍କୁ ୨୯,୨୫,୦୦୦ ଶିକ୍ଷା ସହାୟତା ୧୬ ଜଣ ହିତାଧିକାରୀଙ୍କୁ ୭୬,୨୦୦ ମୋଟ - ୬୦,୭୬,୨୦୦ ଦିଆଯାଇଥିଲା।

# ନାବାଳିକା ଅପହରଣ ମାମଲା: ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଧାରଣାରେ ବସିଲେ ମାଆ

କୋରେଇ, ୨୬/୦୮ (ନି.ପ୍ର): ଯାଜପୁର ଜିଲ୍ଲା ବିଂଝାରପୁର ଥାନାରୁ ନାବାଳିକା ଅପହରଣ ମାମଲାରେ ନ୍ୟାୟ ନପାଇ ଶେଷରେ ଗତ ୧୯ ତାରିଖ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆରକ୍ଷୀ ଅଧିକ୍ଷକଙ୍କ ପାଖରେ ବାରମ୍ବାର ଗୁହାରୀ ପରେ ନ୍ୟାୟ ନମିଳିବାରୁ ନାବାଳିକାର ମାଆ ଦମୟନ୍ତି ସାହୁ ଜିଲ୍ଲା ପୁଲିସ ମୁଖ୍ୟାଳୟ ସମ୍ମୁଖରେ ଆଜି ଧାରଣାରେ ବସିଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନିରୁଦ୍ଧ ରାଉତରାୟ ଆଜି କାର୍ଯ୍ୟାନୁଷ୍ଠାନର ପ୍ରତିଶୃତି ଦେବା ସହ ବିଂଝାରପୁର ଥାନାକୁ ପଠାଇଥିଲେ । ଝିଅ ମିଳୁନଥିବାରୁ ସେ ଜୀବିତ କି ମୃତ ତାହା ସନ୍ଦେହଘେରରେ ଥିବା ବେଳେ ସପ୍ତାହେ ମଧରେ କାର୍ଯ୍ୟାନୁଷ୍ଠାନ ନହେଲେ ଜିଲ୍ଲା ପୁଲିସ ମୁଖ୍ୟାଳୟ ସମ୍ମୁଖରେ ଆତ୍ମାହୂତି ଦେବେ ବୋଲି ଘୋଷଣା କରିଛନ୍ତି ଦମୟନ୍ତି । ଦୀର୍ଘ ୪ ମାସ ହେଲା ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିଲେ ମଧ ପୁଲିସ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇନାହିଁ। ପୀଡିତାଙ୍କ ପରିବାର ବାରମ୍ବାର ଥାନାକୁ ଓ ଜିଲ୍ଲା ପୁଲିସ ମୁଖ୍ୟାଳୟ ଆସି ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ । ପ୍ରକାଶ ଯେ, ବିଂଝାରପୁର ଥାନା ଅନ୍ତର୍ଗତ ବାଳମୁକୁଳି ଗ୍ରାମର ସ୍ୱର୍ଗତଃ ସୁଶାନ୍ତ ସାହୁଙ୍କ ନାବଳିକା ଝିଅ (୧୭) ୨୦୨୩ ଅପ୍ରେଲ ୧୨ ତାରିଖ ସକାଳ ୭ଟା ସମୟରେ ଘର ସମ୍ମୁଖରେ କୁକୁର ବୁଲାଉଥିବା ବେଳେ ତାଙ୍କୁ ଉକ୍ତ ଥାନା ଅନ୍ତର୍ଗତ ତୋଟାସାହି (ମଧୁସୁଦନପୁର) ଗ୍ରାମର ହରି ଯେନାଙ୍କ ପୁଅ ଜିତେନ୍ଦ୍ର ଯେନା ଏକ ବାଇକରେ ଜବରଦସ୍ତ ବସାଇ ନେଇଯାଇଥିଲା। ଝିଅ ପାଟି କରିବା ପୂର୍ବରୁ ସେଠାରୁ ସେ ଦ୍ରୁତ ଗତିରେ ବାଇକ୍ ନେଇ ପଳାଇଯାଇଥିଲା। ଝିଅକୁ ବହୁ ଖୋଜା ଖୋଜି କରି ନପାଇବା ପରେ ନାବାଳିକାଙ୍କ ମା ଦମୟନ୍ତି ସାହୁ ଝିଅ ଅପହରଣ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୧୩୫/୨୩ ରେ ରୁଜ୍ଜୁ କରି ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ, ପୁଲିସ ଅଭିଯୁକ୍ତଙ୍କୁ ଧରିବା ବଦଳରେ ନାବାଳିକାଙ୍କ ମାଙ୍କୁ ବାରମ୍ବାର ଥାନାକୁ ଡକାଇ ମାନସିକ ନିର୍ଯ୍ୟାତନା ଦେଉଛି। ଅଭିଯୁକ୍ତଙ୍କର ଜଣେ ସମ୍ପର୍କୀୟ ଥାନାର କର୍ମଚାରୀ ହୋଇଥିବାରୁ ପୁଲିସ ତଦନ୍ତ ନକରି ହାତବାନ୍ଧି ବସିଛି ବୋଲି ଦମୟନ୍ତି ଅଭିଯୋଗ କରିଛନ୍ତି। ଥାନାବାବୁଙ୍କ ପକ୍ଷପାତିତାକୁ ନେଇ ୪ ମାସ ମଧରେ ଦମୟନ୍ତି ୪ ଥର ଜିଲ୍ଲା ପୁଲିସ ମୁଖିଆଙ୍କ ନିକଟରେ ମଧ ଫେରାଦ ହୋଇସାରିଛନ୍ତି। କିନ୍ତୁ, ଆଜି ପର୍ଯ୍ୟନ୍ତ କୌଣସି ନ୍ୟାୟ ପାଇପାରି ନାହାନ୍ତି। ଦମୟନ୍ତିଙ୍କ ସ୍ୱାମୀ ସୁଶାନ୍ତ ୯ ବର୍ଷ ହେଲା ଆରପାରିରେ। ପରିବାର କହିଲେ ଗୋଟିଏ ବୋଲି ଝିଅକୁ ନେଇ ସେ ବଂଚୁଥିଲେ । ଝିଅ ଚାଲିଗଲା ପରେ ପୁରା ଭାଙ୍ଗି ପଡିଛନ୍ତି ଦମୟନ୍ତି। ଆଜି ଧାରଣାରେ ବସିବେ ବୋଲି ପୂର୍ବରୁ ପୁଲିସ ମୁଖ୍ୟାଳୟରେ ଅବଗତ କରାଇଥିଲେ । ସବୁ ସତ୍ୱେ ମଧ ପୁଲିସ ଅପହରଣକାରୀଙ୍କୁ ଏଯାବତ୍ ଗିରଫ କରିପାରିନାହିଁ । ଫଳରେ ଆଜି ଶେଷରେ ନିରୁପାୟ ଦମୟନ୍ତି ପାଣିକୋଇଲି ସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟ ସମ୍ମୁଖରେ ସମ୍ପର୍କୀୟଙ୍କ ସହ ଧାରଣାରେ ବସିଥିଲେ ।

## ବରୀ ବ୍ଲକରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ଧର୍ମଶାଳା, ୨୬/୦୮ (ନି.ପ୍ର): ଯାଜପୁର ଜିଲା ବରୀ ବ୍ଲକ କିମ୍ବିରିଆପାଳ ପଂଚାୟତ କାର୍ଯ୍ୟାଳୟ ପରିସରରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ମିଶନ ଯୋଜନା ପକ୍ଷରୁ ବ୍ଲକ ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବରୀ ବ୍ଲକ ଉନ୍ନୟନ ଅଧିକାରୀ ନମିତା ବାରିକ,ସମ୍ମାନୀତ ଅତିଥିଭାବେ ବରୀ ବ୍ଲକ ଉଦ୍ୟାନ କୃଷି ଅଧିକାରୀ ଗୁରୁଭା ମୁର୍ମୁ, ଧର୍ମଶାଳା ଉଦ୍ୟାନ କୃଷି ଅଧିକାରିଣୀ ଶଭୁଶ୍ରୀ ଶୁଭଦର୍ଶିନୀ , ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ସଂଗୀତ ପ୍ରଧାନ, ସ୍ଥାନୀୟ ଲୋକ ପ୍ରତିନିଧି ଅଭିମନ୍ୟୁ ସାହୁ, ବିଟିଏମ୍ ତପନ କୁମାର ପରିଡା, ଉଦ୍ୟାନ କୃଷି ସମ୍ପ୍ରସାରଣ କର୍ମଚାରୀ ମୋନାଲିସା ଅଧିକାରୀ, ଅମିତ କୁମାର ସାହୁ,ବିଏଲସି ପ୍ରିୟଙ୍କା ଦାସ ଓ ବିପିସି ମିଶନ ଶକ୍ତି ସଂଗ୍ରାମ କୁମାର ବେହେରା ପ୍ରମୁଖ ଯୋଗ ଦେଇ ଦକ୍ଷତା ବିଷୟ ପ୍ରଗତି ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ବାଇଁଶିରିଆ, କିମ୍ବିରିଆପାଳ ସମେତ ଆଖପାଖ ଅଂଚଳର ଅଗ୍ରଣୀ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ ଦକ୍ଷତା ମହିଳାମାନେ ତାଲିମ ନେଇଥିଲେ ।

## କୁପରଲିଙ୍ଗା ଫୁଟ୍‌ବଲ୍ ଟିମ୍ ୩-୨ ଗୋଲରେ ବିଜୟୀ

ମାଲକାନଗିରି, ୨୬/୦୮ (ନି.ପ୍ର): ମାଲକାନଗିରି ସହର ଡି. ଏନ୍. କେ ଖେଳ ପଡିଆ ଠାରେ ଲେଟ୍ ଫୁଟ୍ ବଲ୍ ପ୍ଲେୟାର ମେମୋରିଆଲ୍ କପ୍ ୨୦୨୩ ଖେଳ ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ କୁପର ଲିଙ୍ଗା ଟିମ୍ ଓ ଖଇରପୁଟ ୟାରୀଅର ଟିମ୍ ମଧରେ ସଂଘର୍ଷ ପୁର୍ଣ ଏବଂ ଚିତାକର୍ଷକ ଖେଳ ହୋଇଥିଲା । ଏଥିରେ କୁପରଲିଙ୍ଗା ଟିମ୍ ତିନି ଦୁଇ ଗୋଲରେ ରୋମାଂଚକ ବିଜୟ ଲାଭ କରିଥିଲେ । ଆଜିର ଏହି ଖେଳରେ ମୁଖ୍ୟ ଅତିଥି ଭାବରେ ମାଲକାନଗିରି ଜିଲ୍ଲା ଆଇନ୍ ଜୀବୀ ସାମ୍ମୁଖ୍ୟ ସଭାପତି ତଥା ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ଗୋପାଳ କୃଷ୍ଣ ପଣ୍ଡା ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଫୁଟ ବଲ୍ ରେ ବିଜୟ ହୋଇଥିବା ଟିମ୍ ଙ୍କୁ ଟ୍ରଫି ପୁରସ୍କାର କରିଛନ୍ତି । ଏଥିରେ ଅନ୍ୟତମ ଅତିଥି ମାନଙ୍କ ମଧରେ ରାଜ୍ୟ ଯୁବ ସମ୍ପାଦକ ବ୍ରି ରାଜେଶ, ଜିଲ୍ଲା ଯୁବ ଉପସଭାପତି କଂଟେଶ ପଟଲା ,ଯୁ ସଭାପତି ମାଲକାନଗିରି ନିର୍ବାଚନ ମଣ୍ଡଳୀ ବାବୁ ଗୁପ୍ତା, ବ୍ଲକ ଯୁବ ସଭାପତି ଖଇରପୁଟ ବିନୋଦ କୁମାର ଦେଶିଆନାୟକ, ଜିଲ୍ଲାଯୁବ ସଧାରଣ ସମ୍ପାଦକ ପ୍ରଫୁଲ୍ଲ ହରିଜନ ,ଜିଲ୍ଲା ଯୁବ ସମ୍ପାଦକ ବସନ୍ତ ନାୟକ,ବରିଷ୍ଠ ନେତା ଏସ୍ ୍ାଲା ଅତିଥି ଭାବରେ ଯୋଗ ଦେଇଥିଲେ !ରେଫରି ପପୁ ସିଂହ, କମେଂଟର ଶଙ୍କର କ୍ଷିତି ପ୍ରମୁଖଙ୍କ ସହ ଶତାଧିକ ଖେଳ ପ୍ରେମୀ ଉପସ୍ଥିତ ଥିଲେ ।

# ଡେଙ୍ଗୁ ମେଲେରିଆ ନିରାକରଣ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତିକରଣ ବୈଠକ ଅନୁଷ୍ଠିତ

ବଲାଙ୍ଗୀର, ୨୬/୦୮ (ନି.ପ୍ର): ଓଡିଶା ସରକାରଙ୍କ ପରିବାର କଲ୍ୟାଣ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ଗତକାଲି ୨୫ ତାରିଖରେ ବଲାଙ୍ଗୀର ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟ ମିଶନ ସଭାଗୃହ ମଧରେ ଓଡିଶା ରାଜ୍ୟରେ ଡେଙ୍ଗୁ ରୋଗର ପ୍ରବଣତାକୁ ଆଖି ଆଗରେ ରଖି ବିଭିନ୍ନ ସରକାରୀ ବିଭାଗ ଓ ଏନ.ଜି.ଓ, ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ କର୍ମଚାରୀ, ପୌରପରିଷଦ, ଶିକ୍ଷା ବିଭାଗ, ଜନ ସ୍ୱାସ୍ଥ୍ୟ ବିଭାଗ ଆଦିକୁ ନେଇ ଏକ ସଂଯୋଗୀକରଣ ତଥା ସ୍ଥିତି ମୁକାବିଲା ପାଇଁ ଜରୁରୀକାଳୀନ ବୈଠକର ଆୟୋଜନ କରାଯାଇଥିଲା। ଉକ୍ତ ସଂଯୋଗୀକରଣ ସଭା ମଧରେ ଡା. କୁବେର ଚନ୍ଦ୍ର ମହନ୍ତ (ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ) ଡେଙ୍ଗୁ ସମ୍ବନ୍ଧୀୟ ଏକ ବିସ୍ତାର ଉପସ୍ଥାପନ ପ୍ରଦାନ କରିଥିଲେ ଏହା ମଧରେ କେତେକ ସ୍ୱତନ୍ତ୍ର ଏହି ରୋଗର ଲକ୍ଷଣ: ଜ୍ୱର ଓ ଗଣ୍ଠି ଯନ୍ତ୍ରଣା ଓ ଦେହ ପୀଡା ଅନୁଭବ ହୁଏ। ଏହା ଭୁତାଣୁ ସଂସ୍ପର୍ଶରେ ଆସିବାର ୨ରୁ ୧୨ ଦିନ ପରେ ଏହି ଲକ୍ଷଣମାନ ଦେଖାଯାଏ । ଅଧିକାଂଶ ରୋଗୀ ଏକ ସପ୍ତାହ ଭିତରେ ସରକାରୀ ଚିକିତ୍ସା ବଶତଃ ଭଲ ଅନୁଭବ କରନ୍ତି କିନ୍ତୁ ବେସରକାରୀ ଚିକିତ୍ସା ଏହାକୁ ବିପଦପୂର୍ଣ୍ଣ କରାଇଥାଏ ବୋଲି ଜଣାଇଥିଲେ। ଏହା ଛଡା ଏହି ରୋଗ ଏଡିସ୍ ମଶା ଦ୍ୱାରା ବ୍ୟାପୁଥିବାରୁ ଏହାପାଇଁ ଲୋକ ସଚେତନତାକୁ ବୃଦ୍ଧି କରାଯିବା ଆବଶ୍ୟକ, ଯେପରି ସହର ମଧରେ କୌଣସି ସ୍ଥାନରେ ଯଥା ପାଣି କୁଲର, ଫୁଲ ଗମଲା, ଖୋଲା ସ୍ଥିର ପାଣି ଜମାହୋଇ ନ ରହିବା ପାଇଁ ବ୍ୟାପକ ଜନ ସଚେତନତା ଆବଶ୍ୟକ ହୋଇଥାଏ। ଅଳ୍ପ ବୟସର ଯୁବକ, ବୃଦ୍ଧ ଓ ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଥିବା ଲୋକ ଏହି ରୋଗ ସଙ୍କଟରେ ଅଧିକ ରହନ୍ତି। ଏହି ବର୍ଷା ଋତୁରେ ଦୁଇ ପ୍ରଜାତିର ମଶାଙ୍କ ଦ୍ୱାରା ଏହି ରୋଗ ମାନବରୁ ମାନବକୁ ବ୍ୟାପିଥାଏ, ସେହି ମଶାଙ୍କର ନାମ ଏଡିସ୍ ? ଆଲବୋପିକ୍ଟସ ଓ ଏଡିସ ଇଜିପ୍ଟି । ଏହି ମଶା ମୁଖ୍ୟତଃ ଦିନରେ କାମୁଡ଼ନ୍ତି । ତା'ବାହାରେ ମେଲେରିଆର ପ୍ରବଣତା ମଧ ଏ ସମୟରେ ଦେଖାଦେଇଥାଏ। ରକ୍ତ ପରୀକ୍ଷାରେ ଭୁତାଣୁର ଆରଏନ୍‌ଏ ବା ଆଣ୍ଟିବଡି ମିଳିଲେ ରୋଗ ନିର୍ଣ୍ଣୟ ହୋଇଯାଏ। ଏଡିସ୍ ମଶା କାମୁଡି ଥିବା(ଡେଙ୍ଗୁ)ରୋଗୀ ଥରେ ସଂକ୍ରମିତ ହେଲେ ତାର ପ୍ଲାଟୀଲେଟ ଅଳ୍ପ ହୋଇଯିବାର ଲକ୍ଷଣ ଦେଖାଯାଏ ତେଣୁ ଏହାପାଇଁ ଘରୋଇ ଚିକିତ୍ସା ନକରି ଚିକିତ୍ସାଳୟରେ ଭର୍ତି ହୋଇ ଚିକିତ୍ସିତ ହେବା ଆବଶ୍ୟକ। ବଲାଙ୍ଗୀର ଜିଲ୍ଲାରେ ବର୍ତମାନ ସର୍ବମୋଟ ଏଗାର ଜଣ ରୋଗୀ ବିଭିନ୍ନ ସ୍ଥାନରୁ ସ୍ଥାନାନ୍ତରଣ ହୋଇ ଆସି ଏ ସହର ମଧରେ ଚିକିତ୍ସା ହେଉଛନ୍ତି କିଂତୁ ଏମାନେ ସ୍ଥାନୀୟ ବାସିନ୍ଦା ନୁହନ୍ତି, ଏମାନଙ୍କ ଚିକିତ୍ସାର ସମ୍ପୂର୍ଣ୍ଣ ଚିକିତ୍ସା ପାଇଁ ବିଭାଗ ପ୍ରଯତ୍ନ କରିଛି। ଡେଙ୍ଗୁ ରୋଗର ନିୟନ୍ତ୍ରଣ ନିମନ୍ତେ ସମ୍ପୂର୍ଣ୍ଣ ମଶା ନିୟନ୍ତ୍ରଣ ସ ?ହିତ ମଶା କାମୁଡ଼ା ଏଡ଼େଇବା ଆବଶ୍ୟକ। ଗୋଟିଏ ସ୍ଥାନରେ ସ୍ଥିର ଜଳ ନରଖିବା ଓ ମଶା ବିକର୍ଷକ ଔଷଧ ବ୍ୟବହାର କରିବା ସହିତ ମଶାରୀ ବ୍ୟବହାର କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ଗୁରୁ ସଭିଙ୍କୁ ପରାମର୍ଶ ଦେଇଥିବା ବେଳେ ବଲାଙ୍ଗିର ପୌର ପରିଷଦ ଅଧିକାରୀ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପୌର ପରିଷଦଙ୍କ ମିଳିତ ଉଦ୍ୟମ କ୍ରମେ ସହରକୁ ମୁକ୍ତ ପରିବେଶ ଓ ମଶାମୁକ୍ତ କରାଯାଇ ପାରିବ ବୋଲି ଜଣାଇଥିଲେ । ଡେଙ୍ଗୁର ପ୍ରାଦୁର୍ଭାବ ଥରଟିଏ ଆସିଗଲେ ଏହାକୁ ନିୟନ୍ତ୍ରଣ କରାଯିବା ବହୁତ କଠିନ ହୋଇପଡିଥାଏ ଏହା କେବଳ ଜନ ସଚେତନତା ଦ୍ୱାରା ଓ ଜିଲ୍ଲାରେ ନିୟୋଜିତ ସ୍ୱାସ୍ଥ୍ୟ କର୍ମୀମାନଙ୍କ ଏଦିଗରେ କାର୍ଯ୍ୟ କରିବା ଆନ୍ତରିକତା ହେଲେ ଏହାକୁ ଦମନ କରାଯାଇପାରିବ ବୋଲି ସ୍ୱାସ୍ଥ୍ୟ ମିଶନ ପ୍ରଜେକ୍ଟ ମ୍ୟାନେଜର ମୃତ୍ୟୁଞ୍ଜୟ ମୁଣ୍ଡ ସଭିଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ସଂଯୋଗୀକରଣ ସଭାରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଦିବ୍ୟକିଶୋର ପତି, ଡା. ତୁଷାରକାନ୍ତ ଠାକୁର, ବଲାଙ୍ଗିର ଜିଲ୍ଲା ଶିଶୁ ଉନ୍ନୟନ ପ୍ରକଳ୍ପ, ବି.ଇ.ଓ, ବଲାଙ୍ଗୀର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନେସନାଲ ପିସ ୟୁନିସନ, ରାଜେନ୍ଦ୍ର ଯୁବ ସଂଘ ଉଭୟ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଆଶା ଓ ଏ.ଏନ.ମ୍ ସ୍ୱାସ୍ଥ୍ୟ କର୍ମୀ ଗଣ ଯୋଗଦାନ କରିଥିଲେ। ଉପରୋକ୍ତ ସଂଯୋଗୀକରଣ ସଭାକୁ ଜିଲ୍ଲା ଅତିରିକ୍ତ ଜାତୀୟ ମିଶନ ମ୍ୟାନେଜର ରାମାନୁଜ ପଣ୍ଡା ଅଧକ୍ଷତା ଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ଲୋଇସିଂହା ଶିଶୁ ମନ୍ଦିରରେ ଗୀତା ସୁଗିତା କର୍ତ୍ତବ୍ୟା କାର୍ଯ୍ୟକ୍ରମ

ବଲାଙ୍ଗୀର, ୨୬/୦୮ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଲୋଇସିଂହା ରେ ପ୍ରଜ୍ଞାନ ମିଶନ ତରଫରୁ ଗୀତା ସୁଗୀତା କର୍ତବ୍ୟା କାର୍ଯ୍ୟକ୍ରମ ରୀନା ମିଶ୍ର ସଂସ୍କୃତ ଶିକ୍ଷିକା, ଓଏଭି ଝାରମୁଣ୍ଡାଙ୍କ ସଭାପତିତ୍ୱରେ ଗୀତା ଆବୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସଂଯୋଜକ ଚିତ ରଞ୍ଜନ ଷଡଙ୍ଗୀ, ସହ ସଂଯୋଜକ ସତ୍ୟ ପ୍ରକାଶ ବେଦବାକ୍ ଓ ରଘୁନାଥ ହୋତା ଯୋଗ ଦେଇଥିଲେ। ରଘୁନାଥ ହୋତା ମୁଖ୍ୟବକ୍ତା ଭାବେ ଅଭିଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ସତ୍ୟ ପ୍ରକାଶ ବେଦବାକ ମଂଚ ପରିଚାଳନା କରିଥିଲେ। ଶ୍ରୀମତୀ ମିଶ୍ର ଗୀତାଧ୍ୟାନ ସହ ଦୀପ ପ୍ରଜ୍ଜଳନବେଳେ ବିଦ୍ୟାଳୟର ଶିକ୍ଷକ/ ଶିକ୍ଷିକା ଏବଂ ସମସ୍ତ ପ୍ରତିଯୋଗୀ ଉପସ୍ଥିତ ଥିଲେ। ଏଥିରେ ଚାରୋଟି ବର୍ଗରେ ୩୫ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ 'କ' ବର୍ଗରେ ଯଥାକ୍ରମେ ସାଇ ଶିମାନ ସେଠ୍, ପ୍ରିତମ ତୁମନିଆ 'ଖ' ବର୍ଗରେ ଇନ୍ଦ୍ରାକ୍ଷୀ ସରାଫ୍, ସ୍ୱୀକୃତି ପଧାନ, ଲକ୍ଷ୍ମୀପ୍ରିୟା ମିଶ୍ର ଓ ତପସ୍ୱିନୀ ନାୟକ, 'ଗ' ବର୍ଗରେ ସ୍ୱାଗତ କୁମାର ଦାଶ, ମୋନିକା ରାଉତ ଓ ଉଜ୍ଜ୍ୱଳାରାଣୀ ସାହୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶେଷରେ ପ୍ରଜ୍ଞାନ ମିଶନ ଓ ବିଦ୍ୟାଳୟ ତରଫରୁ ଧନ୍ୟବାଦ ଅର୍ପଣ ସହ ସଭା ସାଙ୍ଗ କରାଗଲା।

## ୨ ଦିନିଆ ଆପଦା ପ୍ରବନ୍ଧନ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର, ୨୬/୦୮ (ନି.ପ୍ର): ରାଷ୍ଟ୍ରୀୟ ସେବା ଭାରତୀ ଆନୁକୂଲ୍ୟରେ ୨ ଦିନିଆ "ଆପଦା ପ୍ରବନ୍ଧନ ପ୍ରଶିକ୍ଷଣ ଶିବିର" ମଂଚେଶ୍ୱର ସ୍ଥିତ ସେବା ପରିସର ମଧରେ ଉଦଘାଟିତ ହୋଇଯାଇଛି। ଉତ୍କଳ ବିପନ୍ନ ସହାୟତା ସମିତିର ସଭାପତିଅକ୍ଷୟ କୁମାର ବିଞ୍ଚଙ୍କ ଅଧକ୍ଷତାରେ ଶିବିରଟି ଉଦଘାଟିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ପ୍ରାକୃତିକ ବିପର୍ଯ୍ୟୟ ଓ ଆକସ୍ମିକ ଦୁର୍ଘଟଣାରେ କିପରି ଧନ ଜୀବନ ରକ୍ଷା କରିବା ସହିତ ତୁରନ୍ତ ଏବଂ ଉପଯୁକ୍ତ ସେବା ଯୋଗାଇ ଦିଆ ଯାଇପାରିବ ସେଥିପାଇଁ ଏନ.ଡି.ଆର.ଏଫ, ରେଡକ୍ରସ ଓ ଅଗ୍ନିସମ ବିଭାଗ, ଓଡିଶା ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ପ୍ରଶିକ୍ଷଣ ଶିବିରରେ ୬ ଗୋଟି ରାଜ୍ୟ ଯଥା ଓଡିଶା, ପଶ୍ଚିମବଙ୍ଗ, ଝାଡଖଣ୍ଡ, ଛତିଶଗଡ, ଆସାମ ଓ ବିହାର (୧୩ ଟି ପ୍ରାନ୍ତର) ସ୍ୱୟଂସେବକମାନେ ଭାଗ ନେଇଛନ୍ତି। ରାଷ୍ଟ୍ରୀୟ ସେବା ଭାରତୀର ସଂଗଠନ ସଚିବ ସୁଧିର କୁମାର ଉଦବୋଧନ ଦେଇ କହିଥିଲେ ଯେ, ଆପଦା ସମୟରେ ସ୍ୱୟଂସେବକ ମାନଙ୍କର ଦକ୍ଷତାରେ ବିକାଶ ସାମ୍ପ୍ରତିକ ପରିସ୍ଥିତିରେ ଜରୁରୀ ହୋଇ ପଡିଛି। ଆଧୁନିକ ଜ୍ଞାନକୌଶଳର ସାହାଯ୍ୟ ନେଇ କେମିତି ସୁଚାରୁରୂପେ ଆପଦା ସମୟରେ ଧନ, ଜନ ଓ ଜୀବନର ସୁରକ୍ଷା ହୋଇ ପାରିବ ତା ଉପରେ ଗୁରୁତ୍ୱ ଦେଇଥିଲେ। ଏନ. ଡି. ଆର. ଏଫ. ର ଡେପୁଟି କମାଣ୍ଡାଂଟ ଧନଞ୍ଜୟ ଆପଦା ପୂର୍ବରୁ, ଆପଦା ସମୟରେ ଓ ଆପଦା ପରେ କିଭଳି ବିପନ୍ନ ଲୋକମାନଙ୍କୁ ସଜାଗ କରିବା ସଙ୍ଗେ ସଙ୍ଗେ ତାହାର ବିକଶିତ ଆଧୁନିକ ଜ୍ଞାନ କୌଶଳର ପ୍ରୟୋଗ ମାଧ୍ୟମରେ ସମସ୍ୟାର ଆଶୁ ସମାଧାନ ହୋଇ ପାରିବ ସେ ବିଷୟରେ ମତ ରଖିଥିଲେ।

## ବଲାଙ୍ଗିର ଜିଲ୍ଲା ବ୍ୟାଡମିଣ୍ଟନ ପ୍ରତିଯୋଗିତା : ସବୁ ବୟସ ବର୍ଗରେ ଫାଇନାଲ ମୁକାବିଲା ଆଜି

ବଲାଙ୍ଗୀର, ୨୬/୦୮ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ଆନୁକୁଲ୍ୟରେ ଅନୁଷ୍ଠିତ ହେଉଥିବା ବଲାଙ୍ଗୀର ଜିଲ୍ଲା ବ୍ୟାଡମିଂଟନ ଚମ୍ପିୟାନସିପ୍‌ରେ ଜିଲ୍ଲାର ସମସ୍ତ ଶିର୍ଷ ମାନ୍ୟତାପ୍ରାପ୍ତ ଖେଳାଳି ଫାଇନାଲ ଆଡକୁ ଅଗ୍ରସର ହେଉଛନ୍ତି। ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟଡିୟମରେ ହେଉଥିବା ଏହି ପ୍ରତିଯୋଗିତାରେ ସମସ୍ତ ବୟସ ବର୍ଗରୁ ରେକର୍ଡ ପରିମାଣର ୩୧୧ରୁ ଉର୍ଦ୍ଧ୍ୱ ଖେଳାଳି ଉଭୟ ବାଳିକା, ବାଳିକା, ମହିଳା ପୁରୁଷ ତଥା ଭେଟେରାନର ବିଭିନ୍ନ ବୟସ ବର୍ଗ ପ୍ରତିଯୋଗିତାରେ ଭାଗ ନେଇଛନ୍ତି । ଦ୍ୱିତୀୟ ଦିନ ଖେଳ ସନ୍ଧ୍ୟା ପର୍ଯ୍ୟନ୍ତ ୯ ବାଳକ ଓ ୧୧,୧୩ ଓ ୧୭ ବାଳିକା ବୟସ ବର୍ଗରେ ଫାଇନାଲ ଲଢେଇ ପ୍ରାୟତଃ ଚୁଡାନ୍ତ ହୋଇଯାଇଅଛି। ୯ ବୟସ ବର୍ଗର ବାଳକ ଫାଇନାଲ ଖେଳ ସମଜିତ ପାଢି ଓ ଅରୁଜ ମାହାଣା ଙ୍କ ମଧରେ ଅନୁଷ୍ଠିତ ହେଉଥିବା ବେଳେ ୧୧ ବୟସ ବର୍ଗ ବାଳିକା ବିଭାଗରେ ତମନ୍ନା ସାହୁ ଏବଂ ଆୟୁଷି ପଧାନ ମଧରେ ଅନୁଷ୍ଠିତ ହେବ । ଠିକ୍ ସେହିପରି ୧୭ ବୟସ ବର୍ଗ ବାଳିକା ବିଭାଗରେ ସଂପଦା ମହାନ୍ତି ଓ ନନ୍ଦିନୀ ଲାଲ ଙ୍କ ମଧରେ ଫାଇନାଲ ଖେଳ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ୧୩ ବୟସ ବର୍ଗ ବାଳିକା ବିଭାଗରେ ମିତାରାଣୀ ଠାକୁର ଓ ଶୁଭସ୍ମିତା ଛତ୍ରିଆ ଙ୍କ ମଧରେ ଅନୁଷ୍ଠିତ ହେବ। ୧୭,୧୯ ବୟସ ବର୍ଗରେ ଶିର୍ଷ ମାନ୍ୟତା ପ୍ରାପ୍ତ ଖେଳାଳି ଦିବ୍ୟମ୍ କେଜ୍ରିୱାଲ, ଜୈଶ ଅଗ୍ରୱାଲ, ଶ୍ରୀୟାଂଶ ଅଗ୍ରୱାଲ, ଆଦିତ୍ୟ ମହାପାତ୍ର ପ୍ରମୁଖ ନିଜ ନିଜ ବିଭାଗରେ ପରବର୍ତି ରାଉଣ୍ଡକୁ ଉନ୍ନିତ ହେଇଛନ୍ତି। ଜିଲ୍ଲା ବ୍ୟାଡମିଂଟନ ସଂଘର ସଂପାଦକ ସୁରୁଲାଲ ମଟାରି ପ୍ରତିଯୋଗିତାକୁ ନେଇ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଏହି ପ୍ରତିଯୋଗିତାରୁ ବାହାରୁଥିବା ଖେଳାଳି ଆଗାମୀ ଦିନରେ ନିଶ୍ଚିତ ଭାବରେ ରାଜ୍ୟରେ ବ୍ୟାଡ ମିଣ୍ଟନ ଖେଳରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିବେ। ତୃଣମୂଳ ସ୍ତରରୁ ପ୍ରତ୍ୟେକ ବୟସ ବର୍ଗ ର ପ୍ରତିଯୋଗିତାରେ କରିବାର ମୂଳ ଲକ୍ଷ୍ୟ ହେଲା ପ୍ରତିଭା ଚିହ୍ନଟ କରିବା ତେଣୁ ଜିଲ୍ଲା ବ୍ୟାଡ ମିଣ୍ଟନ ସଂଘ ଏହି କାର୍ଯ୍ୟକ୍ରମ ଲକ୍ଷ୍ୟ ହାସଲ ନ ହେଲା ପର୍ଯ୍ୟନ୍ତ ଜାରି ରଖିବ। ସମସ୍ତ ମ୍ୟାଚର ସୁପରିଚାଳନା ପାଇଁ ରାଜ୍ୟ ବ୍ୟାଡମିଂଟନ ସଂଘ ଦ୍ୱାରା ସ୍ୱିକୃତିପ୍ରାପ୍ତ ଚିଫ୍ ରେଫରି ହେମନ୍ତ ପ୍ରଧାନ, ଟେକନିଆଲ ଅଫିସିଆଲ ଅନନ୍ତ ବେହେରା, ମାନସ ମହାନ୍ତି, ଆଶିଷ ଦର୍ଜି, ଚନ୍ଦ୍ରଶେଖର ମିଶ୍ର, ରାଜ କିଶୋର ଶତପଥି, ବୈଷ୍ଣବ କବାଟ, ସୁନିଲ ବେହେରା ପ୍ରମୁଖ ଦାୟିତ୍ୱରେ ଅଛନ୍ତି । ମ୍ୟାଚ ସଂଯୋଜକ ଭାବରେ ସୁରେନ୍ଦ୍ର ନେପାଳ, କବିରାଜ ଠାକୁର, ବିରେନ ଲାଲ, ମ୍ୟାଚ କଂଟ୍ରୋଲର ଭାବରେ ଆକ୍ରମ ଖାନ, ସଟଲ କଂଟ୍ରୋଲର ଭାବରେ ଚନ୍ଦନ ମିଶ୍ର ଦାୟିତ୍ୱ ନିର୍ବାହ କରୁଛନ୍ତି । ଅନ୍ୟମାନଙ୍କ ମଧରେ ଜିଲ୍ଲା ବ୍ୟାଡ ମିଂଟନ ସଂଘ ସଭାପତି ଗୋପାଳ ଚନ୍ଦ୍ର ପଣ୍ଡା, ଉପଦେଷ୍ଟ ବିରେନ୍ଦ୍ର ମିଶ୍ର, ଜିଲ୍ଲା ଉନ୍ନୟନ କମିଟି ମୁଖ୍ୟ ଶୁଭ୍ରାଂଶୁ ଶେଖର ମିଶ୍ର, ଉପ-ସଭାପତି ଘନଶ୍ୟାମ ମିଶ୍ର, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଜିଲ୍ଲା ଉନ୍ନୟନ କମିଟି ସଂଯୋଜକ ଆଦିତ୍ୟ କେଜ୍ରିୱାଲ, ଶୁଶାନ୍ତ ଚୋପଦାର, ସୁଧିର ପଣ୍ଡା, ବାସୁଦେବ ବେହେରା, ସଂଜିବ ସାହାଣି, ଶୁଭମ ସାହୁ, ଲୋପନ ମିଶ୍ର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଏମିତି ନ ଘଟୁ

## ସୁବ୍ରତ ପଟ୍ଟନାୟକ



ଓଡ଼ିଶାରେ ଘଟିଛି ଦୁଇଟି ଜଘନ୍ୟ କାଣ୍ଡ। ପ୍ରଥମଟି ମୟୂରଭଂଜ ଓ ଦ୍ୱିତୀୟଟି କେନ୍ଦୁଝର ଜିଲ୍ଲାରେ। କୁତ୍ସିତ ଓ ବିଭତ୍ସ ଘଟଣାକୁ ବଖାଣୁଥିବାରୁ, ଆମେ ପାଠକଙ୍କ ନିକଟରେ କ୍ଷମା ପ୍ରାର୍ଥନା କରୁଛୁ। ପାଠକେ ଆମକୁ ନିଜ ଗୁଣରେ କ୍ଷମା ଦେବେ। ଅନିବାର୍ଯ୍ୟ କାରଣରୁ ଆମେ ଘଟଣାର ସ୍ଥାନ ଓ ବ୍ୟକ୍ତି ବିଶେଷଙ୍କ ନାମ ଗୋପନ ରଖୁଛୁ। ଯାହା ଘଟିଛି, ତାହା ଲେଖୁଛୁ।

ପ୍ରଥମ ଘଟଣା- ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ୍ ଇଲାକାର। ମାନସିକ ରୋଗରେ ଆକ୍ରାନ୍ତ ଜଣେ ଯୁବତୀ ପ୍ରାଣ ହରାଇଲେ। ତାଙ୍କ ଶବ ସତ୍କାରରେ ପରିବାର ବର୍ଗଙ୍କ ସହ ଯୋଗଦେଲେ ଦୁଇଜଣ ଦୂର ସମ୍ପର୍କୀୟ। ସତ୍କାର ଶେଷ ହେବା ପୂର୍ବରୁ ଶ୍ମଶାନରୁ ଫେରି ଆସିଲେ ଘର ଲୋକେ। ଅସ୍ଥି ଆଣିବାକୁ ରହିଲେ ଦୁଇ ସମ୍ପର୍କୀୟ। କେହି ନଥିବାର ସୁଯୋଗରେ ସେମାନେ ପିଇ ଚୁର୍ ହେଲେ। ଜୁଇରୁ ମୃତା ଯୁବତୀର ପୋଡ଼ା ମାଂସ ଆଣି ଖାଇବାରେ ଲାଗିଲେ। ତେବେ, କେହି ଜଣେ ଏହା ଦେଖିବା ପରେ ଘଟଣା ପ୍ରଘଟ ହେଲା। ପୁଲିସ ସେମାନଙ୍କୁ ବାନ୍ଧିଲା। ଜେଲରେ ଠୁଂକିଲା। ନିଶାସକ୍ତ ବ୍ୟକ୍ତି କହିଲେ- ଏମିତି କଲେ ମୃତା ଯୁବତୀର ଆତ୍ମା ଶାନ୍ତି ପାଇବ। ପୂର୍ବରୁ ସେମାନେ ପୋଡ଼ା ଶବ ଖାଇଥିଲେ କି ନା, ତାହା ହଠାତ୍ ଜଣା ପଡ଼ିନାହିଁ।

ଦ୍ୱିତୀୟ ଘଟଣା- କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ-ଇଲାକାର। ବାପା ସହିତ ଅବିବାହିତା ଯୁବତୀ ଝିଅର ଝଗଡ଼ା ହେଲା। ଝିଅଟି ଘର ଛାଡ଼ି ମାମୁଁ ଘରକୁ ପଳାଇଯିବାକୁ ଜିଦ୍ ଧରିଲା। ଜଣେ ସମ୍ପର୍କୀୟ ଯୁବକ ଯୁବତୀକୁ ମାମୁଁଘରେ ଛାଡ଼ିଦେବାକୁ ପ୍ରସ୍ତାବ ଦେଲା। ବାପ, ଝିଅ ଦୁହେଁ ରାଜି ହେଲେ। ମାତ୍ର ଯୁବକଟି ନିଛାଟିଆ ଜଙ୍ଗଲ ରାସ୍ତାରେ ଯୁବତୀକୁ ବଳାତ୍କାର କରିବାକୁ ଉଦ୍ୟମ କଲା। ଯୁବତୀଟି ବିରୋଧ କରିବାରୁ ଯୁବକଟି ତାକୁ ଏକ ପୋଲ ତଳକୁ ଠେଲି ଦେଲା। ପଥରରେ ପିଟି ହୋଇ ଯୁବତୀର ମୃତ୍ୟୁ ଘଟିଲା। ଏତିକିରେ ଯୁବକର ରାଗ ଶାନ୍ତ ହେଲାନାହିଁ। ପୋଲ ତଳକୁ ଆସି ମୃତା ଯୁବତୀ ସହିତ ଯୌନକ୍ରିୟା କଲା। ଯୁବତୀଟି ନିଖୋଜ ଥିବାରୁ ଖୋଜା ଚାଲିଲା। ପରେ ଯୁବତୀର ଅର୍ଦ୍ଧ ଉଲଗ୍ନ ମୃତ ଦେହ ପୋଲତଳୁ ଠାବ କରାଗଲା। ଅଭିଯୁକ୍ତ ଯୁବକକୁ ପୁଲିସ ଗିରଫ କରିଛି।

ଦୁଇଟିଯାକ ଘଟଣା ଅତି ବିଭତ୍ସ ଓ କୁତ୍ସିତ। ଯେତେ ନିନ୍ଦା କଲେବି, କମ୍ ହେବ। ଶବର ପୋଡ଼ା ମାଂସ ଖାଇବା କିମ୍ବା ମୃତା ଯୁବତୀ ସହ ଯୌନକ୍ରିୟା, କୌଣସି ସ୍ୱାଭାବିକ ମଣିଷର ପ୍ରକୃତି ନୁହେଁ। ଏସବୁକୁ ମାନସିକ କିମ୍ବା ଯୌନ ବିକୃତି ବୋଲି କୁହାଯାଇପାରେ। ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ବ୍ୟାପୁଛି କୁ-ସଂସ୍କାର ଓ ଅପସଂସ୍କୃତି। କେତେକ କ୍ଷେତ୍ରରେ ଅନ୍ଧ ବିଶ୍ୱାସ ହେଉଛି ପ୍ରାଣଘାତକ। ଫସଲ ପାଇଁ କିଆରିରେ ଶିଶୁ ବଳି, ରୋଗରୁ ମୁକ୍ତି ପାଇଁ ଚେଙ୍କ ଚିକିତ୍ସା, ମାନସିକ ରୋଗୀ ଓ ନିଃସନ୍ତାନ ମହିଳାକୁ ତାନ୍ତ୍ରିକର ବଳାତ୍କାର ଆଦି କେତେକ କ୍ଷେତ୍ରରେ ଘଟୁଛି। ଅନ୍ଧବିଶ୍ୱାସ ହିଁ ଏଭଳି ଅପରାଧର ମୂଳ କାରଣ। ତାନ୍ତ୍ରିକ ଓ ଦିଶାରି ଆଦିବାସୀ ଇଲାକାର ତ୍ରାଣକର୍ତ୍ତା। ସର୍ପାଘାତରେ ମୃତ୍ୟୁବରଣ କରିଥିବା ଲୋକକୁ ବଞ୍ଚାଇ ଦେବାକୁ ବି କେତେକ ତାନ୍ତ୍ରିକ ଘୋଷଣା କରନ୍ତି। ଝଡ଼ା ଫୁଙ୍କାରେ ସବୁକିଛି ସମ୍ଭବ ବୋଲି ନିରକ୍ଷର ଆଦିବାସୀଙ୍କର ବିଶ୍ୱାସ। ଗୁଣି ଗାରେଡ଼ି ଉପରେ ସେମାନଙ୍କର ଅଖଣ୍ଡ ଭରସା। ଡାହାଣୀ ସନ୍ଦେହରେ କେତେକ ମହିଳାଙ୍କୁ ତାନ୍ତ୍ରିକ ପ୍ରରୋଚନାରେ ବିଷ୍ଠା ଖାଇବାକୁ ବାଧ୍ୟ କରାଯାଏ। ଉଲଗ୍ନ କରାଯାଇ ଗାଁ ଦାଣ୍ଡରେ ବୁଲାଯାଏ। 'ଗୁପ୍ତ ଘଟଣା ପ୍ରଘଟ କଲେ ମୃତ୍ୟୁ ସୁନିଶ୍ଚିତ' ବୋଲି ଭୟ ଦେଖାଯାଏ। ଠାକୁରାଣୀଙ୍କ ସମ୍ମୁଖରେ ପୀଡ଼ିତାଙ୍କୁ ନିୟମ କରାଇ ବ୍ୟଭିଚାର ଚାଲେ। ପୂଜାର୍ଚ୍ଚନା ଆଳରେ ତାନ୍ତ୍ରିକ ମଦ ପିଇ କୁକୁଡ଼ା ମାଂସ ଖାଇ ଯୌନ ଶୋଷଣ କରନ୍ତି। ଜଘନ୍ୟ କାଣ୍ଡର ଶିକାର ହୋଇ କାହାର ମୃତ୍ୟୁ ଘଟିଲେ, ଲୋକଲଜ୍ଜ୍ୟା ଓ ପୁଲିସ ଭୟରେ ଏହାକୁ ଚପାଇ ଦିଆଯାଏ। କାଁ ଭାଁ ଘଟଣା ଲୋକଲୋଚନକୁ ଆସୁଛି। ମାତ୍ର ଅଧିକାଂଶ ଘଟଣା ପରଦା ଆଢୁଆଳରେ ଲୁଚି ଯାଉଛି। କେବଳ ସେତିକି ନୁହେଁ, ଉପଯୁକ୍ତ ସାକ୍ଷୀ ଓ ପ୍ରମାଣ ଅଭାବରୁ ଅପରାଧୀ ନିର୍ଦ୍ଦୋଷରେ ଖସି ଯାଉଛନ୍ତି। ଏହି ମୁକ୍ତ ସ୍ତମ୍ଭକାର କେନ୍ଦୁଝର ଜିଲ୍ଲାର ଅନେକ ଦୁର୍ଗମ ଜଙ୍ଗଲ ଇଲାକାକୁ ତଥ୍ୟ ସଂଗ୍ରହ ପାଇଁ ଯାଇଛି। ମାତ୍ର ଅଧିକାଂଶ କ୍ଷେତ୍ରରେ ଉପଯୁକ୍ତ ତଥ୍ୟ ଓ ପ୍ରମାଣ ଦେବାକୁ ଗ୍ରାମବାସୀ ଅରାଜି ହୋଇଛନ୍ତି।

ଏବେ ଆମେ ମୂଳ ପ୍ରସଙ୍ଗକୁ ଫେରିବା। ସମ୍ବିଧାନର ୨୧ ଧାରାରେ କୁହାଯାଇଛି- ପ୍ରତ୍ୟେକ ବ୍ୟକ୍ତିର 'ମର୍ଯ୍ୟାଦାପୂର୍ଣ୍ଣ ଭାବେ ଜିଇଁବାର ଅଧିକାର' ରହିଛି। ଆଇନଜୀବୀ ମଧ୍ୟ ଜାଣିଛନ୍ତି- କୌଣସି ବ୍ୟକ୍ତିକୁ ଅପମାନିତ ବା ଅମର୍ଯ୍ୟାଦା କରାଗଲେ ଦଣ୍ଡ ବିଧାନ ହେବ। ସଭିଁଏ ଏଥିରେ ଏକମତ ହେବା ସ୍ୱାଭାବିକ। ତେବେ, ଜଣେ ମୃତ ବ୍ୟକ୍ତି କ୍ଷେତ୍ରରେ ଏହା ପ୍ରଯୁଜ୍ୟ କି, ଏହା ହିଁ ଆଇନଜୀବୀଙ୍କ ପ୍ରଶ୍ନ। ଶବର ପୋଡ଼ା ମାଂସ ଭକ୍ଷଣ ଘଟଣାରେ ଏମିତି ଅନେକ ତର୍କ ବିତର୍କ ସୃଷ୍ଟି ହୋଇପାରେ। ଯୁବତୀକୁ ହତ୍ୟା ଘଟଣାରେ ଅପରାଧ ଆଇନର ୩୦୨ ଧାରା ପ୍ରଯୁଜ୍ୟ ହୋଇପାରେ। ମାତ୍ର ଶବ ସହ ଯୌନକ୍ରିୟାରେ ବଳାତ୍କାର ଅପରାଧ ଆଇନ ୩୭୬ ଧାରା ଲାଗୁ ହୋଇପାରିବ କି? ଦଣ୍ଡବିଧି ଆଇନ୍ ପ୍ରଣୟନ ସମୟରେ ଏଭଳି ଅପରାଧର ଦଣ୍ଡ ନିର୍ଦ୍ଧାରଣ ହୋଇନଥିଲା। ଏହାର କାରଣ, ଏଭଳି କୁତ୍ସିତ ଓ ବିକୃତି ଅପରାଧ ଘଟିବ ବୋଲି ସେତେବେଳର ଆଇନ୍ ପ୍ରଣୟନ କର୍ତ୍ତାଗଣ କଳ୍ପନା କରିନଥିଲେ। ସମାଜରେ ଏବେ ଏଭଳି ଜଘନ୍ୟ କାଣ୍ଡ ଘଟୁଥିବାରୁ ସାନି ଆଇନ୍ ପ୍ରଣୟନ କରାଯିବାର ଆବଶ୍ୟକତା ରହିଛି। ତା ନହେଲେ ଗୋଟିକ ପରେ ଗୋଟିଏ କୁତ୍ସିତ ଘଟଣା ବଢ଼ିବାରେ ଲାଗିବ । ବ୍ୟାଚେଲର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଆଇନମନ୍ତ୍ରୀ ଜଗନ୍ନାଥ ସାରକା ଏ ଦିଗରେ ଚିନ୍ତା କଲେ ଅଧିକ ମଙ୍ଗଳ ହେବ।

॥ ଜୟ ଜଗନ୍ନାଥ ॥


♥ ଓରାଳି, କେନ୍ଦୁଝର

ମୋ: ୯୯୩୭୭୯୧୨୪୪


# ଧାରାବାହିକ ଉପନ୍ୟାସ

# ବୈଦେହୀ



## ଡ.ଭାଗବତ ବେହେରା



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

### ଭାଗ-୧୫

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ସୁବାସିତ ଗନ୍ଧ, ଚନ୍ଦନ, ଅଗୁରୁ, କୁସୁମ ବିଛେଇ ହୋଇପଡ଼ିଛି ତା' ଉପରେ । ମୋତେ ସେହି ରଥରେ ବସାଇ ଦେଇ ମୋର ଭଉଣୀମାନେ କହିଥିଲେ, "ଅପାଲୋ ତୁ ପ୍ରକୃତରେ ଭାଗ୍ୟବତୀ । ଏଇ ଫୁଲରଥରେ ବସି ତୁ ତୋ ମନପୁଷ୍ପବନର ନାୟକକୁ ପ୍ରତୀକ୍ଷା କରି ରହିଥା । ଆମେ ତୋ ଆଗେଆଗେ ଫୁଲ ଚନ୍ଦନ ପକାଇ, ଚାମର ଢାଳି ଢାଳି ଚାଲୁଛୁ । ମା' ଭବାନୀଙ୍କୁ ପ୍ରାର୍ଥନା କରୁଛୁ ତୋର ମନୋକାମନା ସେ ପୂର୍ଣ୍ଣ କରନ୍ତୁ ।"

ପୁଷ୍ପରଥ ଗଡ଼ି ଚାଲିଲା ସ୍ୱୟମ୍ବର ସ୍ଥଳକୁ । ଚାରିପାଖକୁ ଅନାଇ ମୁଁ ଦେଖୁଥାଏ ସ୍ୱୟମ୍ବର ଶୋଭାକୁ । ସୁନା, ରୁପା, ହୀରା, ଲୀଳା, ମୋତି, ମାଣିକ୍ୟର ଛାଉଣୀରେ ପୂରିଉଠିଛି ମିଥିଳା ରାଜବାଟୀ । ସୁବର୍ଣ୍ଣ ଚାନ୍ଦୁଆରେ ଖଚିତ ସୁବର୍ଣ୍ଣ ଲତାରେ ହୀରା, ଲୀଳା, ମୋତିର ମାଳା ସବୁ ଓହଳି ରହିଛି । ଜାତିଜାତି ଫୁଲର ମାଳା ଝୁଲି ରହିଛି ସୁବର୍ଣ୍ଣ ଚାନ୍ଦୁଆରେ । ପଥାଧାରରେ ବିଛେଇ ହୋଇପଡ଼ିଛି ରାଶିରାଶି ଫୁଲ । ଚନ୍ଦନ କସ୍ତୁରୀର ପିଚକାରୀ ପରିଚାରିକାମାନେ ପକାଉଥାନ୍ତି । ଶଙ୍ଖ ହୁଳହୁଳି ଶବ୍ଦ ସାଂଗକୁ ଢୋଲ, ମହୁରୀ, ଭେରୀ ନାଦରେ କମ୍ପୁଥାଏ ମିଥିଳା ନଗରୀ । ନର୍ତ୍ତକୀ ମାନେ ନୃତ୍ୟ ସଂଗୀତରେ ଦର୍ଶକଙ୍କ ମନ ହରଣ କରୁଥାନ୍ତି । ନିମନ୍ତ୍ରିତ ରାଜା, ରାଜପୁତ୍ର, ରାଜନ୍ୟବର୍ଗ ଏ ଦୃଶ୍ୟ ଦେଖି ଅଭିଭୂତ ହୋଇ ପଡୁଥା'ନ୍ତି । ସଭିଙ୍କ ନେତ୍ର ଲାଖି ଯାଇଥାଏ ମୋରି ଉପରେ । ଚିତ୍ରଲେଖନ ପିତୁଳା ତୁଲ୍ୟ ସେମାନେ ମୋତେ ଅନାଇ ରହିଥା'ନ୍ତି । ଭାଟ ମାନଙ୍କ ତୁଣ୍ଡରେ ବେଦମନ୍ତ୍ରର ଧ୍ୱନି । ମଝିରେ ମଝିରେ ଜୟ ଜନକନନ୍ଦିନୀ ଜାନକୀଙ୍କର ଜୟ ଧ୍ୱନିରେ କମ୍ପୁଥାଏ ରାଜଦାଣ୍ଡ । ମୁଁ ତଟସ୍ଥ ହୋଇ ଯାଉଥାଏ ଏ ଦୃଶ୍ୟ ଦେଖି । ମୋ ପିତାଙ୍କର ଆଡ଼ମ୍ବରପୂର୍ଣ୍ଣ ସ୍ୱୟମ୍ବର ଦେଖି ମୁଁ ଭାବୁଥାଏ ମୋ ଜୀବନକୁ ଧନ୍ୟ କରି ଦେଇଛନ୍ତି ମୋ ପିତା । ଏହିଭଳି ଏକ ମଧୁର ବିଳାସମୟ ପରିବେଶ ମଧ୍ୟରେ ପୁଷ୍ପରଥ ଯାଇ ସ୍ୱୟମ୍ବର ସ୍ଥଳରେ ଅଟକିଥିଲା । ମୋର ଭଉଣୀମାନେ ରଥ ଉପରୁ ମୋତେ ଓହ୍ଲାଇ ନେଇ, ସଭାମଞ୍ଚର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖା ଯାଇଥିବା ରତ୍ନ ଆସନରେ ବସାଇ ଦେଇଥିଲେ ।

ସେ ସ୍ଥାନରେ ବସି ମୁଁ ସ୍ୱୟମ୍ବର ସ୍ଥଳର ଦୃଶ୍ୟ ଦେଖି ମୋହିତ ହୋଇ ପଡୁଥାଏ । ଇନ୍ଦ୍ରଭୁବନ ସଦୃଶ ମୋ ପିତା ସ୍ୱୟମ୍ବର ସ୍ଥଳକୁ ସଜାଇ ଦେଇଛନ୍ତି । ରାଜାମାନଙ୍କ ପାଇଁ ସ୍ୱତନ୍ତ୍ର ଆସନର ବ୍ୟବସ୍ଥା କରାଯାଇଛି । ମହମହ ଚନ୍ଦନ କସ୍ତୁରୀ ବାସ୍ନାରେ ଆମୋଦିତ ହେଉଛି ସ୍ୱୟମ୍ବର ସ୍ଥଳ । ପୁଷ୍ପର ଗାଲିଚା ବିଛେଇ ହୋଇପଡ଼ିଛି ସ୍ୱୟମ୍ବର ସ୍ଥଳରେ । ପ୍ରତ୍ୟେକ ରାଜା, ମହାରାଜାଙ୍କ ମନ ଜାଣି ସେବିକାମାନେ ତାଙ୍କ ସେବା କରୁଥା'ନ୍ତି । ସ୍ୱୟମ୍ବର ମଞ୍ଚର ଏକ ପାର୍ଶ୍ୱରେ ନିର୍ମିତ ହୋଇଛି ଏକ ବିରାଟକାୟ ମହାଦେବଙ୍କ ମୂର୍ତ୍ତି । ତାଙ୍କ ପାଦ ପାଖରେ ଥୁଆ ହୋଇଛି ଶିବଧନୁ । ଧାଡ଼ିଧାଡ଼ି ସୁବର୍ଣ୍ଣ କଳସରେ ସଜାଇ ଦିଆଯାଇଛି ଶିବଧନୁ ମଣ୍ଡପକୁ । ଚାରିପାର୍ଶ୍ୱରେ ଯଜ୍ଞବେଦୀ । ପୁରୋହିତ ମାନଙ୍କ ମନ୍ତ୍ରପାଠରେ ଉଚ୍ଛୁଳି ପଡୁଥାଏ ସ୍ୱୟମ୍ବର ମଣ୍ଡପ । ଋଷିଶ୍ରେଷ୍ଠ ବିଶ୍ୱାମିତ୍ରଙ୍କ ନିର୍ଦ୍ଦେଶାନୁସାରେ ମୋର ଭଉଣୀମାନେ ମୋତେ ନେଇ ଯଜ୍ଞସ୍ଥଳ ପରିକ୍ରମା କରାଇଥିଲେ । ପରିକ୍ରମା ପରେ ଦେବଦେବ ମହାଦେବଙ୍କ ପାଦଛୁଇଁ ପ୍ରଣାମ କରି, ମୋ ମନକଥା ତାଙ୍କ ପାଦତଳେ ବାଢ଼ିଦେଇ, ମୁଁ ଦେଖେଁ ତ ତାଙ୍କ ପାଦତଳେ ଦୁଇଟି ସୁନ୍ଦର ପୁଷ୍ପମାଳା ଅର୍ପଣ କରାଯାଇଛି । ମୋ କାନପାଖରେ ଚୁପିଚୁପି ଉର୍ମିଳା କହିଥିଲା ଅପାଲୋ, ଏ ବରଣମାଳାକୁ ଦେଖୁଛୁ । ସମସ୍ତ ମଂଗଳପୁଷ୍ପରେ ଏ ମାଳା ଦୁଇଟିକୁ ଏ ଦେଶର ଶ୍ରେଷ୍ଠ ମାଳିକନ୍ୟାମାନେ ଗୁନ୍ଥି ଦେଇଛନ୍ତି । ଏହାକୁ ଭଗବାନ ଶିବଙ୍କ ପାଦ ତଳେ ରଖି ଦିଆଯାଇଛି । ଯେଉଁ ରାଜକୁମାର ପିତାଙ୍କ ପଣ ଅନୁସାରେ ପଶୁପତିନାଥଙ୍କ ଏ ଶିବଧନୁ ଭାଂଗିବ, ସେ ମାଳାରୁ ଗୋଟାଏ ତୋ ଗଳାରେ ଲମ୍ବାଇଦେବେ, ଆଉ ଗୋଟାଏ ତୁ ତାଙ୍କ ଗଳାରେ ଲମ୍ବାଇଦେବୁ ।

ଉର୍ମିଳା କଥା ଶୁଣି ମୁଁ ସେ ମାଳା ଦୁଇଟି ଉପରେ ଆଖି ପକାଇ ଆଣିଲି । ମନେମନେ ମୋର ଆରାଧ ଠାକୁରଙ୍କୁ ପ୍ରଣାମ ଜଣାଇ କହିଥିଲି, ହେ ପ୍ରଭୁ ଆଶୁତୋଷ । ଆପଣ ହିଁ ନିର୍ଦ୍ଧାରଣ କରିବେ ମୋ ପାଇଁ ଉଦ୍ଦିଷ୍ଟ ଥିବା ମାଳା ମୁଁ କାହା ଗଳାରେ ଲମ୍ବାଇବି ।

ସ୍ୱୟମ୍ବର ସ୍ଥଳରୁ ଆସି ମୁଁ ମୋ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନରେ ଉପବେଶନ କରନ୍ତେ ମୋ ପିତା ସ୍ୱୟମ୍ବର ପାଇଁ ଘୋଷଣା କରିଦେଲେ । ସ୍ୱୟମ୍ବର ବିଧି, ନୀତି, ନିୟମ ସମ୍ପର୍କରେ ସୂଚନା ଦେଇ ସାରିବା ପରେ ବଶିଷ୍ଠ ମୁନି କହିଥିଲେ, "ରାଜର୍ଷି ଜନକ ଏବେ ନିର୍ଦ୍ଦିଷ୍ଟ ସମୟ ଆସି ଉପନୀତ ହୋଇଛି । ସ୍ୱୟମ୍ବର କାର୍ଯ୍ୟ ଆରମ୍ଭ କର । ଏକ ସଂଗରେ ସେଠାରେ ଉପସ୍ଥିତ ଥିବା ମୁନିଋଷି, ବେଦଜ୍ଞ ବ୍ରାହ୍ମଣଙ୍କ କଣ୍ଠରୁ ଝରିପଡ଼ିଲା ବେଦ ମନ୍ତ୍ରର ଧ୍ୱନି । ଶଙ୍ଖ ହୁଳହୁଳି ଶବ୍ଦ ସାଂଗକୁ ମୋ ପିତାଙ୍କ ନାମରେ ଜୟଧ୍ୱନି ।

ଆରମ୍ଭ ହୋଇଥିଲା ସ୍ୱୟମ୍ବର କାର୍ଯ୍ୟ ।

ଜଣକ ପରେ ଜଣେ ରାଜା, ରାଜକୁମାର ଆଗେଇ ଯାଉଥାନ୍ତି ସ୍ୱୟମ୍ବର ସ୍ଥଳକୁ । ମୋ ପାଖରେ ଥାଇ ମୋର ପରିଚାରିକା ମାନେ ସେ ରାଜାଙ୍କର ଗୁଣ, କୀର୍ତ୍ତି, ଧନ ସମ୍ପଦ ସମ୍ପର୍କରେ ମୋତେ ସୂଚନା ଦେଉଥାନ୍ତି । ମୁଁ ଦେଖୁଦେଖୁ ରାଜାମାନେ ସ୍ୱୟମ୍ବର ସ୍ଥଳକୁ ଯାଇ ଦେବଦେବ ମହାଦେବଙ୍କୁ ପ୍ରଣାମ କରି ଶିବଧନୁରେ ହସ୍ତ ଦେଉଥା'ନ୍ତି । ହେଲେ ଅକୃତକାର୍ଯ୍ୟ ହୋଇ ମୁଖଶୁଖାଇ ସ୍ୱୟମ୍ବର ସ୍ଥଳରୁ ଫେରି ଆସୁଥାନ୍ତି । ଆର୍ଯ୍ୟାବର୍ତ୍ତର ପ୍ରବଳ ପ୍ରତାପୀ ରାଜକୁମାରମାନେ ନିଜର ବୀରତ୍ୱ ପ୍ରଦର୍ଶନ ପୂର୍ବକ ସ୍ୱୟମ୍ବର ସ୍ଥଳକୁ ଯାଉଥା'ନ୍ତି, ଫେରନ୍ତି ବିଫଳ ମନୋରଥ ହୋଇ । ଅଂଗ, ବଂଗ, କଳିଙ୍ଗ, ସୌରାଷ୍ଟ୍ର, ମଗଧ, ପାଞ୍ଚାଳ, କୁରୁକ୍ଷ ଆଦି ରାଜ୍ୟର ମହା ଧନୁର୍ଦ୍ଧର ରାଜାମାନେ ମଧ୍ୟ ନିଜର ବୀରପଣ ଦେଖାଇ ଶିବଧନୁ ଭାଂଗିବାକୁ ଯାଇଥିଲେ ମାତ୍ର ଧନୁ ଉତ୍ତୋଳନ କରି ନପାରି ଫେରି ଆସୁଥିଲେ । ମୁଁ କିନ୍ତୁ ମନେମନେ ଖୋଜୁଥାଏ ତାଙ୍କୁ । ମଞ୍ଚର ଗୋଟାଏ ପାର୍ଶ୍ୱରେ ଋଷି ବିଶ୍ୱାମିତ୍ରଙ୍କ ପାଖରେ ସେ ବସି ରହିଥାନ୍ତି । ନିରବ, ନିଶ୍ଚଳହୋଇ ବସିଥା'ନ୍ତି ସେ । ସ୍ୱୟମ୍ବର ସଭାର ଅପୂର୍ବ ଦୃଶ୍ୟକୁ ସେ ଉପଭୋଗ କରୁଥାନ୍ତି କିମ୍ବା ଚିନ୍ତାମଗ୍ନ ହୋଇ ବସି ରହିଥାନ୍ତି ତାହା ମୁଁ ଜାଣିପାରୁ ନଥାଏ । ସଭାସ୍ଥଳରେ ଥିବା ସଭିଙ୍କ ଆଖି କିନ୍ତୁ ତାଙ୍କରି ଉପରେ ଲାଖି ରହିଥାଏ । ମୁଁ ଭାବୁଥାଏ ତାଙ୍କୁ କାହିଁକି ସ୍ୱୟମ୍ବର ସ୍ଥଳକୁ ଡକାଯାଉ ନାହିଁ ।

ସମୟ ଧୀରେଧୀରେ ଗଡ଼ି ଯାଉଥାଏ । ସ୍ୱୟମ୍ବର ସଭାକୁ ଆସିଥିବା ଅନେକ, ରାଜା, ମହାରାଜା, ରାଜକୁମାର ପରାଜିତ ହୋଇ ଅଧୋମୁଖ ହୋଇ ବସି ରହିଛନ୍ତି । ଆଉ କିଛି ଯୁବରାଜ ଭୟରେ ସ୍ୱୟମ୍ବର ସ୍ଥଳକୁ ନଯାଇ ନିଜର ଅପାରଗତାକୁ ଦର୍ଶାଇ ସାରିଲେଣି । ଶେଷରେ ପ୍ରବଳ ପ୍ରତାପୀ ଦଶଶିର ରାବଣ ବାହାସ୍ଫୋଟ ମାରି ସ୍ୱୟମ୍ବର ସ୍ଥଳକୁ ଆସି ଶିବଧନୁକୁ ତୋଳିବାରେ ବିଫଳ ହୋଇ, କ୍ରୋଧରେ ମୋ ପିତାଙ୍କୁ ଅପମାନ ସୂଚକ କଥା କହି ଫେରିଗଲେଣି । ବର୍ତ୍ତମାନ ଆଉ କେହି ରାଜା କିମ୍ବା ରାଜକୁମାର ନାହାନ୍ତି ଶିବଧନୁ ଉତ୍ତୋଳନ କରିବାକୁ । ମୋ ମନରେ ଆଶଙ୍କା ଏପର୍ଯ୍ୟନ୍ତ ରାମଚନ୍ଦ୍ର କାହିଁକି ସ୍ୱୟମ୍ବର ସ୍ଥଳକୁ ଆସୁନାହାନ୍ତି । ତାହେଲେ ସେ ବୀରଯୁବକ କ'ଣ ସ୍ୱୟମ୍ବର ସ୍ଥଳକୁ ଆସିବେ ନାହିଁ ? ଅଯୋଧ୍ୟାର ରାଜକୁମାର, ପୁରୁଷୋତ୍ତମ ରାମଚନ୍ଦ୍ର କ'ଣ ଶିବଧନୁରେ ଗୁଣ ଦେବେନାହିଁ ?

ମୋର ଆଶଙ୍କାକୁ ଦୂରକରି ଋଷି ବିଶ୍ୱାମିତ୍ର କହିଥିଲେ, ଏବେ ଅଯୋଧ୍ୟାର ରାଜା ଦଶରଥଙ୍କ ଜ୍ୟେଷ୍ଠପୁତ୍ର ରାମଚନ୍ଦ୍ର ଶିବଧନୁ ନିକଟକୁ ଯାତ୍ରା କରନ୍ତୁ ।

(କ୍ରମଶଃ)


♥ ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର

(ମୋ)୬୩୭୦୫୦୯୧୦୪




## ॥ କଳାମେଘ ॥

### ପତିତପାବନ ଗିରି

ଆ, ଛୁଇଁ ଦେ
ପ୍ରୀତି ଉଲ୍ଲାସରେ
ଗୋଟେ କଅଁଳ ସ୍ପର୍ଶ
ୟୁକ୍ରେନଠୁ ମଣିପୁର ଯାଏ
ସବୁଠି ଲିଭି ଯାଉ
ଈର୍ଷା, ହିଂସା, ଅସୂୟାର
ହଳାହଳ ଅନଳ !

ଆ, ଛୁଇଁ ଦେ
ଗୋଟେ ପ୍ରୀତି ଭରା ଚୁମ୍ବନ
ନୁଖୁରା ମାଟିରେ ଭରିଯାଉ
ମୁଠା ମୁଠା ସବୁଜ ଫସଲ
ମଣିଷ ପଣିଆର
ଚିରନ୍ତନ ଐଶ୍ୱର୍ଯ୍ୟରେ
ଗୁଞ୍ଜରିତ ହେଉ ଚତୁଃଦିଗ !

ଆ, ଛୁଇଁଦେ
କୋମଳ ମଧୁର ଗାନ୍ଧାରରେ
ଗୋଟେ ଅମୃତ ଗଜଲ
ବଂଚିବାର ଆଶା ହେଉ ଦ୍ୱିଗୁଣିତ
ଅବାଟରେ ମିଳିଯାଉ ବାଟ
ମାଟିରୁ ଆକାଶ ଯାଏ
ଫରଫର ହେଉ
ପତିତ ପାବନ ଅଭୟ ନେତ !


♥ ପାଳଗୁଡା, ଅଶନା
ମୟୁରଭଂଜ-୩୩


# ଆମ ସମୟର କବିତା.....

## ॥ ପ୍ରେମ ଋଣ ॥

### ଅକ୍ଷୟ ବେହେରା



ମନେମନେ ଏ ଭାବନା
ବହୁ ବାର ବସା ବାନ୍ଧିଛି..
କୋଟି କୋଟି ମଣିଷ ଭିତରେ
କାହିଁକି ଯୋଡି ହୋଇଯାଏ
ଦୁଇଟି ହୃଦୟ, ଗୋଟିଏ ଆତ୍ମାରେ
କଣ ଗତ ଜନ୍ମର ପ୍ରେମ-ଋଣ
ଶୁଝିବା ପାଇଁ..

ସେମାନେ ବୋଧେ ଏମିତି ପ୍ରେମୀ
ତାଙ୍କ ପ୍ରେମ ସବୁ ଜନ୍ମ
ଅଧା ଅଧା ଯେମିତି

କଣ ଆଉ ବାକିଥାଏ
କଣ ସେ ପ୍ରେମର ନୂଆ ଏକ
ପରିଚୟ
ନୂଆ ଏକ କିମ୍ବଦନ୍ତୀ
ଥାଏ, କେଉଁ ଜନ୍ମର
ଅପେକ୍ଷାରେ ଯେମିତି..

ମୁଁ ତ କେଉଁ ଜନ୍ମରେ ଆଉ
ଯାହା ହୁଏନା କାହିଁକି
ଅନ୍ତତଃ ନୃଶଂସ ନ ଥିବି..
ମୋତେ ଲାଗୁଛି
ମୁଁ ସେଇ ପ୍ରେମ - ଉପାସକ ହିଁ ଥିବି
ସେଥିପାଇଁ ପ୍ରଭୁ ମୋତେ
ପ୍ରେମର ଥାଳ ଧରେଇ ଦେଲେ
ଧନୀ ମାନି ନ କରି..

ପ୍ରେମ-ଋଣ ସଦା ଅଶୁଝା
ଜନ୍ମଜନ୍ମ ସେ ରୂପ
କାଳ ପାତ୍ର ସ୍ଥାନ ବଦଳେଇ
ଆସୁଥାଏ ଯେ ପ୍ରେମ କିନ୍ତୁ ଅଭିନ୍ନ..

କିଛି ଦିନ ତଳେ ଦେହ-ମିଳନ
କଥାବି ଉଠିଛି
ଟିକେ ଭାବି ଦେଖିଲ -ଆମେ କିଏ କେଉଁଠି
ଟିପେ ମିଳନର ଫାଙ୍କ ଅଛି କି ?

ନୀରା,
ଏବି ବୋଧେ କେଉଁ ଜନ୍ମର
ପ୍ରେମ -ଋଣ ଏମିତି
ଶୁଝିବାକୁ ପଡୁଛି..


♥ ଭୁବନେଶ୍ୱର- ୭୫୧୦୧୬
ମୋ: ୯୪୩୭୨୭୯୯୪୧




## ॥ ଚରିତ୍ର ସଂହାର ॥

### ଲିପ୍‌ସା ପଟେଲ

କାନ୍ଥରେ ଟଙ୍ଗାଥିବା
କାହାର ଅବର୍ତ୍ତମାନର ଚିତ୍ରଟି ଲାଗେ
ସତେକି କ୍ରୁଶବିଦ୍ଧ ଈଶ୍ୱର ।

ଅକୁହା ଆତ୍ମଲିପି
ଅଭୁଲା ଅତୀତର
ଆତ୍ମୀୟ ସ୍ୱାକ୍ଷରରେ
ଖେଳିଯାଏ ଚିତ୍ରଟିଏର
ପରମାୟୁର ପରିସୀମା ।

କଥା କୁହେ...
ଅନେକ ବିରଳ ମୁହୂର୍ତ୍ତର ଅଙ୍ଗୀକାର
ପ୍ରାଚୀନ ସମ୍ପର୍କର ଅନ୍ତରାଳେ
ପ୍ରତିଫଳିତ ହୁଏ
କାହାର ସେ ମହାର୍ଘତା,
ବଦଳି ଯାଉଥିବା ଦୃଶ୍ୟାନ୍ତରରେ
ନିଟୋଳ ସୁଯୋଗ,
ବିଶ୍ୱାସର ସାନ୍ଦ୍ରତା,
କମନୀୟ ସଂସାରର ମୋହ
କେମିତି ଚିରକାଳ ବନ୍ଧା ପଡିଯାଏ
ଏକ ଛାର୍ ଚିତ୍ରରେ !


+ ଭବାନୀପାଟଣା
(ମୋ) ୯୪୩୯୪୦୦୩୪୮


## ॥ ବର୍ଷା ଗପ ॥

### ବିଶ୍ୱରଞ୍ଜନ ଦାଶ



ଯେମିତି ବର୍ଷା ନୁହେଁ
ଖୋଲିଦେଇ ଆଖିପତା ଆକାଶର
ଝରୁଅଛି କେଇବୁନ୍ଦା ଆନନ୍ଦାଶ୍ରୁ ।

ଯେତେ ସବୁ ଲୁହ, କୋହ
ଉତ୍କଣ୍ଠା ଓ ଉଦ୍ଧମତା
ମହ ମହ ମାଟିମଗ୍ନା ଭାବପ୍ରବଣତାରେ
ଏ ଆକାଶ ଯାଚିବାର ଦେଖିଛି
ଓଦା ଯୌବନରୁ ଟୋପା ଟୋପା
ଜ୍ୟୋତ୍ସ୍ନାସମ ଲାଜ ଓ ଭୟ ମିଶା
ନୀରବ ହୃଦୟର ପ୍ରେମ କଥା ।

କାହା ପାଇଁ କେମିତି ଏ ବର୍ଷା !
ଜହ୍ନ ପାଇଁ ନିସ୍ତବ୍ଧ ଓ ନିର୍ଜନ
ଏକାନ୍ତବାସର ଋତୁ,
ସକଳ ସକାଳଙ୍କ ପାଇଁ
ହଜାରେ ଅସହାୟ ମୁହୂର୍ତ୍ତକୁ ପିଠିକରି
କ୍ଷଣିକରେ ଅପ୍ରତ୍ୟାଶିତ
ନିଶ୍ୱାସ ଓ ବିଶ୍ୱାସର ଆଗମନ ।

କେହି ଜଣେ ତର୍ପଣ ମୁଦ୍ରାରେ
ପରଶିଦେଉଛି
ଦୀଗନ୍ତବ୍ୟାପ୍ତ ଜୀବନ ରେଣୁ
ଆକାଶରୁ ପୃଥିବୀକୁ
ପର୍ଣ୍ଣମୋଚି ଲଭିବ ସବୁଜ
କ୍ଷତ ବିକ୍ଷତ ଫୁଲରୁ ଛୁଟିବ
ଦଶ ଦିଗକୁ ସୁଗନ୍ଧ।

ଅନାୟାସରେ ଲିଭିଯାଇଥିବା
ପାଦଚିହ୍ନ ସବୁ ଲେଖିବେ
ଗୋଟେ ଗୋଟେ ଆପଣାଛାଏଁ
ବହିଯାଉଥିବା ଚିରସ୍ରୋତା
ନଈର ଗପ ।

କାହା ପାଇଁ କେମିତି ଏ ବର୍ଷା !
ଅବାକ୍ ଚଡ଼କରେ ଭାଙ୍ଗିଯାଉଥିବା
ସ୍ୱପ୍ନ ଏ ବର୍ଷା
କେବେ ଅବିରତ ବହୁଥିବା
ମାଳ ମାଳ ଆଶା ଆକାଂକ୍ଷାର ଢେଉ
ମେଘାଛନ୍ନ କବାଟ ଖୋଲି
କଣେଇ ଚାହୁଁଥିବା
ଚନ୍ଦ୍ରମା ଅଥବା ସମ୍ଭାବନା ଏ ବର୍ଷା ।

ଫି ବର୍ଷ
ଦେଖା ଦେଇ, ଅନୁଭବ ସଂଚାରି
ଦୃଶ୍ୟଭରା ଆଖି ନେଇ
ପୁଣି ଆରବର୍ଷକୁ ଫେରିବାକୁ ଥିବା
ଅଜଣା ଗାଁର
ପ୍ରେମିକା ଏ ବର୍ଷା ।


♥ ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ: ୮୭୬୩୦୦୪୮୭୩



# କାର୍ଗିଲ ଅନୁଚିନ୍ତନର ଅନ୍ତରାଳେ ଚୀନ୍

ଡକ୍ଟର ଲକ୍ଷ୍ମଣ ସାହୁ

କାର୍ଗିଲ ଦିବସ ପାଳନ ଉତ୍ସବର ବିଭିନ୍ନ ଖବରକାଗଜ ଓ ଗଣମାଧ୍ୟମର ପ୍ରସାରଣ ଦୃଶ୍ୟ ସ୍ୱାଗତ ଯୋଗ୍ୟ। କାର୍ଗିଲ ବିଜୟ ଦିବସକୁ ବଡ଼ ଧୁମଧାମର ସହିତ ପାଳନ କରାଯାଇଥିଲା । କିଛି ଭାରତ ଡେଲିରେ ୧୯୬୫, ୧୯୭୧, ତା'ପରେ ୧୯୯୯ ରେ ଏକ ଡବଲ୍ ପୃଷ୍ଠା ବିଜ୍ଞାପନ, ଆମେ କିପରି ଜିତିଲୁ । ଏପରି କଭର୍-ଅପ୍‌ରେ, ଜଣେ ବହୁତ ଦୁଃଖରେ ମଧ୍ୟ ବିକଳିଆ ହସ ହସିପାରେ । ୧୯୭୧ ର କାହାଣୀ ଅଲଗା । କିନ୍ତୁ ଯେଉଁମାନେ ଟିକେ ଇତିହାସକୁ ମୁହଁ ଫେରାନ୍ତି, ବିଚାର କରନ୍ତି, ସେମାନେ ଜାଣନ୍ତି ଯେ ବଡ଼ ଶକ୍ତିର ହସ୍ତକ୍ଷେପ ହେତୁ ଲାହୋରର ଦ୍ୱାର ଦେଶରେ ପହଞ୍ଚିବା ପରେ ମଧ୍ୟ ଭାରତକୁ କିପରି ପଛକୁ ଯିବାକୁ ପଡିଲା । କାଶ୍ମୀରରେ ମଧ ଏହା ପଛକୁ ଯିବାକୁ ପଡିଲା , ପ୍ରତିପକ୍ଷକୁ ଲାଭ କରିବାକୁ । କହିବା ବାହୁଲ୍ୟ ଯେ ଯୁଦ୍ଧ ପୂର୍ବରୁ ସେମାନଙ୍କ ଦେଶର ଗଣମାଧ୍ୟମରେ ଏହାକୁ ବଡ଼ ବିଜୟ ବୋଲି ଘୋଷଣା କରାଯାଇଛି । ତେଣୁ କାର୍ଗିଲଙ୍କ ମାମଲା ଅଧିକ ଗୁରୁତର ଅଟେ । ଆମ ଦେଶର ଗଣମାଧ୍ୟମ ରିପୋର୍ଟ କରିଛି ଯେ ବିପକ୍ଷ ବାହିନୀ ପର୍ବତ ଚାରିପାଖରେ ବସି ସେମାନଙ୍କ ସୁବିଧା ଜନକ ସ୍ଥାନ ଅଧିକାର କରିସାରିଛନ୍ତି । ଭାରତୀୟ ସେନା ସେମାନଙ୍କୁ ଘଉଡାଇ ଦେଇଥିଲା । ଏହି ରଣନୀତିକ ବୃତ୍ତିର ପ୍ରଶ୍ନରେ ଚୀନ୍ ସହିତ ଏହା ଠିକ୍ ଅଛି ।

ଭାରତର ସୀମା ସମ୍ପର୍କ ତିକ୍ତ ମନେହୁଏ । ଅର୍ଥନୀତି, ପ୍ରତିରକ୍ଷା କ୍ଷେତ୍ରରେ ଚୀନ୍ ଆମଠାରୁ ପାଞ୍ଚ ଗୁଣ ବଡ ବୋଲି ସ୍ୱୀକାର କରିବାକୁ ବାଧା କେଉଁଠାରେ ଅଛି ? ତାଙ୍କର ଖର୍ଚ୍ଚ ଆମ ଠାରୁ ଚାରି ଗୁଣ ଅଧିକ । ଟେକ୍ନୋଲୋଜିର ଅନେକ କ୍ଷେତ୍ରରେ ଚୀନ୍ ଆମଠାରୁ ବହୁତ ଆଗରେ ଅଛି । ୨୦୧୭ ରେ ଭୁଟାନର କୋଳରେ ଡୋକଲାମ ଉପରେ ହୋଇଥିବା ବିବାଦ ବିଷୟରେ ଥରେ ଚିନ୍ତା କଲେ ସ୍ପଷ୍ଟ ହୋଇଯାଏ । ଚୀନ୍ ଭୁଟାନର ଜମି ବୋଲି ଦାବି କରି ଏକ ରାସ୍ତା ନିର୍ମାଣ କରିବାକୁ ଚାହୁଁଥିଲା । ଭାରତ ଚାଇନାର ସେହି ସଡକ ନିର୍ମାଣ ଦଳକୁ ୭୩ ଦିନ ପାଇଁ ଅବରୋଧ କରିଥିଲା । ପରବର୍ତ୍ତୀ ସମୟରେ ଏକ ଉଚ୍ଚ ରାଜନୈତିକ ସ୍ତରରେ ସମାଧାନ ହେବ ନିଷ୍ପତ୍ତି ନିଆଯାଇଥିଲା । ସେବେଠାରୁ ଚୀନ୍ ଭାରତକୁ ସଠିକ୍ ଶିକ୍ଷା ଦେବା ପାଇଁ ଅପେକ୍ଷା କରିଛି । ସେମାନେ ଦେଖୁଛନ୍ତି ଯେ ଭାରତର କେନ୍ଦ୍ରୀୟ ଶାସକ ଦଳ କିପରି ସାମାନ୍ୟ ଲାଭ ସହ ନିର୍ବାଚନ ଜିତିବା ପାଇଁ ଏହି ପ୍ରସଙ୍ଗଗୁଡିକୁ ପ୍ରୋତ୍ସାହିତ କରନ୍ତି । ଲଦାଖ ବିପର୍ଯ୍ୟୟରେ ଚୀନ୍ ଏହି ପ୍ରସଙ୍ଗକୁ ଚମତ୍କାର ଭାବରେ ବ୍ୟବହାର କରିଛି । ସେମାନେ କେତେ ଶୀଘ୍ର ଏକତ୍ରିତ ହୋଇପାରିବେ ସେନେଇ ଭାରତୀୟ ସେନା ଆଶ୍ଚର୍ଯ୍ୟ ହୋଇଯାଇଥିଲେ ।

୧୫ ଜୁନ୍ ୨୦୨୦ ରେ, ପ୍ରଧାନମନ୍ତ୍ରୀ ଲାଇନ୍ ଅଫ୍ ଆକ୍ଚୁଆଲ୍ କଣ୍ଟ୍ରୋଲରେ ସୈନିକମାନଙ୍କ ବଳିଦାନ ବିଷୟରେ ପ୍ରକାଶ କରିଥିଲେ । ଯାହା ଭାରତ ଅନୁଯାୟୀ ଚୀନ୍ ସୀମାଠାରୁ ୩,୪୮୮ କିଲୋମିଟର ଦୂରରେ ଅବସ୍ଥିତ । ଚୀନ୍ ଅନୁଯାୟୀ, ଯାହା ପ୍ରାୟ ୨୦୦୦ କିଲୋମିଟର ଅଟେ । ଏହା ବିଶ୍ୱର ସବୁଠୁ ବଡ ବିତର୍କିତ ବିବାଦୀୟ ସୀମା । କିନ୍ତୁ ପ୍ରକୃତ ନିୟନ୍ତ୍ରଣ କେଉଁଠାରେ ଅଛି ତାହା ଉପରେ ଦୁଇ ଦେଶର ଭିନ୍ନ ମତ ରହିଅଛି । ଜମିର ମାଲିକାନା ବିଭିନ୍ନ ଉପାୟରେ ପ୍ରକାଶ କରାଯାଇପାରେ । ପଶୁ ଚରିବା , ହୁଏତ ଏକ ପ୍ରକାର ଜୀବିକା, ପୁନର୍ବାର ସେନାର ମାର୍ଗ ମାର୍ଚ୍ଚ, ସେ ମଧ ଏକ ପ୍ରକାରର ଅଭିବ୍ୟକ୍ତି । ରାସ୍ତା ଓ ଘର ନିର୍ମାଣ ଅଲଗା ଅଟେ । ସଂସଦରେ ନିଜକୁ ରକ୍ଷା କରି ମାନ୍ୟବର ପ୍ରଧାନମନ୍ତ୍ରୀ କହିଛନ୍ତି, ଚୀନ୍ ଆମ ଅଞ୍ଚଳ ଉପରେ ଆକ୍ରମଣ କରି ନାହିଁ, ବିବାଦ ଆମ ଜମିରେ ହୋଇ ନାହିଁ । ପ୍ରକୃତରେ, ଏହି ସାର୍ବଜନୀନ ଘୋଷଣା ଚାଇନାକୁ ଏକ ବଡ଼ ସୁଯୋଗ ଦେଇଛି ।

ଏହି ସମୟରେ, ଗଣମାଧ୍ୟମର ଗୋଟିଏ ବିଭାଗ ଏହି ଘୋଷଣାର ଏକ ମାସ ପୂର୍ବରୁ ଗାଲୱାନ ସଂଘର୍ଷ ବିଷୟରେ ରିପୋର୍ଟ କରିଥିଲା । ପାଙ୍ଗଙ୍ଗ ହ୍ରଦର ଉତ୍ତର ମୁଣ୍ଡରେ କେତେ କ୍ଷୟକ୍ଷତି ହୋଇଛି ତାହା ଅନେକେ ଜାଣିଛନ୍ତି । ଯଦି ଏହିପରି ଦୁଇଟି ପ୍ରାଚୀନ ସଭ୍ୟ ପଡ଼ୋଶୀ ଭାବରେ ସହଯୋଗର ପଥରେ ଥାଆନ୍ତା ତେବେ ଏହା ଭଲ ହୁଏତ ହୋଇପାରନ୍ତା ? କିନ୍ତୁ ତାହା ଯେପରି ହେଉଛି କେବଳ ବିଭିନ୍ନ ଉଦ୍ଦେଶ୍ୟ ମୂଳକ ଭାବେ ଜନସାଧାରଣଙ୍କୁ ବିଭ୍ରାନ୍ତ କରିବା । ଉଭୟ ପାର୍ଶ୍ୱରେ ଜନସାଧାରଣ ଚାଲିପାରିବେ ନାହିଁ, ଠିକ୍ ସେହିପରି ପଡ଼ୋଶୀମାନଙ୍କ ସହିତ ଆର୍ଥିକ କ୍ଷେତ୍ରରେ ବନ୍ଧୁତା ଘଟେ ନାହିଁ ।

ଜବାହରଲାଲ ନେହେରୁଙ୍କ ହୃଦଘାତରେ ମୃତ୍ୟୁ ହୋଇଥିବା କୁହାଯାଉଛି । ସେ କେଉଁ ବିଶ୍ୱାସକୁ ଆଧାର କରି ସମାଜବାଦୀ ଦେଶ ଅନ୍ୟମାନଙ୍କୁ ଆକ୍ରମଣ କରନ୍ତି ନାହିଁ ! ଆମର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ଭାବନାକୁ ସମ୍ବୋଧିତ କରିବା , ଘଟଣା ମେଳ ଖାଉ ନାହିଁ । ଏହା କୁହାଯାଇପାରେ ଯେ ଆମେ ଗତ ସାତ ଦଶନ୍ଧି ଧରି ତାଙ୍କ ଭାବନାର ଭାର ବହନ କରିଛୁ । ତିବ୍ବତ ଦଖଲ କରିବାକୁ ଚୀନ୍ ବହୁତ ତତ୍ପର ଥିଲା । ୧୯୫୯ ରୁ ୧୯୬୧ ପର୍ଯ୍ୟନ୍ତ ଚାଇନାରେ ଦୁର୍ଭିକ୍ଷ, ଏହା କୌଣସି ପ୍ରକାରେ ଚୀନ୍ କୁ ଭାରତ ଉପରେ ଆକ୍ରମଣ କରିବାକୁ ପ୍ରେରିତ କରିଛି କି ? ସେହି ଦୁର୍ଭିକ୍ଷ ମନୁଷ୍ୟକୃତ ବୋଲି କୁହାଯାଏ । ଆମେରିକା ସେତେବେଳେ କ୍ୟୁବା କ୍ଷେପଣାସ୍ତ୍ର ସଙ୍କଟ ସହ ଜଡିତ ଥିଲା, ଯଦିଓ ଜବାହରଲାଲ ଚୀନ୍ ସହିତ ଥିଲେ ।

ଯୁଦ୍ଧର ଏକ ସମୟରେ ଆମେରିକୀୟମାନେ ସାହାଯ୍ୟ ମାଗିଥିଲେ, ପରେ ଏହା ପ୍ରକାଶ ପାଇଲା । ଅନ୍ୟପକ୍ଷରେ ଚୀନ୍ ପ୍ରାୟ ସବୁ କ୍ଷେତ୍ରରେ ପାକିସ୍ତାନକୁ ସମର୍ଥନ କରିଛି । ଆମ ପାଇଁ ସାଧାରଣ , ବର୍ଷା ପରେ ଭାରତ ବର୍ତ୍ତମାନ ଅଶାନ୍ତ ଅବସ୍ଥାରେ ଅଛି । ଏହାକୁ ଆକ୍ରମଣ କରିବା, ନଷ୍ଟ କରିବା ପାଇଁ ଏହା ହେଉଛି ଉପଯୁକ୍ତ ସମୟ । ୧୯୬୫ ଯୁଦ୍ଧରେ ଏହା ଚୀନ୍ ?ର ପ୍ରରୋଚନା ନୁହେଁ କି ?

୧୦୭୧ ର ଯୁଦ୍ଧ ଅଧିକ ସ୍ପଷ୍ଟ ହୋଇଛି । ଉଭୟ ଆମେରିକା ଏବଂ ଚୀନ୍ ଶକ୍ତି ସିଧାସଳଖ ପାକିସ୍ତାନ ପଛରେ ଠିଆ ହୋଇଥିଲେ । ମିଆଁମାରରେ ସାମରିକ ଶାସନକୁ ସମର୍ଥନ କରୁଥିବା ଖାନଙ୍କୁ ମଧ ଦେଖିବାକୁ ମିଳିଛି । କାମ୍ବୋଡିଆରେ ପୋଲ୍ ପୋଟ୍ ଯୁଗ ଶହ ଶହ ଲୋକଙ୍କ ହତ୍ୟାକାଣ୍ଡ ଦ୍ୱାରା କ୍ଷତିଗ୍ରସ୍ତ ହୋଇଛି ଏବଂ ଚୀନ୍ ସମର୍ଥନର ଛାଇ ମଧ ଅଛି , ସେ ସମୟରେ ବାର୍ତ୍ତାଳାପ ଚାଲିଥିଲା । ରାଜୀବ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀ ସମୟରେ ସମ୍ପର୍କ କିଛି ମାତ୍ରାରେ ଉନ୍ନତ ହୋଇଥିଲା । ଯୁଦ୍ଧ ନାହିଁ, ଦଣ୍ଡ ନାହିଁ । ଠିକ୍ ଅଛି ମୁଁ ଭଲ ଓ ତୁମେ ଗୋଷ୍ଠୀର ଭଲ ବୈଦେଶିକ ନୀତି ।

ତଥାପି, ଯେପରି ଏଭେରେଷ୍ଟ ଶହେ ଥର ଧୂଳିସାତ ହୋଇ ନାହିଁ, ସେହିପରି ଚୀନର ଆଚରଣରେ ମଧ ଦେଖିବାକୁ ମିଳେ । ଆଗାମୀ ୨୦୪୧ ରେ ସେମାନଙ୍କର ଶତବାର୍ଷିକୀ ଉତ୍ସବ ପାଇଁ ପ୍ରସ୍ତୁତି ପ୍ରୟାସ ସହିତ ଚୀନ୍ ଜାତୀୟ ଉତ୍ସବରେ କୌଣସି ସଂଯୋଗକାରୀ ନୁହେଁ । କହିବାକୁ ଗଲେ ପାକିସ୍ତାନ ସହିତ ସଂଯୋଗ କରୁଥିବା ଏକ ବିସ୍ତୃତ ରାସ୍ତା, ରୁଷ ମଧ ଏହା ଦ୍ୱାରା ଆଶ୍ଚର୍ଯ୍ୟ ହୋଇପାରେ । ଏହି ସୁଦୂର ଲଦାଖ ନିକଟରେ ବନ୍ଧ ନିର୍ମାଣ କଲେ ଭାରତର ସମସ୍ୟା ବଢିବ। ଯେହେତୁ ବିଶ୍ୱର ପ୍ରାୟ ସମସ୍ତ ଶକ୍ତି ଜାଣନ୍ତି, ଭାରତର ସତୁରି ପ୍ରତିଶତ ପ୍ରତିରକ୍ଷା ଉପକରଣ ରୁଷରୁ ଆସିଥାଏ ।

ଆମେ ଭାରତୀୟ ଭାବରେ କେବଳ ପ୍ରାର୍ଥନା କରିବା ଯେ ଚୀନ୍ ଏହି ପରିପ୍ରେକ୍ଷୀରେ କୌଣସି ବିନାଶକାରୀ କୂଟନୀତି ବ୍ୟବହାର ନକରୁ । ଦକ୍ଷିଣ ଏସିଆ ଉପରେ ରାଜନୈତିକ ମହତ୍ତ୍ୱ ସୁପାରିଶ କରାଯାଏ ନାହିଁ । ଏହି ପ୍ରସଙ୍ଗ ଉଠାଇବା ବ୍ୟତୀତ ଆଉ କ'ଣ କରାଯାଇପାରିବ ? କିଛି ଦିନ ପୂର୍ବେ ୟୁଆନ୍ ୱାଙ୍ଗ ନାମକ ଏକ ଚାଇନାର ଜାହାଜ ଶ୍ରୀଲଙ୍କା ବନ୍ଦରରେ ଡକ୍ କରିଥିଲା । କୌଣସି ଉପଗ୍ରହର ଗତିବିଧି କିଏ ଜାଣେ ! ଦୃଢ଼ ବିରୋଧ ବିନା ଭାରତ କ'ଣ କରିପାରିଛି ? ନେପାଳ ଏକ ଛୋଟ ଦେଶ । ଭାରତୀୟ ସେନାର ନିଆଁର ରାସ୍ତା କ'ଣ, ସେମାନଙ୍କର ଭଙ୍ଗା ହୃଦୟ ଭାରତ ଆଡକୁ । ନିଜ ସ୍ୱାର୍ଥ ପାଇଁ ସେମାନେ ଏକ ଶକ୍ତିଶାଳୀ ପଡ଼ୋଶୀ ଆଡକୁ ଯିବେ ।

ଲଦାଖ, ସଙ୍କଟ କହୁଛି, ଆମର ମାନ୍ୟବର ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ କରି କୂଟନୀତି ଉପରେ ପ୍ରଭାବ ପକାଇବାକୁ ଯେତେ ଚେଷ୍ଟା କଲେ ମଧ କେହି ଭୁଲି ପାରିବେ ନାହିଁ । ୧୯୬୧ ମସିହାରେ ବର୍ଲିନ୍ ସଙ୍କଟ ସମୟରେ ଆମେରିକାର ରାଷ୍ଟ୍ରପତି ଜନ୍ କେନେଡି କିଛି ମହଙ୍ଗା କଥା କହିଥିଲେ । ବିଭାଜନ ସମୟରେ, ଯଦି କେହି କୁହନ୍ତି, ମୋର କ'ଣ, ତାହା ମୋର ହେବ, ବିଭାଜନ ତୁମର ସମ୍ପତ୍ତିରେ ରହିବ , କିନ୍ତୁ ଆଉ କ'ଣ ?

ସତରେ ଏହାକୁ କୁହାଯାଏ ରାଜନୈତିକ କୂଟନୀତି । ବ୍ୟକ୍ତିଗତ କିମ୍ବା ରାଜ୍ୟ, ମାମଲା ଏକପ୍ରକାର ସମାନ । ଯଦିଓ ଅରାଜ ସହଯୋଗ ଏବଂ କରୁଣାର ହାତକୁ ଟିକିଏ ଅଧିକ ବଢିଇଥାନ୍ତେ, ତେବେ ସବୁକିଛି ଅଲଗା ହୋଇନଥାନ୍ତା..!!!

♥ ତାରା ନିଳୟ, ପ୍ଲଟ- ୮୫୪/ଏ
ଚାଚରା ଶବରସାହି, ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା -୫୫
ମୋ: ୯୦୪୦ ୧୫୧୪ ୭୫

# ମାମୁନିର ଜହ୍ନ



ପ୍ରଫୁଲ୍ଲ ବାରିକ

ସୋମନାଥ ସ୍ଥାନୀୟ ତହସିଲ ଅଫିସରେ ଚାକିରୀ କରେ । ଘରୁ ଯିବା ଆସିବା କରି ଡିଉଟି କରେ । ପାଞ୍ଚଟାରେ ଛୁଟି ହେଇ ଘରେ ପହଂଚୁ ପହଂଚୁ ସଞ୍ଜଛଅ ।

ସେଦିନ ଥାଏ ଚନ୍ଦ୍ରଯାନର ଚନ୍ଦ୍ରାବତରଣ । ସାଙ୍ଗମାନଙ୍କ ସହ ଦୃଶ୍ୟଦେଖି ଫେରୁଫେରୁ ଡେରି ହେଲା । ପ୍ରାୟ ସାତଟା । ଗାଁ ଦାଣ୍ଡରେ ପାଦଦେଇ ସୋମୁ ଦେଖିଲା କୁକୁର କେଇଟିଙ୍କୁ ଛାଡି ଗୋଟା ଦାଣ୍ଡ ଶୂନସାନ । ଅନ୍ଧାର ଘୋଟିଲାଣି । ଚୁପଚାପ ଚାଲିଥାଏ ସୋମୁ । ନରିକାକା ଏକଲା ବସିଥାଆନ୍ତି ତାଙ୍କ ପିଣ୍ଡାରେ କାନ୍ଥକୁ ଆଉଜି । ମଝିରେ ମଝିରେ ଗାମୁଛା ବିଞ୍ଚି ମଶା ଗୋଡ଼ାଉଥାଆନ୍ତି । ଏବର୍ଷ ଭାରି ମଶା । ସୋମୁ କାକାଙ୍କୁ ପାରହେଇ ଯିବାକୁ ବସିଛି, କାକା ଚିହ୍ନିନେଇ କହିଲେ, ତୋର ଏତେ ଡେରି ସୋମୁ ?

- ଚନ୍ଦ୍ରଯାନର ଅବତରଣ ଦେଖୁଦେଖୁ ଡେରି ହେଇଗଲା କାକା ।

ଠିଆ ହେଇ କହିଲା ସୋମୁ ।

- ଆରେ ରହ ଟିକେ । ଆସି ବସିଲୁ ପାଖରେ,କିଛିଟା ପଚାରିବାର ଅଛି ତୋତେ ।

ସୋମୁ ବସିଲା ଯାଇ କାକାଙ୍କ ପାଖରେ । କାକାଙ୍କୁ ଏଡିଯିବା ଅସମ୍ଭବ । କହିଲା, ପଚାର କ'ଣ ପଚାରିବ ?

- କଥା କ'ଣକି ପୁଅ, ସଞ୍ଜବେଳୁ ଆଜି ସମସ୍ତେ ଘରେ । ଦାଣ୍ଡଘାଟ ଶୂନସାନ ତ ଦେଖୁଚୁ।। ଶୁଣିଲି କୁଆଡେ ଚନ୍ଦ୍ର ଦେଖୁଛନ୍ତି ଟିଭିରେ । କଣ ଗୋଟେ ଓହ୍ଲେଇବ ସେଠି । ସତ ନା ମିଛ ?

ସୋମୁ କହିଲା, ଗୋଟା ପୃଥ୍ୱୀ ହୁରି ପଡିଛି, ତମେ ଜାଣିନ କାକା ? ପୃଥ୍ୱୀବୀ ପଠେଇଥିବା ଚନ୍ଦ୍ର ଜାନ ଆଜି ଅବତରଣ କଲା ଚନ୍ଦ୍ରପୃଷ୍ଠରେ । ଗୋଟେ ବିରାଟ ସଫଳତା ଆମ ଦେଶପାଇଁ । ଆମ ଜାତୀୟ ପତାକା ଏବେ ଉଡୁଛି ଚନ୍ଦ୍ରରେ ।

କାକା ହସିଦେଇ କହିଲେ, ବାଇଆ ତମେ ସମସ୍ତେ । ଚନ୍ଦ୍ର କ'ଣ ଗୋଟିଏ ଗାଁ ନା ସହର, ପଦା ନା ପ୍ରାନ୍ତର, ସେଠି ପହଂଚି ଉଡେଇଲ ପତାକା ? କାଇଁ କୋଉଠି ଆକାଶରେ ଚନ୍ଦ୍ର । କୋଉଠି ଆମେ । ଅନେଇଲେ ଆଖି ପାଉନାଇଁ । ଦେବତା ସିଏ । ଆରାଧ୍ୟ ଆମର । ସେଠି ପଡିବ ପାଦଧୂଳି ? କିଏ ବିଶ୍ୱାସ କରିଛି, ନା କରିବ ? ନାହାକ ପଣ୍ଡିତେ ଶୁଣିଲେ କହିବେ ପାଗଳ ହେଇଗଲେ ଲୋକଗୁଡା । ଘୋର ପାପ । ଆରେ ଘାତଚନ୍ଦ୍ର, ଚନ୍ଦ୍ରଦୋଷ ଥିଲେ ବାହାଯୋଟକ ବି ପଡ଼େନା । ଭାଙ୍ଗିଯାଏ ପ୍ରସ୍ତାବ । ଚନ୍ଦ୍ର ଶୁଭ ତ ସବୁ ଶୁଭ । ତମେ କୁଆଡୁ ଜାଣିବ ?

ସୋମୁ ସ୍ଥିର କରିପାରିଲା ନାଇଁ କ'ଣ କହି ବୁଝେଇବ କାକାଙ୍କୁ । କହିଲା, କାକା ତମେ ନିଜେ ଦେଖିଲ ନାଇଁ ଟିଭିରେ । ଆଖିରେ ଦେଖିଥିଲେ ଜାଣି ପାରିଥାଆନ୍ତ ।

- ମାର ଗୁଳି ସେ ଟିଭିକୁ । ଫଟୋରେ କ'ଣ ନଦେଖଉଛନ୍ତି ଆଜିକାଲି ଟିଭିବାଲା । ଚଳୁଏ ପାଣିକୁ ସମୁଦ୍ର, ପଞ୍ଚଟା ଲୋକଙ୍କୁ ଜନସମୁଦ୍ର କରି ଦେଖେଇ ବାହାଦୁରି ନଉଛନ୍ତି । ସବୁ ମିଛ, ଭାଣ୍ଡାମି । ସିମିତି ଫଟୋ ମଟୋ କିଛି ଦେଖେଇ ଭେଳିକି ସୃଷ୍ଟି କରିଥିବେ । ମୋତେ ସେସବୁ ମନଗଢା କଥା ଶୁଣାନା । ସାତ ପୁରୁଷରୁ ଯାହାକୁ ଦେବତା ବୋଲି ପୂଜି ଆସିଚୁ, ମହାସମୁଦ୍ରରେ ଯାହା ପାଇଁ ଜୁଆର ଭଟ୍ଟା, କଳିଚ ତା ଶକ୍ତିକୁ ? ଛେ..., ପାପୀ



କୋଉଠିକାର ।

ସୋମୁ ବସିଥାଏ ଚୁପଚାପ । କାକାଙ୍କୁ ବୁଝେଇବା ତା ଶକ୍ତି ବାହାରେ । ତାକୁ ନିରବ ଦେଖି କାକା କହିଲେ, ଯା' ତୋ ମାଇପ ଅନେଇଥିବ, କାହାଣୀ ତାକୁ ଶୁଣେଇବୁ ।

ସୋମୁ ଆଉ ନଆଗେଇ ଉଠିଲା ସେଠୁ । ଜାଣିଚି ଆଉ ଆଗକୁ ଗଲେ ବିପଦ । ଅଚଳ ଆଠେଣିକୁ ଘଷିମାଜି ଚକଚକ କରିବା ନିରର୍ଥକ ।

ଘରେ ପହଂଚୁ ପହଂଚୁ ଆଠଟା । ଡ୍ରଇଂ ରୁମରେ ବସି ବାପାଙ୍କୁ ଅପେକ୍ଷା କରିଥାନ୍ତି ଭଉଣୀ ଭାଇ ମାମୁନି ଓ ମୁନା । ଦେଖୁ ଦେଖୁ ମାମୁନି ପଚାରିଲା, ତମର ଏତେ ଡେରି ବାପା ?

- ଚନ୍ଦ୍ରରେ ଅବତରଣ ଦେଖି ଫେରୁଛି । ବାପା କହିଲେ ।

- ଆମେବି ଦେଖିଲୁ ଟିଭିରେ । ଜାତୀୟ ପତାକାବି ଦେଖିଲୁ ଉଡିବାର ଚନ୍ଦ୍ରରେ । ଏଣିକି ଆମ ଦେଶକୁ ଆଉ କେହି ଟକ୍କର ଦେଇ ପାରିବେନି ମହାକାଶ ଯାତ୍ରାରେ । ଆମେ ପୃଥ୍ୱୀବିରେ ନମ୍ବର ଏକ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବାର । ପୂର୍ବରୁ ଯିଏ ଯାଇଛନ୍ତି, ସବୁ ଉତ୍ତର ମେରୁକୁ । ବାପରେ ବାପ, କି ଅନ୍ଧାର ପଥୁରିଆ ଥଣ୍ଡା ଦକ୍ଷିଣ ମେରୁ ? ତେବେବି ଆମ ଜାନ ଅଣ୍ଡାଳି ଅଣ୍ଡାଳି ଆସ୍ତେ ଓହ୍ଲେଇଲା ଠିକଭାବେ । ଆମେତ ଡରିଯାଇ ଥିଲୁ । ଧନ୍ୟ ଆମ ବୈଜ୍ଞାନିକ । ମାନିବାକୁ ହବ ତାଙ୍କୁ ।

ମାମୁନିର ଚନ୍ଦ୍ରଯାନ ଏବଂ ତାର ଅବତରଣ ସମ୍ପର୍କୀୟ ତଥ୍ୟ ଶୁଣି ଆଶ୍ଚର୍ଯ୍ୟ ହେଲା ସୋମୁ । ଛଅ କ୍ଲାସରେ ପଢୁଥିବା ପିଲା ପାଖରେ ଏତେ ଖବର ପୁଣି ସଠିକ, ସେ ବିଶ୍ୱାସୀ ପାରୁ ନଥିଲା ।

ବାପାଙ୍କୁ ଚୁପ ରହିବା ଦେଖି ମାମୁନି କହିଲା, ଯାଇଁଲନା ବାପା, ଏବର୍ଷଠୁ ମୁଁ ଆଉ କୁଆଁର ପୁନେଇଁ ଓଷା କରିବିନି ।



ବୋଉକୁ ଆଉ ବ୍ୟସ୍ତ ହେବାକୁ ପଡ଼ିବନି । ଚଉଁରା ମୂଳେ ଜହ୍ନି ଫୁଲରେ ଘରତୋଳି, କଇଁଫୁଲରେ ଜହ୍ନକରି ଭୋଗଦେବାକୁ ପଡ଼ିବନି ସାତ ଧଳାମଣ୍ଡା । ଗଲା ସବୁଦିନ ପାଇଁ ଝମିଲା ।

ମୁନା ଖୁସିରେ ତାଳିମାରି କହିଲା, ଓଷା ନକଲେ ନୂଆ ପିନ୍ଧିବୁନି, କି ସଜହେଇ ଦେଖେଇ ହେବୁନି । ମୋ'ପରି ପୁରୁଣା ପିନ୍ଧି ବୁଲିବୁ ଦାଣ୍ଡରେ ।

ମୁନାକୁ ଭୁଡିକାଢି ମାମୁନୀ କହିଲା, ଦେଖିଲ ବାପା, କିମିତି କହୁଛି ସିଏ ?

ବାପା କହିଲେ, ଜହ୍ନ ତୋର କି ପାପ କଲେକି ତୁ ଆଉ ଓଷା କରିବୁନି ?

- ଦେଖ ବାପା, ଆଜିଯାକେ ଯାହାକୁ ପୂଜୁଥିଲି ଦେବତା ଭାବି ଭକ୍ତିରେ, ତାଙ୍କ ଅସଲ ରୂପ ଦେଖିବା ପରେ ମନରୁ ଭକ୍ତି ଦୂରେଇ ଯାଇଛି । ଅଜ୍ଞତାରୁ କରୁଥିଲି ଏସବୁ । ବିଜ୍ଞାନ ଖୋଲିଦେଲା ଆଖି । ଗୋଟାଏ ଆବଡାଖାବଡା ଗର୍ତ୍ତଭରା ଚଟାଣକୁ ଦେବତା କହି ପୂଜିଲେ କ'ଣ ମିଳିବ କହିଲ ? ଜାଣିବା ପରେବି ଯଦି ପୂଜାକୁ ଦୋହରାଏ,କଣ କହିବ ବିଜ୍ଞାନ ? ଆମେ ବିଜ୍ଞାନ ଯୁଗର ପିଲାଟି ? ?

ମାମୁନି ବାଳୁତ ହେଲେବି ତାର ଯୁକ୍ତି ଅକାଟ୍ୟ । ତା ପରିଷ୍କାର ମନରେ କାଳିବୋଳି ତାକୁ ଅନ୍ଧାରରେ ରଖିବାକୁ ତାଙ୍କ ମନ ବାରଣ କଲା । କହିଲେ, ଶୁଣୁ ମାମୁନି, ଖାଲି ଚନ୍ଦ୍ରପୂଜା ନୁହେଁ, ଅନେକ ପୂଜା ଆମର ଏମିତି । ଜାଣି ବୁଝିବି କରିଥାଉ । କାଇଁକି ଜାଣୁ ? ପୂଜାପାର୍ବଣ ଆମର ଧର୍ମୀୟ ସଂସ୍କୃତି । ତାକୁ ପାଳିବା ସାମାଜିକ ପରମ୍ପରା । ତା'ଠୁ ଦୂରେଇଗଲେ ଜୀବନ ହେବ ନିରସ, ବିଶୃଙ୍ଖଳ । ଧର୍ମ ଓ ବିଜ୍ଞାନ ଦୁଇଟି ସମ୍ପୁର୍ଣ ଭିନ୍ନ । ବିଜ୍ଞାନ ତଥ୍ୟ ଓ ପ୍ରମାଣ ଭିତ୍ତିକ ବେଳେ ଧର୍ମ ବିଶ୍ୱାସ ଓ ଭାବ ଉପରେ ପ୍ରତିଷ୍ଠିତ କ୍ଷ ବିଶ୍ୱାସ ନଥିଲେ ଭାବନାଇଁ । ଭାବ ନଥିଲେ ଭକ୍ତି ନାଇଁ । ଭକ୍ତିଶୂନ୍ୟ ହୃଦୟ ଆକାଶ ପରି ଶୂନ୍ୟ । ଦଶ ଦିଶା କିଛିନାଇଁ ତା'ର କ୍ଷ ଧର୍ମକୁ ଛାଡିଲେଯେ ବଞ୍ଚିହେବନି, ତା' ନୁହେଁ । ମୁରବିଶୂନ୍ୟ ପରିବାର, ଶିକ୍ଷକଶୂନ୍ୟ ଶ୍ରେଣୀଗୃହର ଅବସ୍ଥା ଯାହାହୁଏ, ଈଶ୍ୱର ଅବିଶ୍ୱାସୀ ମନ ଠିକ ସେମିତି । ବିଶୃଙ୍ଖଳ ଉଦ୍‌ଭ୍ରାନ୍ତ ହେବା ସୁନିଶ୍ଚିତ । ଈଶ୍ୱର ଥାଆନ୍ତୁ, ବା ନ ଥାଆନ୍ତୁ, ଏକ ଅଦୃଶ୍ୟ ଶକ୍ତିପ୍ରତି ସଂଭ୍ରମତା, ଭୟ ଓ ଭକ୍ତି ମାଧ୍ୟମରେ ଶୃଙ୍ଖଳିତ କରେ ମଣିଷ ସହ ସମାଜକୁ । ସେଥିର ଅଛି ଶକ୍ତିସହ ଶାନ୍ତି ।

ମାମୁନି ବାପାଙ୍କ କଥାକୁ ମନ ଦେଇ ଶୁଣୁଥାଏ । କପାଳ ରେଖାକୁ କୁଞ୍ଚନ କରି କହିଲା, ତେବେ ମୁଁ କଣ କରିବିଯେ ? ସବୁଦେଖି ଜାଣି କ'ଣ ଦୋହରେଇବି ପରମ୍ପରାକୁ ? ତମେ କୁହ ?

ବାପା ଚାହୁଁ ନଥିଲେ ତାଙ୍କ ରୁଚିକୁ ଚାପି ଦେବାପାଇଁ ମାମୁନି ମଥାରେ । ବିଜ୍ଞାନ ଯୁଗର ପିଲା । ଆଗାମି ଦିନର ବାର୍ତ୍ତାବହ । ତା ରୁଚି ଓ ଚିନ୍ତାରେ ସିଏ ବଞ୍ଚିବା ଉଚିତ ।

ମାମୁନିକୁ ବିଝେଇ କହିଲେ,ଦେ'ଖ ମାଆ, ବିଜ୍ଞାନର ପକ୍ଷ ନେଇ ତୁ ଭୁଲ କରୁନୁ, କି ଚିନ୍ତୁନୁ କ୍ଷ ମୁଁ ବି ଯାହା କହିଲି ଧର୍ମ ସମ୍ପର୍କରେ, ବିଜ୍ଞାନ ଭିତ୍ତିକ ନହେଲେବି ସାମାଜିକ ଜୀବନ ପାଇଁ ତାକୁ ଅଗ୍ରହ୍ୟ କରାଯାଇ ନପାରେ । ଏଣିକି ଏ ଦୁଇଟି ଭିତରୁ ଗୋଟିକୁ ବାଛି ନେବାକୁ ତୁ ସ୍ୱାଧୀନ । ଏଥିରେ ନା ହସ୍ତକ୍ଷେପ ମୋ'ର ହେବ , ନା ତୋ ବୋଉର ।

ମୋ ସୁନା ବାପା..., କହି ମାମୁନି କୁଣ୍ଢେଇ ପକେଇଲା ବାପାଙ୍କୁ । ସୋନାଥଙ୍କ ଛାତିରୁ ବାହାରି ଆସିଲା ଦୀର୍ଘ ଶ୍ୱାସଟିଏ ଯାହା ଚାପି ହେଇ ରହିଥିଲା ମାମୁନି ପ୍ରଶ୍ନତଳେ ।

♥ ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
(ମୋ) ୯୨୩୮୯୨୦୪୦୫.

# ଭଲ ମଣିଷ

ଦିଲ୍ଲୀପ କୁମାର ବିଶ୍ୱାଳ

କ୍ଲାସ୍ ରୁମ୍ ରେ ଶିକ୍ଷକ ସବୁ ପିଲାଙ୍କୁ ପଚାରିଲେ, ଆଛା ପିଲାମାନେ କହିଲ ତୁମେ ବଡହେଲେ କଣ ହେବ ? ଜଣକ ପରେ ଜଣେ ସବୁପିଲା କହିଲେ, ସାରେ ମୁଁ ଡାକ୍ତର ହେବି, ସାରେ ମୁଁ ଇଞ୍ଜିନିୟର ହେବି, କିଏ କହିଲା ଆଇ.ଏ.ଏସ ତ ଆଉ କିଏ ଓ.ଏ.ଏସ୍।

ଯେତେବେଳେ ଲକ୍ଷ୍ମୀକାନ୍ତକୁ ଶିକ୍ଷକ ପଚାରିଲେ ଆଛା ଲକ୍ଷ୍ମୀକାନ୍ତ ତୁମେ ବଡହେଲେ କ'ଣ ହେବ ?

ଲକ୍ଷ୍ମୀକାନ୍ତ ଛିଡ଼ାହୋଇ କହିଲା ସାରେ ମୁଁ ଭଲମଣିଷ ହେବି।

ସବୁପିଲା ଠୋ.. ଠା ହେଇ ହସିଲେ।

ଶିକ୍ଷକ ପୁଣି କହିଲେ ଆଛା ଭାରତର କେଉଁ ଭଲମଣିଷଙ୍କ ଭଳି ତୁମେ ହେବାକୁ ଚାହୁଁଛ ? ତାଙ୍କ ସମ୍ପର୍କରେ କଣ ଜାଣିଛ କୁହ ! ଲକ୍ଷ୍ମୀକାନ୍ତ କହିଲା ଭାରତର ଶହେ ତିରିଶ କୋଟି ମଣିଷଙ୍କ ମଧ୍ୟରୁ ମାତ୍ର ଜଣେ ମହାତ୍ମା, ମୋହନ ଦାସ କରମଚାନ୍ଦ ଗାନ୍ଧୀ। ଗାନ୍ଧୀ ଜଣେ ବ୍ୟକ୍ତି ନୁହଁନ୍ତି, ବିଶ୍ୱବିଜୟୀ ବିଚାରଧାରା। ବିଶ୍ୱନାୟକ, ମାନବିକତାର ଉଦଘୋଷକ, ଅଂହିସାର ପୂଜାରୀ। ସାରା ବିଶ୍ୱକୁ ସେ ଅଂହିସାର ମନ୍ତ୍ରଦେଇ ବିଶ୍ୱରେ ପୂଜନୀୟ। ଏମିତି ଅନାର୍ଗଳ ଗାନ୍ଧିଜୀଙ୍କ ସମ୍ପର୍କରେ କହିଚାଲିଥିଲା ଲକ୍ଷ୍ମୀକାନ୍ତ।



ପ୍ରାଥମିକ ଶିକ୍ଷାଠାରୁ ଡିଗ୍ରୀ ପର୍ଯ୍ୟନ୍ତ ତାର ସବୁ କ୍ୟାରିୟର ଫାଷ୍ଟକ୍ଲାସ। କେବେ ଚାକିରୀ ଖୋଜିନାହିଁ କିମ୍ବା ଚାକିରୀ କରିବାକୁ କାହାରିକୁ ପ୍ରବର୍ତ୍ତାଇ ନାହିଁ। ଯୁବକମାନଙ୍କୁ ଏକାଠି କରି ଗାନ୍ଧିଜୀଙ୍କ ଦର୍ଶନକୁ ଅନୁକରଣ କରିବାକୁ ଆହ୍ୱାନ ଦିଏ। ନିଜ ଗ୍ରାମର ସ୍ୱଚ୍ଛତା ସବୁଜ ବନାନୀ ପରିବେଶ ସହିତ ଗ୍ରାମବାସୀଙ୍କର ଶୃଙ୍ଖଳିତ ଜୀବନଶୈଳୀ ପାଇଁ ପଂଚାୟତରାଜ ବିଭାଗ ପକ୍ଷରୁ ଲକ୍ଷ୍ମୀକାନ୍ତ ଗାଁ'କୁ ଆଦର୍ଶ ଗ୍ରାମର ପୁରସ୍କାର ମିଳିଛି।



କିଛିଦିନ ତଳେ ଗ୍ରାମର ଶେଷମୁଣ୍ଡରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ଠିପିଖୋଲା ମଦ ଦୋକାନକୁ ଲକ୍ଷ୍ମୀକାନ୍ତ ନେତୃତ୍ୱରେ ଶତାଧିକ ମହିଳାଙ୍କ ସହଯୋଗରେ ଭାଙ୍ଗି ଚୂରମାର୍ କରିଦିଆଯାଇଥିଲା। ତା ନିର୍ବାଚନ ମଣ୍ଡଳୀର ଉଭୟ ସାଂସଦ ଓ ବିଧାୟକଙ୍କୁ ସିଧାସିଧା କହିଦେଇଛି ଲକ୍ଷ୍ମୀକାନ୍ତ ଯେ, ମଦ ମାଫିଆମାନଙ୍କ ସହିତ ମଧୁଚନ୍ଦ୍ରିକା ବନ୍ଦ କରିବାକୁ।

ଆଜିଥିଲା ଜାନୁଆରୀ ୩୦ ତାରିଖ। ଗାନ୍ଧିଜୀଙ୍କର ତିରୋଧାନ ଦିବସ। ସକାଳୁ ସକାଳୁ ଲକ୍ଷ୍ମୀକାନ୍ତର ହାତତିଆରି ଅନୁଷ୍ଠାନ। ' ଗାନ୍ଧୀ ଭବନ' ସାମ୍ନାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତୀରେ ପଡ଼ିଥିଲା ଗେଣ୍ଡୁମାଳ, ବାଜୁଥିଲା ଗାନ୍ଧିଜୀଙ୍କର ପ୍ରୀୟ ଭଜନ 'ବୈଷ୍ଣବୋ ଜନେତୋ ତନୟା କହିଏ....'ମଞ୍ଚରେ ବସିଥିଲେ ଅଞ୍ଚଳର ବିଶିଷ୍ଟ ଗାନ୍ଧିୟାନ ନେତାମାନେ। ଲକ୍ଷ୍ମୀକାନ୍ତ ଗାନ୍ଧୀଜୀଙ୍କ ବାଣୀ, ଜୀବନୀ ଓ ଦର୍ଶନକୁ ନେଇ ଦେଉଥିଲା ଚମତ୍କାର ଭାଷଣ। ହଠାତ୍ ଏକ ଶବ୍ଦ ହେଲା... ସମସ୍ତେ ଛିନଛତ୍ର ହେଇ ଯିଏ ଯୁଆଡେ ଧାଇଁଲେ। ଗାନ୍ଧୀଜୀଙ୍କ ମୂର୍ତ୍ତିର ପାଦତଳେ ଟଳିପଡ଼ିଲା ଲକ୍ଷ୍ମୀକାନ୍ତ। କେହିଜଣେ ଦୁର୍ବୃତ୍ତ ଲକ୍ଷ୍ମୀକାନ୍ତକୁ ଗୁଳିକରି ହତ୍ୟା କରିଛି ବୋଲି ଖବର ବିଜୁଳି ବେଗରେ ପ୍ରଚାର ହେଇଗଲା। ସମଗ୍ର ଅଞ୍ଚଳରେ ଖେଳିଗଲା ଶୋକର ଛାଇ। ସମସ୍ତେ କହୁଥିଲେ ଆହାଃ ଜଣେ ଭଲମଣିଷ ଚାଲିଗଲା।

♥ ରାଜନଗର, କେନ୍ଦ୍ରାପଡା -୭୫୪୨୨୫
(ମୋ) ୯୮୬୧୫୬୭୯୪୩

ପଢ଼ିବା ପରେ..

# ମହୁର ସୁରେଇ: ମିଷ୍ଟି ମିଶ୍ର




ମିଷ୍ଟି ମିଶ୍ର ! ଏକ ବିସ୍ମୟ, ଏକ ଜୀବନବୋଧ, ଏକ ସାମ୍ପ୍ରତିକ ପ୍ରେମଭାବାପନ୍ନ ଅଙ୍ଗୀକାର , ଏକ ବ୍ୟକ୍ତି ବ୍ୟଞ୍ଜନା ଯାହାକୁ ନେଇ ଗତିଶୀଳ ହୋଇଛି କଥା ବସ୍ତୁ, ଯେଉଁଥିରେ ଭରି ରହିଛି ବିସ୍ତୃତ ଅବିସ୍ମରଣୀୟ ଆବେଗପୂର୍ଣ୍ଣ ମୁହୂର୍ତ୍ତର କଥାନିକା । ଏତିକି କହିଲେ କଣ ସମ୍ପୂର୍ଣ୍ଣ ହୋଇଯିବ ? ନା. . ତେବେ କଣ ? ଆସନ୍ତୁ ଜାଣିବା ।ମିଷ୍ଟି ମିଶ୍ର ଏକ ବ୍ୟକ୍ତିସତ୍ତା। ଅନେକ ଅସମ୍ପୂର୍ଣ୍ଣ ମୁହୂର୍ତ୍ତ ମାନଙ୍କ ସହିତ ସଂଯୋଗ, ସଂଶ୍ଳିଷ୍ଟ କାହାଣୀକୁ ଆଧାର କରି ଗଢି ଉଠିଛି ଏକ ଦସ୍ତାବିଜ୍। ଏହି ପ୍ରେମମୟ ପୃଥିବୀରେ ଜୀବନ ଯେ କେତେ ଉଠାପକା ଭିତର ଦେଇ ଗତି କରୁଥାଏ ତାହାକୁ ଶବ୍ଦରେ ଗୁନ୍ଥିଛନ୍ତି ଗୋଟିଏ ଗଳ୍ପ ପୋଥି ଗାଳ୍ପିକ ବିପ୍ଳବ। ସେହି ଗଳ୍ପ



ଗୁଚ୍ଛନର ନାମ କରଣ ହେଉଛି 'ମିଷ୍ଟି ମିଶ୍ର '। ହଁ ମୁଁ ଏଠି କହୁଛି ପଶ୍ଚିମା ପବ୍ଲିକେଶନ୍ସ ଦ୍ୱାରା ସଦ୍ୟ ପ୍ରକାଶିତ ଗଳ୍ପ ପୁସ୍ତକ ଗାଳ୍ପିକ ବିପ୍ଳବଙ୍କ ମିଷ୍ଟି ମିଶ୍ର ବିଷୟରେ । ବିପ୍ଳବ, କବି ବିପ୍ଳବ, ଏବେ ଗାଳ୍ପିକ ବିପ୍ଳବ ଅନେକ ସମ୍ଭାବନାର ଜଣେ ପ୍ରତିଭାମୟ ସୂକ୍ଷ୍ମ ଚିନ୍ତନର ସମାହାର।

ଯେତେବେଳେ ମିଷ୍ଟି ମିଶ୍ର ଗଳ୍ପ ସଂକଳନଟି ମୋର ହସ୍ତଗତ ହେଲା ସେତେବେଳେ ଖାଲି ନାଁରୁ ଯେପରି ଏକ ସ୍ରୋତସ୍ୱିନୀ ନଦୀ ଗର୍ଭରେ ପ୍ରବେଶ କରିବା ପରି ମୋତେ ପ୍ରତ୍ୟୟ ହେଲା। ଭାବପ୍ରବଣତାର ଉତ୍ତର ପାବଛରେ ପହଞ୍ଚିବା ମୋ ପରି ଜଣେ ମଣିଷ ଖୋଜିହେଲା ବାସ୍ତବତାର ସୂକ୍ଷ୍ମ ସ୍ୱରୂପକୁ। ଗଳ୍ପ ଗୁଡ଼ିକ ଯୁବସୁଲଭ ଚରିତ୍ରରେ ଭରପୁର ହୋଇଥିବା ବେଳେ ମୁଖ୍ୟତଃ ଏକ ସମାଜ ଜୀବନର ବ୍ୟବହାରିକ ଜୀବନ ସମ୍ଭୂତ ସତ୍ୱ ପ୍ରତିଫଳିତ ହୁଏ। ଗଳ୍ପ ଗୁଡ଼ିକରେ ପ୍ରେମ ଅଛି ପୂର୍ଣତ୍ତର ଆଶା,ଆକାଂକ୍ଷାର ଉପଜୀବ୍ୟ ହୋଇ । ପ୍ରେମ ସବୁ ସମୟରେ ଶାଶ୍ୱତ ଓ ଚିରନ୍ତନ। ଏହି ସତ୍ୟର ଅଭାବ ଘଟିଲେ ତାହା ହୋଇ ଉଠେ ଅଳିକ। ଗଳ୍ପ ଯେତେ ବାସ୍ତବ ହୋଇଥିଲେ ମଧ ନିଷ୍ଚୟ କିଛି କଳ୍ପନାର ଆଶ୍ରୟ ନେଇଥାଏ। କଳ୍ପନାଶ୍ରୟୀ ହେଲେ ମଧ ଯେଉଁ ଗଳ୍ପରେ ଚିରନ୍ତନ ଚେତନାର ଚିତ୍ର ଥାଏ ତାହା

ସୁଖପାଠ୍ୟ ହୁଏ। ଏ ଦୃଷ୍ଟିରୁ ଗାଳ୍ପିକ ବିପ୍ଳବ ସଫଳ ହେବାର ଆଶା କରାଯାଏ। ଗାଳ୍ପିକଙ୍କର ତୃତୀୟ ଓ ଚତୁର୍ଥ ସଙ୍କଳନ ଗୋଟିଏ ସମୟରେ ପ୍ରକାଶିତ ହୋଇଥିଲେ ବି ଏହା ତାଙ୍କର ଦ୍ୱିତୀୟ ଗଳ୍ପ ସଂକଳନ। ଏହା ପୂର୍ବରୁ ୨୦୦୮ ମସିହାରେ ତାଙ୍କର ବ୍ୟଙ୍ଗ ଗଳ୍ପ ସଙ୍କଳନ ପ୍ରକାଶିତ ହୋଇ ବହୁ ଚର୍ଚ୍ଚିତ ତଥା ପାଠକୀୟ ସ୍ୱୀକୃତି ଲାଭ କରିଥିଲା।

ଆଲୋଚ୍ୟ ଗଳ୍ପ ସଂକଳନଟିରେ ମୋଟ କୋଡ଼ିଏ ଗୋଟି ଗଳ୍ପ ସନ୍ନିବେଶିତ ହୋଇଚି। ଶିରୋନାମା ଦୃଷ୍ଟିରୁ କୋଡ଼ିଏଟି ଗଳ୍ପ କୁହା ଯାଉଥିଲେ ମଧ୍ୟ ଏହାକୁ କୁହାଯାଇ ପାରେ କୋଡ଼ିଏ ସଂଖ୍ୟା ବିଶିଷ୍ଟ ନିର୍ଦ୍ଦିଷ୍ଟ ଏପିସୋଡ। ପ୍ରତ୍ୟେକ ଏପିସୋଡ ପରସ୍ପର ପରିପୂରକ ତଥା ପରିଖୀକୃତ। ଗୋଟିଏ ଏପିସୋଡ ପଢ଼ି ସାରିଲା ପରେ ଅନ୍ୟ ଟି ପଢ଼ିବାର ଆକାଂକ୍ଷାକୁ ଅବଦମିତ କରାଯାଇ ନପାରେ । ଏହା ହିଁ ଗାଳ୍ପିକଙ୍କର

ସୃଷ୍ଟି କୌଶଳ। ଏଠାରେ ସଙ୍କଳନର କିଛି ସୁନ୍ଦର ଶିରୋନାମା ଉଦ୍ଧାର କରିବା ସମୀଚିନ ମନେହୁଏ। ' କଦମ୍ବ ଫୁଲର ବାସ୍ନା ' ରୁ ଆରମ୍ଭ ହୁଏ ବିଷୟ ପ୍ରବେଶ। ତା'ର ପରବର୍ତ୍ତୀ 'ମିଷ୍ଟି ମିଶ୍ର: ଅଧା ଲେଖା ପ୍ରେମ ଗପ, ' ଝରକା ସେପାଖେ ଜହ୍ନରାତି ' , କୃଷ୍ଣଚୂଡ଼ାର ଶେଷ ହସ ' , ' ଜହ୍ନରାତିର ଝଡ ' , ମିଷ୍ଟି ମିଶ୍ରର ନୂଆ ପ୍ରେମିକ ' , ' ଗୋଟିଏ ମହୁଲ ଫୁଲିଆ ରାତି ' ଇତ୍ୟାଦି।

ପ୍ରଥମ ଦୁଇଟି ଗପ ପଢ଼ି ସାରିଲା ପରେ କଥାର ମୋଡ଼ ସୃଷ୍ଟି ହୁଏ ତୃତୀୟ ଗପ 'ଗୋଟିଏ ରାତି' ଏବଂ ସେଇଠୁ ଉତ୍କଣ୍ଠା ବଢ଼େ ଜାଣିବା ପାଇଁ ଅର୍ଥାତ୍ ପହଞ୍ଚିବା ପାଇଁ କ୍ଲାଇମାକ୍ସରେ ମିଷ୍ଟି ମିଶ୍ରର ଜୀବନ ବୃତ୍ତାନ୍ତ। ଗଳ୍ପ ଗୁଡ଼ିକର ନାୟକ ଭାବରେ ଆସନ୍ତି ଶକ୍ତି ମିଶ୍ର ଜଣେ ଆଦର୍ଶ ପୁରୁଷର ପ୍ରତୀକ ହୋଇ। ମିଷ୍ଟି ମିଶ୍ରର ଜୀନ୍ କାହାଣୀର ଲମ୍ବା ଫର୍ଦ୍ଦ ଲୟି ଲୟି ଯାଏ। ଗପ ଗୁଡ଼ିକର କାହାଣୀ ବର୍ତ୍ତମାନ ସମୟ, ସମାଜ, ଉଚ୍ଚଶିକ୍ଷାରେ ମୋହାବିଷ୍ଟ ମଧ୍ୟବିତ୍ତ ପରିବାରର ଚିତ୍ର ତଥା ଅତ୍ୟାଧୁନିକ ଜୀନ୍ ଧାରାର ବର୍ଣ୍ଣବିଭା। କୁହା ଯାଇପାରେ ଆଧୁନିକ ଜୀବନ ଧାରାକୁ ହାତେଇବା ପାଇଁ ଅବାଞ୍ଛିତ

କାର୍ଯ୍ୟଧାରା। ଅନ୍ୟ ପକ୍ଷରେ ଆମ

ସଂସ୍କୃତିକୁ ଅତିକ୍ରମ କରି ଭିନ୍ନ ଏକ ସଂସ୍କତିକୁ ଆପଣେଇବାର ଦୃଶ୍ୟପଟ। ଘଟଣା ଗୁଡ଼ିକ ପ୍ରକାଶ କଲା ବେଳେ ଗାଳ୍ପିକ ପରିବେଶ, ପରିସ୍ଥିତି, ସ୍ଥାନ, କାଳ, ପାତ୍ରରେ ବାସ୍ତବତା ଅବଲମ୍ବନ କରୁଥିବା ଅନୁମେୟ। ବାଚନିକ ସଂଯମତା ଓ ସମ୍ବେଦନଶୀଳତା ମଧ ତାତ୍ପର୍ଯ୍ୟପୂର୍ଣ୍ଣ କରେ ଗଳ୍ପର ମୌଳିକ ପରିପ୍ରକାଶ

ପାଇଁ ।

ଅଧିକାଂଶ ଗଳ୍ପରେ ଗାଳ୍ପିକ ପାଠକ ମାନଙ୍କ ହୃଦୟାବେଗ, ସମ୍ବେଦନଶୀଳତା କୁ ପଞ୍ଜୁରୀ ଭିତରକୁ ଆକର୍ଷିତ କରିବା ପାଇଁ ଚେଷ୍ଟା କରି ସଫଳ ହୋଇଛନ୍ତି। ଯେତେବେଳେ କୌଣସି ଗଳ୍ପ ପାଠକ ମାନଙ୍କ ମନ, ପ୍ରାଣ, ହୃଦୟରେ ଆସ୍ଥାନ ଜମେଇ ଦିଏ ସେତେବେଳେ ତାହା ସଫଳ ଗପର ମାନ୍ୟତା ପ୍ରାପ୍ତ ହୋଇ ପାରେ। ବୋଲି ସ୍ୱୀକୃତ ହୁଏ। ମିଷ୍ଟି ମିଶ୍ରର ପ୍ରତ୍ୟେକ ଗଳ୍ପରେ କାବ୍ୟିକ ଭାଷା ବିନ୍ୟାସ ପରିଲକ୍ଷିତ ହୁଏ। କଳ୍ପନା ଓ ବାସ୍ତବତାର ଫେଣ୍ଟାଫେଣ୍ଟି ଉଦ୍ଗିରଣ ହୋଇ ପାରିଛି

ମିଷ୍ଟି ମିଶ୍ର ଗଳ୍ପ ବିନ୍ୟାସ। ମାତ୍ର ଗୋଟିଏ ମାସ ତଳେ ପ୍ରକାଶିତ ସଙ୍କଳନଟି ବହୁ ପାଠକୀୟ ଆଦର ଲାଭ କରିଥିବା ଜଣାପଡ଼େ। ପଶ୍ଚିମା ପବ୍ଲିକେଶନ ଦ୍ୱାରା ପ୍ରକାଶିତ ଏହି ସଙ୍କଳନ ଟି ଏବେ

ଆମାଜନରେ ଉପଲବ୍ଧ ସୂଚନା ମିଳୁଚି। ଦୀର୍ଘ ତିରିଶ ବର୍ଷ ଧରି ସାହିତ୍ୟ ସର୍ଜନାରେ ମଗ୍ନଥିବା ଗାଳ୍ପିକ, କବି ତଥା ସ୍ତମ୍ଭକାର ବିପ୍ଳବ ଦିନେ ସଫଳତା ଶୀର୍ଷରେ ପହଞ୍ଚିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ସଂପ୍ରତି ସମୟର ଏହା ଏକ ଅନନ୍ୟ ଅନୁପମ ସୃଷ୍ଟି ସୌରଭ।



ସମୀକ୍ଷା:
କୌଶିକ ନାୟକ
♥ ବାଙ୍କୀ, କଟକ: ୭୫୪୦୦୮
ମୋ : ୯୩୪୮୨୪୨୨୦୧



# ଅନିର୍ବଚନୀୟ ମମତାର ମୋହମୟ ମାଟି

## ସୁବାସ ଚନ୍ଦ୍ର ସାହାଣୀ

ଆଃ ! କି ମନ ମନ୍ମୟ ! ଅପରିକଳ୍ପିତ ଅବିସ୍ମରଣୀୟ ଏ ମୂର୍ତ୍ତ/ ଅମୂର୍ତ୍ତର, ଦୃଶ୍ୟ/ ଅଦୃଶ୍ୟର ଚିର ଚିନ୍ମୟ, ବିଶ୍ୱ ବ୍ରହ୍ମାଣ୍ଡିୟ ଅ୍ୟକ୍ତ, ସୃଜନସମ୍ଭାର, ମମତା ମଧୁ ମାଧୁର୍ଯ୍ୟ,ପରମ ପ୍ରଶାନ୍ତିମୟ, ମା'ର ପ୍ରୀତିପୂର୍ଣ୍ଣ, ଅନାବିଳ,ନିସର୍ଗ ବାଂମୟ ଭୂଗୋଳ। ମା' ଶବ୍ଦବୋଧ ଉଚ୍ଚାରିତ ଧ୍ୱନିରେ , ଏମିତି କି ସମ୍ମୋହନ ଅଛି ? ଯା'ଭୂମାରୁ ଭୂମି ପ୍ରମେୟ ପ୍ରୀତିପୂର୍ଣ୍ଣ ମହକ ବାସ୍ନା, ହୃଦୟରୁ ହୃଦୟକୁ ମୋହମୟ ମୂର୍ଚ୍ଛନାରେ କୋଷରୁ ପିତବିନ୍ଦୁ, ଇନ୍ଦ୍ରିୟାତୀତ ପରିମଣ୍ଡଳକୁ କେମିତି ପ୍ରସାରିତ ହୁଏ ? ଏମିତି କି ଦର୍ଶନତତ୍ତ୍ୱ ଅଛି କି ଯା'ର କୋମଳ ଅନୁରାଗୀୟ ଆତ୍ମୀୟ ଅନ୍ତସତ୍ତାକୁ ଆକଳି ପାରିବ ?ପୃଥିବୀର ଏ ଆଦିଭୌତିକ, ସୂକ୍ଷ୍ମାତିସୂକ୍ଷ୍ମ ଅବ୍ୟକ୍ତ ଅନୁଭବ କେବଳ ଶିଶୁ ପ୍ରତି ମା'ର ବିହ୍ୱଳପଣ ଏକାନ୍ତ ଆତ୍ମିକ। ଆମ ଅଧ୍ୟୟନ, ବୈଜ୍ଞାନିକ ନିର୍ଯ୍ୟାସ, ପ୍ରଯୁକ୍ତି ବିଦ୍ୟାର ଅନୁକ୍ରମଣୀୟ ପ୍ରଗାଢ ଅନୁସନ୍ଧିତ୍ସା ଆତ୍ମବୋଧ, କ'ଣ ବିଶ୍ଳେଷି ପାରିବ ମମତ୍ୱବୋଧର ମର୍ମିଳ ଅନାବିଳ ଅନୁଭୂତି ? ଅନିର୍ବଚନୀୟ, ଅକଳ୍ପନୀୟ ଯା'ର ଅନନ୍ତ ବିସ୍ତୃତ ପରିଧି ପରିବ୍ୟାପ୍ତ ଛଳ ଛଳ ଅନ୍ତରଙ୍ଗ ଆତ୍ମୀୟ ଅନୁରାଗ, ଅଶ୍ରୁତ ବିସ୍ମୟ ସ୍ନେହାର୍ଦ୍ର କୋମଳ ଢଳ ଢଳ ଏକାନ୍ତ ନିବିଡ଼ କୃପା, କରୁଣା,ଉଦାର ଭିଜା ଭିଜା ଶ୍ରଦ୍ଧାସିକ୍ତ ରୋଳ ! ଆଃ କି ମୋହମୟେ ସେ ବିହ୍ୱଳ ! ଅରୁଣ ସ୍ନାତ ସକାଳର ମହା ମହିମ୍ନ ସୌନ୍ଦର୍ଯ୍ୟ ଶୋଭା ସୁଷମାରେ ଚମକିତ ତୃଣ ଗାଲିଚାର ଶ୍ୱେତ ଶୁଭ୍ର ଶିଶିର ବିନ୍ଦୁର ମନୋରମ ଆଶ୍ଚର୍ଯ୍ୟ ବିମ୍ବିତ ନମ୍ର କମନୀୟଠାରୁ କାହିଁ କେତେ ଗୁଣ ଲୋଭନୀୟ ମାଆର ମର୍ମୋଜ୍ୱଳ ନିର୍ମଳ ହୃଦୟ ! ମା' କଳ୍ପରୁ କଳ୍ପାନ୍ତର ଯାଏଁ ବ୍ୟାପ୍ତିରେ ଆପ୍ଲୁତ। ମାଆ ଓ ମମତାର ସଂମ୍ପର୍କକୁ ଆକଳନ କରିବା ଧୃଷ୍ଟତା ନୁହେଁ, ବରଂ ଅସମ୍ଭାବୀୟ ପରିକଳ୍ପନାର ପ୍ରୟାସବୋଧ କହିଲେ ଅତ୍ୟୁକ୍ତି ହେବନି ।ଏହା ଅନୁଭୂତିର ଅଙ୍କରେ ଢଳ ଢଳ ଅନୁରାଗ, ଶ୍ରଦ୍ଧା, ଆତ୍ମୀୟତାର ଅନାବିଳ ଅନ୍ତରୀଣ ଦର୍ଶନବୋଧ ଓ ସମ୍ପୂର୍ଣ୍ଣ ଏକାନ୍ତ କମନୀୟ, ନିର୍ମେଘ ଆତ୍ମ ପ୍ରୀତିରେ ଛଳ ଛଳ ଅମୃତମୟ ହୃଦୟର ସ୍ପନ୍ଦିତ ମନ୍ମୟ ମୂର୍ଚ୍ଛନା। ମାଧୁର୍ଯ୍ୟ ମୟ ମୋହ, ମାୟା, ମଧୁ ମଳୟ ମାଦକତାରେ ଚିରକାଳ କଳ କଳ, ସଦା ସର୍ବଦା ଉଜ୍ୱଳ । ମା'ର ସ୍ଫୁରିତ ଧ୍ୱନୀରେ ମହ ମହ ମହକର ଅୟୁତ କୋଟି ଅଭୂତପୂର୍ବ ଆନନ୍ଦ ମନ, ପ୍ରାଣ, ଆତ୍ମାକୁ ପ୍ରହରେ ଅକଳନ୍ତି ଆତ୍ମୋଜ୍ୱଳ ଦୀପ୍ତିମୟ ରାଗର ଲଳିତ ସଂମ୍ବେଗ କୋଷରୁ ଜ୍ଞାନ, ବିଜ୍ଞାନ କୋଷ ଯାଏଁ ସଂଚରିଯାଏ ଅଭୁତ, ଆଲୋକମୟ ଦ୍ୟୁତିରେ। ଯେଉଁ ମାର୍ମୀକ ମହାସତ୍ତାର ମହାନତା, ମନୋମୟ ମଧୁ ଶବ୍ଦ ଧ୍ୱନିର ଆକର୍ଷଣୀୟ ଆବେଗ ମନକୁ ଉତ୍‌ଫୁଲିତ କରେ, ସେଇ ଶବ୍ଦ ହିଁ ମାଆ। ସେ ସୃଷ୍ଟି ସୃଜନୀ ପ୍ରାଣର ଆରମ୍ଭିକା ଆଦ୍ୟ ପ୍ରଣବ ଓଁ କାର। ସେ କାରୁକାୟା, ସଂରକ୍ଷଣ, ସନ୍ତାନବତ୍ସଳା । ଲଳିତା ପିଣ୍ଡ ପ୍ରାଣ ମୟୀ ଲାଳନକର୍ତ୍ତ୍ରୀ ଲାକିନୀ।ନାଭିକମଳ ପ୍ରାଣ ତତ୍ତ୍ୱର ବ୍ରହ୍ମ ସୂତ୍ରରେ ଶକ୍ତି ରୂପିଣୀ ମହାନ୍ନତା, ପ୍ରେମହ୍ଲାଦିନୀ ବିସ୍ମୟାଭୂତ ଚିନ୍ମୟ ପ୍ରଭାପୂର୍ଣ୍ଣ ଆଭାରେ ବିଭାସିତା ।



ସେ ସର୍ବ ଭୂତା, କଳା କାଳୋ ତୀର୍ଣ୍ଣା।

ଶାସ୍ତ୍ର ମୁକ୍ତ କଣ୍ଠରେ ଘୋଷଣା କରିଛି ମା'ର ଆରାଧନା ପୂତ ପବିତ୍ର

ମନ୍ତ୍ରରେ-'ଯା'ଦେବୀ ସ୍ୱ ଭୂତେଷୁ ମାତୃ ରୂପେଣ ସଂସ୍ଥିତା

ନମୋଃ ତସ୍ମୈ ନମୋଃ ତସ୍ମୈ ନମୋଃ ତସ୍ମୈ ନମଃ ନମଃ ।'

ସାମ୍ପ୍ରତିକ ପରିପ୍ରେକ୍ଷୀରେ ଏହି ପବିତ୍ର ଶବ୍ଦଟି କେମିତି ବର୍ଜ୍ୟବସ୍ତୁ ଭଳି ଅଲୋଡା, ଅଗ୍ରାହ୍ୟ, ହୋଇ ପଡିଛି। ପ୍ରଷ୍ଟାତ୍ୟ ଶିକ୍ଷାର ବ୍ୟବହାରିକରଣ ଭାରତୀୟ ଭାଷା, ସଂସ୍କୃତି, ଶିକ୍ଷା ଐତିର୍ଯ୍ୟ, ପରମ୍ପରା, ଧର୍ମ ଧାରଣା, ଉପରେ ଏମିତି ପ୍ରତିଫଳିତ ଯେ ମଣିଷ ନିଜର ମୌଳିକ ତତ୍ତ୍ୱରୁ ଦୁରେଇ ଯାଉଛି କ୍ରମଶଃ ଅଯାଚିତ ଭାବେ । ମା' ଶବ୍ଦ ପରିବର୍ତ୍ତେ 'ମମ୍ମି' ଶବ୍ଦର ପ୍ରୟୋଗର ଅର୍ଥ ଓ ମୂଲ୍ୟବୋଧ କେମିତି ଉପହସିତ କରୁଛି ମା'ମମତା ମହନୀୟ ଆତ୍ମସତ୍ତାକୁ ! ସ୍ୱର୍ଗୀୟ ପ୍ରେମାସ୍ପଦ ମା'ର ଡାକ, ଶିଥିଳ, ନୀରବ, ମୌନ ସ୍ତବ୍ଧତାରେ ସ୍ଥାଣୁ ପାଲଟିଛି । କେବଳ ସେତିକିରେ କଥା ସରିନି ମା'ଉପରେ ନିର୍ଯ୍ୟାତନା। ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ଯାଏଁ ପ୍ରଚଣ୍ଡ ଗର୍ବିତ ଅହଂକାରରେ ମମ୍ମି ପ୍ରଚଳନ ଆମ ବୌଦ୍ଧିକ ବିଚାର, ଚିନ୍ତା, ଚେତନା ସ୍ତରକୁ ଅପମାର୍ଜିତ କରୁଛି। ସମଗ୍ର ଭାରତ ବର୍ଷ ଏହି ମୃତ ,ନିର୍ଜୀବ, ମମ୍ମି ଶବ୍ଦର ଆକ୍ରୋଶରେ କବଳିତ। ଅପନିନ୍ଦିତ ମାତୃତ୍ୱପଣ। ଅବହେଳିତ ମାଆର କରୁଣ କ୍ରନ୍ଦନ ଧ୍ୱନି ଅନାଥ, ବୃଦ୍ଧାଶ୍ରମରେ ଅହୋରାତ୍ର ଗୁଞ୍ଜରିତ। ଅସହାୟଜୀବନ। ଅବିସଂମ୍ବାଦିତ ଭାଗ୍ୟ, ହା'ହୁତାସର ରୋରୁଦ୍ୟମାନ ମମତାମାଟି କପାଳକୁ ନିନ୍ଦିବା ବ୍ୟତୀତ ଆଉ କ'ଣ ଥାଏ, ନିରିମାଖୀ ମମତା ବତୁରା ମା'ନିକଟରେ। କେଡେ ଦୁର୍ଭାଗ୍ୟ ଏ ଦେଶର ! ଆଜିଠୁଁ ତିନି ଚାରି ଦଶକ ପଛକୁ ଚାହିଁଲେ ଭାରତ ବର୍ଷରେ ବୃଦ୍ଧାଶ୍ରମ ଥିବା କଥା ପ୍ରତ୍ୟୟ ହେଉନଥିଲା । ପ୍ରଷ୍ଟାତ୍ୟ ଶିକ୍ଷା ଦୋଷାବହ ନୁହେଁ । କିନ୍ତୁ ପ୍ରଷ୍ଟାତ୍ୟତାକୁ ମାଧ୍ୟମ କରି ଆମେ ଆମର ସ୍ଥିତିସ୍ଥାପକତାକୁ ବିସ୍ମରି ଯିବା, କେତେ ଦିର ସମୀଚୀନ ? ପରମ୍ପରା, ବିଶ୍ୱାସ, ଆସ୍ଥା, ସେବା, ତୀତୀକ୍ଷା, ଉତ୍ତରାଧିକାରୀ ସୂତ୍ରରେ ଅବଲୀଳାୟିତ ସ୍ନେହାର୍ଦ୍ର, କୋମଳ, ଜୀବନ ନ୍ୟେପଥେ ମହନୀୟ ଗୁଣବତ୍ତା, ସଂସ୍କୃତିର ପ୍ରବାହ ପ୍ରତି ଥିବା ମୂଲ୍ୟବୋଧିୟ ଉପଜୀବ୍ୟକୁ ପ୍ରତିପାଦିତ କରିବାକୁ ଯାଇ KoikoKÝa ମତ ପ୍ରଣିଧାନ ଯୋଗ୍ୟ-'we may define culture as a system of ideas, values and beliefs, knowledge and customs, transmitted from generation to generation, within a social group.'ପ୍ରାଚ୍ୟ ଶିକ୍ଷା, ସଂସ୍କୃତି, ସଭ୍ୟତା ଏତେ ସମୃଦ୍ଧ ଯେ ବିଶ୍ୱଦରବାରରେ ତା'ସ୍ୱୀକୃତ,ଅଭିନନ୍ଦିତ। ସାଂପ୍ରତିକ ପରିପ୍ରେକ୍ଷୀରେ ଆମ ବସ୍ତୁଗତ ଭୌତିକ ଜ୍ଞାନ ପିପାସା , ଅର୍ଥ ସର୍ବସ୍ୱ ନିଶା, ଆମ ନୈତିକ ଆଚରଣର ଅଧପତନ ପାଇଁ ଅଧିକାଂଶ ମାତ୍ରାରେ ଦାୟୀ। ମା' ମାତୃଭୂମି, ମାତୃଭାଷାରେ ଥିବା ଆକର୍ଷ ବିଭୋର୍ ପଣ ଅତୁଳନୀୟ, ଅବର୍ଣ୍ଣନୀୟ ଏ ଆପ୍ତ ବାଣୀ ସ୍ୱ ସ୍ୱୀକୃତ।

'ଜନନୀ ଜନ୍ମ ଭୂମିଷ୍ଚ ସ୍ୱର୍ଗାଦପି ଗରୀୟସୀ' ଆପ୍ତ ବାଣୀରେ ମହମିତ।

ବାସ୍ତବତାକୁ ଅଣଦେଖା କଲେ,ବାସ୍ତବ ଚିତ୍ର କଥାର ପ୍ରତିକ୍ରିୟାଶୀଳ ପ୍ରତିଫଳନ ସମାଜକୁ ଧ୍ୱଂସମୁଖୀ କରିବାକୁ ବେଶୀ ସମୟ ଲାଗେନା। ଜୀବନ ଧାରା ଦୁର୍ବିସହ ହୋଇଉଠିବ ସମୟାନୁକ୍ରମେ । ସ୍ୱାଭମାନ କ୍ଷୁର୍ଣ୍ଣ ହେଲେ, ସ୍ୱାଧୀନତାର ଅବମୂଲ୍ୟାୟନ ହୁଏ, ଏ କଥା ବିସ୍ମରି ଗଲେ ଜୀବନ ପ୍ରତି ଜୀବନ୍ମୟ ରାଗ ଧୂସରିତ ହୋଇଉଠେ। ମମତାରୂପକ ଶବ୍ଦ ଅପମର୍ଯ୍ୟାଦା ହେଲେ , ପାଦ ତଳ ମାଟି ଭୁଶୁଡି ପଡିବା ଅବଶ୍ୟସଂଭାବି । ମା'ର ଏକ କରୁଣ ଚିତ୍ର ଏ ଲେଖକ ସାମ୍ନାରେ ଘଟିତ ଘଟଣାକୁ ଏଠାରେ ଉଦାହରଣ ସ୍ୱରୂପ ଉପସ୍ଥାପନା କରିବାକୁ ଶ୍ରେୟ ମଣୁଛି । ଘଟଣାଟି ଠିକ୍ ଏହିପରି - 'ଆଜି ଠୁଁ ଠିକ୍ ଦୁଇ ଦଶନ୍ଧି ତଳର କଥା। ମୁଁ ଯେଉଁ ସରକାରୀ ସଂସ୍ଥାରେ କାମ କରୁଥିଲି, ସେ ଦପ୍ତରରେ ମୋର ବରିଷ୍ଠ ସହକର୍ମୀ ଥିଲେ, ରାୟ ବାବୁ ବନାମ୍ ସର୍ବାଣୀ ରାୟ। ତାଙ୍କର ଏକ ମାତ୍ର ପୁତ୍ର ଲାଳନ ପାଳନ ପାଇଁ ସାରା ଜୀବନର ପୁଞ୍ଜି ବ୍ୟୟ କରି ପୁଅକୁ ସମ୍ଭ୍ରାନ୍ତ ଇଂରାଜୀ ମିଡିୟମରେ ଶିକ୍ଷାଦାନ ଦେଲେ । ସ୍ୱପ୍ନ ଦେଖିଥିଲେ ଅନନ୍ତ ଆକାଶର ତାରା ଫୁଲର ଶୋଭା । ଆଶା ଥିଲା ଅସୁମାରୀ। ହେବା ସ୍ୱାଭାବିକ । ସୌଭାଗ୍ୟ ବଶତଃ ପିଲାଟି କୋଲକାତା ଜାତୀୟ ଗ୍ରନ୍ଥାଗାରରେ , ଗ୍ରନ୍ଥାଗାରିକ ହିସାବରେ ନିଯୁକ୍ତି ପାଇଲେ । ପିତାମାତା ପୁଅର କୃତ କାର୍ଯ୍ୟରେ ଆମୋଦିତ ହେଲେ। ବିବାହଯୋଗ୍ୟ ଝିଅଟିଏ ସହ ପୁଅର ବିବାହ କାର୍ଯ୍ୟ ସମାପନ କଲେ ନିଜର ସାମର୍ଥଶୀଳ ଅର୍ଥ ବ୍ୟୟ କରି ।ଇତି ମଧ୍ୟରେ ରାୟବାବୁ ଚାକିରିରୁ ଅବସର ନେଇନିଅନ୍ତି। ସାରା ଜୀବନର ସଞ୍ଚିତ ପୁଞ୍ଜି ଯାହା ପାଇଲେ ପୁଅର ସୁଖ ସୁବିଧା ପାଇଁ ଖର୍ଚ୍ଚ କରିବାକୁ ମନସ୍ଥ କଲେ। କୋଲକାତା ଭଳି ମହାନଗରୀରେ ଦୁଇ ଶୟନ କକ୍ଷ(୨BHK) ବିଶିଷ୍ଟ ଫ୍ଳାଟଟିଏ କିଣିଦେଲେ ପୁଅ ନାଁରେ । ସମୟ ସ୍ରୋତରେ, ନିୟତିର ନିର୍ଦ୍ଦେଶ ଥିଲା ଭିନ୍ନ। ସର୍ବାଣୀ ବାବୁଙ୍କ ସ୍ୱର୍ଗୀବାସ ହେଲା ଅଗତ୍ୟା। ପୁଅବୋହୂ ନିକଟରେ ରାୟବାବୁଙ୍କ ପତ୍ନୀ ରହୁଥାଆନ୍ତି , କୋଲକାତାରେ । ବୋହୂଟି ଶିକ୍ଷିତା। ଆଜିକାଲି ସ୍ନାତକତ ସାଧାରଣ କଥା। କିନ୍ତୁ ଶିକ୍ଷାର ଭିନ୍ନ ଦିଗ ଧୂର୍ତ୍ତ, ଦୁଷ୍ଟତାରେ ଥିଲେ ସେ ଧୂରୀଣା । କପଟୀ ପଶା ଖେଳ ଆରମ୍ଭିଲେ ଶାଶୁ ମା'ଙ୍କ ଉପରେ। ଶାଶୁଙ୍କ ନିକଟରେ ଥିବା ସୁନା ଅଳଙ୍କାର ହାତେଇ ନେଲେ କଳା କୌଶଳ କରି । ତାପରେ ଆରମ୍ଭିଲେ ନିଜର ଅସଲି ରୂପ। ସ୍ୱାମୀ ଆଗରେ ନାଲିସ୍ କଲେ ମା' ବିରୁଦ୍ଧରେ ବିଭିନ୍ନ ଖଳ ବୁଦ୍ଧି ପ୍ରୟୋଗ କରି ପ୍ରାୟତଃ ନିତ୍ୟ ନୈମିତ୍ତ। ମା'ଘରେ ରହିଲେ,ବିଭିନ୍ନ ସ୍ଥାନ ବୁଲିଯିବା, ଜୀବନକୁ ଠିକ୍ ଢଙ୍ଗରେ ଉପଭୋଗ୍ୟ କରିବାରେ ବାଧକ ସାଜିବା, ପଡ଼ୋଶୀଙ୍କ ସହ ଭାବର ଆଦାନ ପ୍ରଦାନରେ ସୌଜନ୍ୟପୂର୍ଣ୍ଣ ବାତାବରଣ ପ୍ରତିବନ୍ଧକ ସୃଷ୍ଟିହେବା ଇତ୍ୟାଦି ପ୍ରସଙ୍ଗକୁ ଭିତ୍ତି କରି ପରିଣତାବୟସର ବୃଦ୍ଧା ମା'କୁ ମହାନଗରୀ ଉପକଣ୍ଠ ଅବସ୍ଥିତ ଝୁମ୍ପୁଡି ଘରଟିଏ ବ୍ୟବସ୍ଥା କରି ଦିଆଗଲା ରହିବାକୁ, ହାତରେ କିଛିଟଙ୍କା ଗୁଂଜି। ମାଆ ଆଖିରେ ଶ୍ରାବଣର ଧାର। ପୁଅକୁ ନିର୍ନିମେଷ ନୟନରେ ଚାହିଁଥାଏ ମା' ଆକୁଳ ବ୍ୟଥା, କାରୁଣ୍ୟ ମୁଦ୍ରାରେ..। ପୁଅର ହାତ ଧରି ଝିଙ୍କି ନେଲା ବୋହୂ,କ୍ଷଣକରେ ଅଦୃଶ୍ୟ ହୋଇଗଲେ କାର୍‌ରେ।

ସେ ପରିବେଶରେ ରହିବା ଅସମ୍ଭବୀୟ ହୋଇ ଉଠିଲା ରାୟ ବାବୁଙ୍କ ପତ୍ନୀ ପାଇଁ। ଦୁଇ ଚାରିଦିନ ରହିବା ପରେ କୌଣସି ପ୍ରକାରେ ସେ ସେଠାରୁ ପଳେଇ ଆସିଲେ ଶିଳ୍ପାଞ୍ଚଳ ବର୍ଣ୍ଣପୁରକୁ। ଆସାନସୋଲ ମୁଖ୍ୟ ସହର ଠାରୁ ମାତ୍ର ପାଞ୍ଚ/ ଛ କିଲୋମିଟର ଦୂରତାରେ ଏ ଶିଳ୍ପାଞ୍ଚଳ। ଆଶା ଥିଲା ଅନେକ ପରିଚିତ ଲୋକଙ୍କ ଘରେ ଆଶ୍ରୟ ନେଇ ହେବ। କିନ୍ତୁ ହାୟରେ ଭାଗ୍ୟ ସେପରି ସୁବିଧା ଯୁଟିଲା ନାହିଁ। ବାଧ୍ୟ ହେଲେ, ଟାଉନ ପୂଜା କମିଟି ସଦସ୍ୟଙ୍କ ସାହାର୍ଯ୍ୟ ନେବାକୁ। ତାହା ହିଁ ଥିଲା ନିୟତି ଲିଖନ ବୋଧହୁଏ ! ଶିଳ୍ପାଞ୍ଚଳ ବର୍ଣ୍ଣପୁରର ଏ ପୂଜାନୁଷ୍ଠାନ ବହୁ ପୁରାତନ। ସେଲ ପ୍ରାଧିକରଣ ଇସ୍ପାତ କାରଖାନାର ଏକ ଇଉନିଟି (sail.isp) ନାମ କରଣରେ ଅବସ୍ଥିତ। ସେ ସମୟରେ ପଶ୍ଚିମବଙ୍ଗରେ ବାମ ପନ୍ଥୀ ସରକାରଙ୍କ ରାଜତ୍ୱ ଚାଲିଥାଏ। ରାୟ ବାବୁ ପତ୍ନୀଙ୍କ ଖବରଟି ସ୍ଥାନୀୟ ଅଫିସରେ ପହଁଚିଗଲା କୌଣସି ସୂତ୍ରରୁ। ପାର୍ଟି ତରଫରୁ ସହଯୋଗ ହାତ ବଢ଼ାଇ କୋର୍ଟରେ କେସ୍ ଫାଇଲ ହେଲା। ବଙ୍ଗଳାର ବିଭିନ୍ନ ସଂବାଦ ପତ୍ରରେ ଏ ଖବର ପ୍ରକାଶ ପାଇଲା । ଆଇନର ମାଧ୍ୟମରେ ରାୟବାବୁଙ୍କ ପତ୍ନୀଙ୍କୁ ମିଳିଲା ଜୀବନ ରାହା। 'ପ୍ରାସଙ୍ଗିକ ଦୃଷ୍ଟିରୁ ଏ ଏକ ସତ୍ୟ ଘଟଣାର ଉଦାହରଣ ଏକ ଦୃଷ୍ଟାନ୍ତ ମାତ୍ର। ଏଭଳି ଦୃଶ୍ୟ ଆମ ସମାଜରେ ନିୟତ ପ୍ରତିଦିନ ଘଟିଚାଲୁଛି ।ଏହା ହିଁ ବିଡମ୍ବନା। ମାଆକୁ ଭଲପାଇବା, ସେବା, ଶୁଶ୍ରୁଷା, ସମ୍ମାନ ଦେବା, ଆମ ଭାରତୀୟ ସଂସ୍କୃତିର ମୂଳପିଣ୍ଡ। ବନ୍ଦେ ମାତାରମ୍ ଉଚ୍ଚାରିତ ଧ୍ୱନୀରେ ପ୍ରତ୍ୟେକ ଭାରତୀୟ ମନରେ ସ୍ୱତଃ ପ୍ରବୃତ୍ତ ଶିହରଣ ଜାଗେ। ମାଆ, ପ୍ରତି ଥିବା ନିବିଡ଼ , ଆତ୍ମୀୟଭାବ, ମାଆର ଆଶୀର୍ବାଦ ମଣିଷକୁ କ୍ରମୋତ୍ତରଣ ମାର୍ଗକୁ ପ୍ରଶସ୍ତ କରେ। ଉତ୍ତରାଧିକାରୀ ସୂତ୍ରରେ ଏହା ହିଁ ବେଦ ଭୂମି, ମହାମାନବୀୟ ଭାରତୀୟ ସଂସ୍କୃତିର ଆଧାତ୍ମିକ ଚିନ୍ତା, ଚେତନା ଧାରାର ମୂଲ୍ୟବୋଧ। ଆମେ ଯାହାକୁ ପ୍ରଗତି ମଣି ପୂଜ୍ୟପୂଜାର ସୁଶୃଙ୍ଖଳିତ ବ୍ୟବସ୍ଥିତ ବିଧି, ବିଧାନ, ପାରମ୍ପାରିକ ପ୍ରଥା ବ୍ୟବସ୍ଥା ପ୍ରତି ଯତ୍ନଶୀଳ ହେବାକୁ କୁଣ୍ଠାବୋଧ କରୁ, ଆମର କର୍ତ୍ତବ୍ୟବୋଧଠାରୁ ନିଜକୁ ଦୂରେଇ ରଖୁ। ଏହାହିଁ ମାନବ ବାଦର ପରିପନ୍ଥୀ।

ଶିକ୍ଷା ମଣିଷର ଅମାର୍ଜିତ ଚେତନ ସ୍ତରକୁ ମାର୍ଜିତ କରି ପ୍ରଶସ୍ତ କରେ।'ଅମୃତାସ୍ୟ ପୁତ୍ର' ଉଦ୍ଘୋଷଣାରେ ମନ ପବିତ୍ରତା ମଧ୍ୟରେ ଯେଉଁ ଲଳିତ ମମତାର ଉତ୍ସ ମଣିଷ ଆତ୍ମାକୁ ପୁଲକିତ କରେ, ପ୍ରାଣକୁ ଉଜ୍ୱଳ କରେ, ଚିତ୍ତରେ ଚୈତ୍ରାଳିର ଉଚ୍ଛନ୍ନତା ଉଦ୍ରେକ ହୁଏ, ହୃଦୟରେ ମଳୟ ବାସ ଚନ୍ଦନ ଲେପନ ହୁଏ। ଶିକ୍ଷାର ଗୁଣବତ୍ତା ଆଚାର, ଆଚରଣ, ଚରିତ୍ର, ମଣିଷର ପ୍ରବୃତ୍ତିକୁ ସତ୍ୟ, ଶୁଦ୍ଧ, ପବିତ୍ରତା ପ୍ରତି ସମର୍ପିତ ଭାବସତ୍ତାରେ ଉତ୍ତୋରିତ ହୋଇ ଆତ୍ମୀୟତା ମଧୁର , ମାଧୁର୍ଯ୍ୟ ମମତାର ଆହ୍ଲାଦରେ ନିମଜ୍ଜିତ ନ ହୋଇ ପାରିବା ଯାଏଁ , ଅସଲି ଶିକ୍ଷାର ଗୁଣ, ମାନ, ଅପହସିତ ହେବା ହିଁ ସାର ହେବ। ଅତଏବ, ସମାଜରେ ଆଧୁନିକତାର ଦ୍ୱାହିଦେଇ ପିତାମାତା ପ୍ରତି ଆମର କର୍ତ୍ତବ୍ୟବୋଧକୁ ନିବିଡ଼ ଆଗ୍ରହ ଓ ଆନ୍ତରିକତା ସହ ସଯତ୍ନବାନ ନହେଲେ, ଅବିଚାରିତ ଭାବେ ଏଇ ଭଳି ଚାଲିଥିବା ଅବହେଳିତ ଚିତ୍ର ପାଇଁ ଆମେ ନିନ୍ଦିତ ହେଇ ଚାଲୁଥିବା । ମାତୃ ଦେବୋ ଭବ ବେଦବାଣୀ ଆମର ଧେୟ ହେଉ। ମମତା ମାଧୁରୀ ମାଆର ମହ ମହ ମୋହାନ୍ଧତାର ଅଧିର ଆତ୍ମା ପୁଲକି ଉଠୁ ଅସରନ୍ତି ଉଲ୍ଲାସରେ। ବୃଦ୍ଧାଶ୍ରମ ବିଲୀନ ହେଉ । ମାଆର ସ୍ୱପ୍ନାଚ୍ଛନ୍ନ ଘର, ତା ଆଶା, ଆକାଂକ୍ଷାର ବୈଦୁର୍ଯ୍ୟରେ ଝଲ ମଲ ହୋଇଉଠୁ। ବିଶ୍ୱାସର ବହଳ ବାସ୍ନାରେ , ଆସ୍ଥା, ଆଶ୍ୱାସର ଅମୃତମୟ ମୂର୍ଚ୍ଛନାରେ ଘର ହେଉ ସ୍ୱର୍ଗପୁର ଶାନ୍ତି, ତୃପ୍ତି, ପ୍ରୀତି, ସ୍ୱସ୍ତିର ଆଳୟ।

♥ ଶ୍ରୀହରି ଆଳୟ,ବାଂମୟ ନିଳୟ,ସାହିତ୍ୟ ଚିରକାଳ। ବୋଇତାଲୁ ପାଟଣା, ମୋହନପୁର, ବିଞ୍ଝାରପୁର- ୭୫୫୦୦୪, ଯାଜପୁର।
ମୋ: ୭୩୮୪୨୫୧୧୪୬

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୭ ଅଗଷ୍ଟ ୨୦୨୩

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com





ସାଂପ୍ରତିକୀ

# ଯୁବକଙ୍କ ହାତରେ ଭାରତର ଭବିଷ୍ୟତ

ପ୍ର. ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଜାତିସଂଘ ପକ୍ଷରୁ ଅଗଷ୍ଟ ୧୨କୁ ବିଶ୍ୱ ଯୁବ ଦିବସ ଭାବେ ପାଳନ କରାଯାଇଥାଏ। ଯୁବପିଢ଼ି ସମ୍ମୁଖୀନ ହେଉଥିବା ବିଭିନ୍ନ ସାଂସ୍କୃତିକ ଓ ଆଇନଗତ ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ କରିବା ଏହି ଦିବସ ପାଳନର ଲକ୍ଷ୍ୟ। ୨୦୦୦ ମସିହାରୁ ପ୍ରତିବର୍ଷ ଅଗଷ୍ଟ ୧୨ରେ ଜାତୀୟ ଯୁବ ଦିବସ ପାଳନ ହେଉଛି। ପୃଥିବୀରେ ସେବୁଠାରୁ ବେଶୀ ଯୁବକ କେଉଁ ରାଷ୍ଟ୍ରରେ ବାସ କରନ୍ତି ବୋଲି ଯଦି ପ୍ରଶ୍ନ କରାଯାଏ ତେବେ, ତାହାର ଉତ୍ତର ହେଉଛି ଭାରତ । ଏହା ନିଶ୍ଚିତଭାବେ ଭାରତ ପାଇଁ ଏକ ଗୌରବ । ଭାରତରେ ପ୍ରାୟ ୫୪ କୋଟି ଯୁବକ ବାସ କରୁଛନ୍ତି । ଏମାନଙ୍କ ହାତରେ ଭାରତର ଭବିଷ୍ୟତ ନିର୍ଭର କରୁଛି । ସଂପ୍ରତି ଭାରତର ରାଜନୈତିକ ଏବଂ ସାମାଜିକ ସ୍ତରରେ ଯେଉଁ ହୀନମନ୍ୟତା ଏବଂ ରୁଗ୍‌ଣ ପରିବେଶ ସୃଷ୍ଟି ହୋଇଛି ତାହାକୁ କେବଳ ଯୁବକମାନେ ଦୂର କରିପାରିବେ । ଶାସନ ପ୍ରକ୍ରିୟା ଚାହେଁ ସ୍ୱଚ୍ଛତା, ଦୃଢ଼ତା ଏବଂ ଦୁର୍ନୀତିରୁ ମୁକ୍ତ । ଏହା ପାଇବା ପାଇଁ ସାଂପ୍ରତିକ ବ୍ୟବସ୍ଥା ଉପରେ ନିର୍ଭର କରିବା ଚରମ ନିର୍ବୋଧତା ବ୍ୟତୀତ ଆଉକିଛି ନୁହେଁ । କେବଳ ଯୁବକମାନେ ରାଷ୍ଟ୍ରକୁ ଏହା ଦେଇପାରିବେ ବୋଲି ମନରେ ପ୍ରତ୍ୟୟ ସୃଷ୍ଟି ହେଉଛି । ଯୁବସଂପ୍ରଦାୟକୁ ଏହାମଧ୍ୟ ଚେତାଇ ଦେବାକୁ ପଡ଼ିବ ଯେ ପଶୁରାଜ ସିଂହ ଗୁମ୍ଫାରେ ଶୋଇ ରହିଲେ ତାହା ପାଖରେ ଆହାର ପହଞ୍ଚିବ ନାହିଁ । ଆହାର ପାଇଁ ସିଂହକୁ ବଣକୁ ଯାଇ ଶିକାର କରିବାକୁ ପଡ଼ିବ । ଯୁବା ସମୟ ହେଉଛି ଅଫୁରନ୍ତ ଶକ୍ତିର ଗନ୍ତାଘର । ପ୍ରତ୍ୟେକ ଯୁବକଯୁବତୀ କିଛି ଉଲ୍ଲେଖନୀୟ କାର୍ଯ୍ୟକରି ନିଜ ପାଇଁ ସମୟର ସରଣୀରେ ଏକ ସ୍ଥାନ ସୃଷ୍ଟି କରିବାକୁ ଚାହେଁ । ଯୁବାବସ୍ଥାରେ ମନୋଭାବ ଗଠନମୂଳକ ଥାଏ ଏବଂ କିଛି କରିବାର ସୁଯୋଗ ଦିଆନଯାଏ, ତେବେ ରାଷ୍ଟ୍ରସ୍ଥବିର ହୋଇଯାଏ । ବିକାଶ ପ୍ରକ୍ରିୟା ଆଗେଇ ପାରେନାହିଁ । ସେମାନଙ୍କୁ ଏପରିକିଛି କରିବାକୁ ସୁଯୋଗ ଦିଆଯାଉ ଯାହାଫଳରେ ସେମାନେ ନିଜେ ଗୌରବ ଅନୁଭବ କରିବା ସହିତ ରାଷ୍ଟ୍ରକୁ ମଧ୍ୟ ଗୌରାବାନ୍ୱିତ କରିପାରିବେ । ସେମାନଙ୍କ କାର୍ଯ୍ୟ ଦୀର୍ଘସ୍ଥାୟୀ ହୋଇପାରିବ । କିଛି ନୂଆ କାମ କରିବାକୁ ହେଲେ ଏକ ଗଠନମୂଳକ ବୈପ୍ଳବିକ ଚିନ୍ତାଧାରା ଆବଶ୍ୟକ । ପରିବର୍ତ୍ତନକୁ ଗ୍ରହଣ କରିବାକୁ ସମସ୍ତେ ଆଗ୍ରହୀ ହେବା ସ୍ୱାଭାବିକ, କିନ୍ତୁ ଯୁବକମାନେ ନୂତନ ବିଚାରଧାରାକୁ ଯେପରି ସଫଳତାର ସହିତ କାର୍ଯ୍ୟକାରୀ କରିପାରିବେ ତାହା ବୟସ୍କମାନେ କରିବା କଷ୍ଟକର । ପ୍ରାଚୀନରୁ ନୂତନତ୍ୱକୁ ଯିବା ପାଇଁ ଏକ ଶକ୍ତିଶାଳୀ ଆବେଗ କେବଳ ଯୁବ ସଂପ୍ରଦାୟଠାରେ ଆମେ ଦେଖିବାକୁ ପାଇବା । ବୟସ୍କମାନଙ୍କ ସ୍ଥାଣୁ ମାନସିକତା ଏବଂ ଆଗ୍ରହର ଅଭାବ ବିକାଶ ପ୍ରକ୍ରିୟାରେ ବାଧାସୃଷ୍ଟି କରିଥାଏ । ଏମାନଙ୍କ ଯୋଗୁଁ ଶିଳ୍ପ ପ୍ରତିଷ୍ଠା ସମେତ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହୋଇପାରେ ନାହିଁ । ଏହା ହେଉଛି ଭାରତର ଦୁର୍ଭାଗ୍ୟ ଏହାର ବିପୁଳ ଯୁବଶକ୍ତି ଥାଇ ମଧ୍ୟ ସେମାନେ ବିକାଶ ପ୍ରକ୍ରିୟାକୁ ଆଗେଇ ନେବାଲାଗି ଏ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ଭାବେ ଆଗେଇ ଆସିନାହାଁନ୍ତି । ପ୍ରାଚୀନମାନଙ୍କ ପ୍ରଭାବରୁ ମୁକ୍ତ ହୋଇ ସେମାନଙ୍କୁ ଜାଗ୍ରତ ହେବାକୁ ପଡ଼ିବ । ଏହା ହୋଇନପାରିଲେ ଭାରତ ଏକବିଂଶ ଶତାବ୍ଦୀର ଶାର୍ଦ୍ଦୁଳ ହୋଇପାରିବ ନାହିଁ । ଯୁବକଙ୍କ ନିକଟରେ ରହିଛି ମୁକ୍ତ ମାନସିକତା ଏବଂ ଜିଗୀଷା । ସଫଳତା ନିମନ୍ତେ ଏହି ଦୁଇ ଶକ୍ତିର ଆବଶ୍ୟକତା ରହିଛି । ଏହା କେବଳ ଯୁବକଙ୍କ ନିକଟରେ ରହିଛି । ରାଷ୍ଟ୍ର ଆଜି ସନ୍ତ୍ରାସବାଦୀଙ୍କ ଠାରୁ ଆରମ୍ଭ କରି ବିକାଶ ବିରୋଧୀ ଶକ୍ତିମାନଙ୍କର ସମ୍ମୁଖୀନ ହୋଇଛି । ସେମାନଙ୍କୁ ଠିକଣା ଜବାବ କେବଳ ଯୁବ ସଂପ୍ରଦାୟ ଦେଇପାରିବ ।

କିନ୍ତୁ ଭାରତର ଯୁବଗୋଷ୍ଠୀ ନିକଟରେ ଏତେ ଶକ୍ତି ଥିବାବେଳେ ସେ ନିଷ୍କ୍ରିୟ କାହିଁକି ? କ୍ଷମତାର ପଶାପାଲିରେ ସେମାନଙ୍କୁ ବାହୁବଳୀ ଭାବେ ବ୍ୟବହାର କରାଯାଉଛି ! ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ସେମାନଙ୍କୁ ବିଭିନ୍ନ ଅପରାଧ କରିବାକୁ ପ୍ରୋତ୍ସାହିତ କରୁଛି । କେତେକ କ୍ଷେତ୍ରରେ ଏବଂ ହିଂସାତ୍ମକ କାର୍ଯ୍ୟରେ ସେମାନଙ୍କୁ ନିୟୋଜିତ କରି ସେମାନଙ୍କ ମଧ୍ୟରେ ଥିବା ଗଠନମୂଳକ ଶକ୍ତିକୁ ନଷ୍ଟ କରାଯାଉଛି । କ୍ଷମତାଲିପସୁ ଏବଂ ଅର୍ଥପିପାସୁ ଦଲାଲମାନଙ୍କ ନିୟନ୍ତ୍ରଣରୁ ଯୁବସମାଜକୁ ରକ୍ଷା କରିବାକୁ ପଡ଼ିବ । କେବଳ ଆଧ୍ୟାତ୍ମିକ ଚେତନାର ଉଦୟ ଏବଂ ସଚ୍ଚୋଟ ବ୍ୟକ୍ତିଙ୍କ ପରାମର୍ଶ ଦ୍ୱାରା ରାଷ୍ଟ୍ରର ପଥଭ୍ରଷ୍ଟ ଯୁବସଂପ୍ରଦାୟକୁ ବିକାଶର ମୁଖ୍ୟସ୍ରୋତକୁ ଅଣାଯାଇପାରିବ । ଏହା ହୋଇନପାରିଲେ ବିନାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ । ଯୁବଶକ୍ତିକୁ ଗଠନମୂଳକ କାର୍ଯ୍ୟରେ ନିୟୋଜିତ କରିବାପାଇଁ ୧୯୮୫ ମସିହାରୁ କେତେକ କାର୍ଯ୍ୟକ୍ରମ ଉଭୟ କେନ୍ଦ୍ର ଏବଂ ରାଜ୍ୟସ୍ତରରେ ଆରମ୍ଭ ହୋଇଛି । ଗାଁ, ବିଦ୍ୟାଳୟ, ମହାବିଦ୍ୟାଳୟମାନଙ୍କରେ ଯୁବକମାନଙ୍କ ନିମନ୍ତେ ବହୁବିଧ କାର୍ଯ୍ୟକ୍ରମ ଖୋଲାଯାଇଛି । ଯୁବଶକ୍ତିକୁ ଏକଜୁଟ କରି ସେମାନଙ୍କ ମଧରେ ସଂହତି ପ୍ରତିଷ୍ଠା ଏବଂ ସେମାନଙ୍କୁ ସେମାନଙ୍କ ଶକ୍ତି ସଂପର୍କରେ ସଚେତନ କରାଇବା ପାଇଁ ପ୍ରତିବର୍ଷ ଜାତୀୟ ଯୁବଉତ୍ସବର ଆୟୋଜନ କରାଯାଉଛି । ବିଗତ ୧୫ବର୍ଷ ହେଲା ଏହି ପ୍ରକ୍ରିୟା ଚାଲିଆସୁଛି । ଆଜି ଯୁବଶକ୍ତିର ପ୍ରତୀକ ସ୍ୱାମୀ ବିବେକାନନ୍ଦଙ୍କ ପବିତ୍ର ଜନ୍ମ ଦିବସ ପାଳନ କଲାବେଳେ ଯୁବପିଢ଼ିଙ୍କୁ ପୁଣି ସ୍ମରଣ କରାଇ ଦିଆଯାଇଛି ଯେ, ସୁବର୍ଣ୍ଣ ସୁଯୋଗ ସମ୍ମୁଖରେ ରହିଛି । ଏହାକୁ ହାସଲ କରିବାକୁ ସ୍ଥାଣୁତାରୁ ଉଠ, ଜାଗ୍ରତ ହୁଅ ଲକ୍ଷ୍ୟ ହାସଲ ନିମନ୍ତେ ସମସ୍ତ ଶକ୍ତି ଖଟାଇ ଦିଅ । ଯେଉଁ ରାଷ୍ଟ୍ରର ଭବିଷ୍ୟତକୁ ଆଗେଇ ନେବାପାଇଁ ୫୪ କୋଟି ଯୁବକଙ୍କର ଶକ୍ତ କାନ୍ଧ ରହିଛି ସେ ରାଷ୍ଟ୍ର କଦାପି ଦୁର୍ବଳ ଏବଂ ନିର୍ବଳ ହୋଇନପାରେ ।

♥ ସହ-ପ୍ରତିରତ୍ନିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
(ମୋ) : ୯୪୩୭୦୫୧୯୫୭

---

ସ୍ମୃତି ଶତଦଳ

ପୃଷ୍ଠା ୩୦୦



# ଜୀବନପାତ୍ର ମୋ ଭରିଛ କେତେ ମତେ...

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ଼୍, କଟକ-୧୨
(ମୋ) -୯୪୩୭୦୫୫୦୦୭

**ବୁଦ୍‌ବୁଦ୍ ପରି ଏ ଜୀବନ, ଚାହୁଁ ଚାହୁଁ ମହାକାଳର କରାଳ ସିନ୍ଧୁ ଭିତରେ ବିଲୀନ ହୋଇଯିବ ସେ କଥା ଜାଣି ମଧ୍ୟ ମଣିଷ ନିର୍ଲିପ୍ତ ହୋଇପାରେ ନାହିଁ, ମୋହାସକ୍ତ ହୋଇଯାଏ ଏବଂ ସକଳ ବସ୍ତୁର ପ୍ରାପ୍ତିପାଇଁ ବାରଂବାର ମୋହାଚ୍ଛନ୍ନ ହୋଇପଡେ ।**

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଶେଷଭାଗ

"ଜୀବନପାତ୍ର ମୋ
ଭରିଛ କେତେ ମତେ,
ନଦେଲ କିଛି ବୋଲି କହିବି କିହେ ଆଉ
ଜୀବନ ପ୍ରିୟତମ,
ହରିଛ ମୋ' ମରମ, ତରଣୀ ମମତବ,
ସାଗରେ ହଜିଯାଉ ।"

କବି ବୈକୁଣ୍ଠ ନାଥ ପଟ୍ଟନାୟକଙ୍କର ଏ କାଳଜୟୀ କବିତା ଯାହା ଉଣା ଅଧିକେ ସମସ୍ତ ଓଡିଶାବାସୀଙ୍କର ଏଯାଏଁ ପ୍ରିୟ ସଂଗୀତ ହୋଇ ରହିଛି । ଏହା ଖୁବ୍ ଶ୍ରୁତି ମଧୁର ଏବଂ ସମସ୍ତଙ୍କ କାନରେ ସଦା ଗୁଂଜରିତ । ଏହି କବିତାଟିରେ ସ୍ୱର ସଂଯୋଗ କରିଥିଲେ ତାଙ୍କ ଯୋଗ୍ୟା ଝିଅ ସଂଗୀତଜ୍ଞ ସୁନନ୍ଦା ପଟ୍ଟନାୟକ ଯାହାଙ୍କର ମଧୁର ସ୍ୱର ଓଡିଶାର ଘରେ ଘରେ ସୁପରିଚିତ । ସଂଗୀତଟିର ପ୍ରତ୍ୟେକ ଶବ୍ଦରେ ଭରି ରହିଛି ପ୍ରଭୁଙ୍କ ପାଇଁ କୃତଜ୍ଞତା ।

ଜୀବନରେ ସବୁ ଜିନିଷ ଯେ ଆମ ପାଇଁ ସୁଖର ଝରଣାଟିଏ ବୁହାଇ ଦେଇଥାଏ ସେ କଥା ନୁହେଁ । ସମସ୍ତଙ୍କ ଜୀବନରେ ସୁଖ, ଦୁଃଖ, ହସ, କାନ୍ଦ, କ୍ଳେଶ, ଯନ୍ତ୍ରଣା ଓ ଆନନ୍ଦ ଫେଣ୍ଟାଫେଣ୍ଟି ହୋଇ ରହିଥାଏ । ଆମେ କେତେବେଳେ ଆନନ୍ଦରେ ଉଦ୍‌ବେଳିତ ହୋଇ ଉଠୁ ତ' ଆଉ କେତେବେଳେ ଦୁଃଖରେ ଅଗ୍ନିଦଗ୍ଧ ହୋଇ ଯାଉ । ରୋଗ, ଶୋକରେ ବୁଡି ରହିଥିବା ବେଳେ ଭାବୁଁ, ପ୍ରଭୁ କାହିଁକି ମତେ ଏତେ ଦୁଃଖ ଦେଲେ ଜୀବନରେ ଆଉ କ'ଣ ସୁଖର ଉଦୟ ହେବନାହିଁ ? କିନ୍ତୁ ଆଶ୍ଚର୍ଯ୍ୟ ଜନକ ଭାବେ ପ୍ରଭୁ ଆମକୁ ସେ ପରିସ୍ଥିତିରୁ ଉଠାଇ ଆଣନ୍ତି । ବେଳେବେଳେ ସେ ଦୁର୍ଲ୍ଲଭ ପ୍ରାପ୍ତିକୁ ସ୍ୱୀକାର କରିବାକୁ ଆମେ କୁଣ୍ଠା ବୋଧ କରିଥାଉଁ ।

ବହୁ ଜନ୍ମର ତପସ୍ୟା ଫଳରେ ସୁନ୍ଦର ମଣିଷ ଜନ୍ମଟିଏ ମିଳିଥାଏ ଏବଂ ପୂର୍ବ ଜନ୍ମର ସୁକୃତି ସହ ଏ ଜନ୍ମର କର୍ମର ଫଳାଫଳ ମିଶି ଜୀବନ ତିଆରି ହୋଇଥାଏ । ପୂର୍ବ ଜନ୍ମର ସୁକୃତି ଓ ଏ ଜନ୍ମର ଆଚରଣ ଗୋଟିଏ ଜୀବନକୁ ସ୍ୱୀକୃତି ଆଣି ଦେଇଥାଏ ଏବଂ କ୍ରମେକ୍ରମେ ଜୀବନର ଉତ୍ତରଣ ଘଟାଇଥାଏ । ମୋ' ଜୀବନରେ କୃତଜ୍ଞତାର ଏକ ବିଶିଷ୍ଟ ମହତ୍ତ୍ୱ ରହିଛି । କାରଣ ଜନ୍ମ ମୁହୂର୍ତ୍ତଠାରୁ ଏଯାଏଁ ଅନେକଙ୍କ ପାଖରେ ମୁଁ କୃତଜ୍ଞ ।

ବୁଦ୍‌ବୁଦ୍ ପରି ଏ ଜୀବନ, ଚାହୁଁ ଚାହୁଁ ମହାକାଳର କରାଳ ସିନ୍ଧୁ ଭିତରେ ବିଲୀନ ହୋଇଯିବ ସେ କଥା ଜାଣି ମଧ୍ୟ ମଣିଷ ନିର୍ଲିପ୍ତ ହୋଇପାରେ ନାହିଁ, ମୋହାସକ୍ତ ହୋଇଯାଏ ଏବଂ ସକଳ ବସ୍ତୁର ପ୍ରାପ୍ତିପାଇଁ ବାରଂବାର ମୋହାଚ୍ଛନ୍ନ ହୋଇପଡେ । ପ୍ରଥମେ କୃତଜ୍ଞତା ଜାଣାଇବି କୋଟି କୈବଲ୍ୟନାଥ ଜଗତର ନାଥ, ନୀଳ ନୀଳାଂଜନ, ଶ୍ରୀ ଶ୍ରୀ ଜଗନ୍ନାଥଙ୍କୁ ଯିଏ ମତେ ଏମିତି ଜୀବନଟିଏ ସହ ତାଙ୍କର ଚିରୁଡାଏ କରୁଣାର କୈବଲ୍ୟ ଯେ ମୋ ପଣତକାନିରେ ସାଉଁଟି ରଖି ପାରିବାର ଭାଗ୍ୟ ମତେ ଦେଇଛନ୍ତି ତାହା ମୋ ପାଇଁ ଏକ ମହାର୍ଘ୍ୟ ପ୍ରାପ୍ତି । ଇଚ୍ଛାହୁଏ ତାଙ୍କ ପଦ୍ମପାଦରେ ମୋର ସବୁ ଦମ୍ଭ, ଗର୍ବ, ଅହଂକାରତକ ସମର୍ପଣ କରି କ୍ଷଣିକ ପାଇଁ ହେଉପଛେ ଏକ ନିର୍ଲିପ୍ତ ଜୀବନ ଜୀଇପାରନ୍ତି । ସମସ୍ତ ପ୍ରାପ୍ତି ଓ ଅପ୍ରାପ୍ତି ମଧ୍ୟରେ ଯିଏ ମତେ ଅନବରତ ଜୀଇଁବାର ଓ ଆଗକୁ ଚାଲିବାର ପ୍ରେରଣା ଦେଇଛନ୍ତି ଓ "ଚରୈବତି" ର ମନ୍ତ୍ର ଶିଖାଇଛନ୍ତି ତାଙ୍କ ପାଖରେ ମୁଁ ଚିର କୃତଜ୍ଞ ।

ଏ ପୃଥିବୀରେ ଜନ୍ମ ନେବା ପୂର୍ବରୁ ବି ଯେଉଁ ପୂର୍ବଜ ମାନେ ମୋର ଆଗମନକୁ ଆନନ୍ଦର ସହ ଅପେକ୍ଷା କରିଥିଲେ ଏବଂ ମୋର ଜନ୍ମ ପରେ ଯିଏ ଆନନ୍ଦରେ ଓ ଆବେଗରେ ମତେ ଛାତିରେ ଜଡାଇ ଧରିଥିଲେ ତଥା ମୋର ଜୀବନ ଗଢିବାରେ ଯେଉଁମାନଙ୍କର ଅବଦାନ ଅନନ୍ୟ ସେଇ ଅଜା, ଆଇ, ବୋଉ ଓ ନନାଙ୍କୁ ମୋର ବିନମ୍ର ପ୍ରଣାମ ।

ବୋଉ ପଦ୍ମାବତୀ ଯିଏ ଥିଲା "ପଙ୍କଜା" ଯାହାର ଆତ୍ମା ଏବେବି ମତେ ଶହଶହ ବର୍ଷ ଜୀଇଁବାର ପ୍ରେରଣା ଦେଇ ଚାଲିଛି , ସେଇ ଜନ୍ମଦାତ୍ରୀ ପାଖରେ ମୁଁ କୃତଜ୍ଞ । ମୁଁ କୃତଜ୍ଞ ମୋର ଅଜା ଶିକ୍ଷାବିତ୍ ଓ କବି ବୈରାଗୀ ମିଶ୍ରଙ୍କ ପାଖରେ ଏବଂ ଆଇ ସୁନାମଣି ଦେବୀଙ୍କ ପାଖରେ ଯିଏ ମୋ ହାତରେ ଖଡିଛୁଆଁଇ ମତେ ସାଧନାର ଶୀର୍ଷତମ ଶିଖରକୁ ଛୁଇଁବାର ପ୍ରେରଣା ଦେଇଥିଲେ ତାଙ୍କ ପାଖରେ ମୁଁ ଋଣୀ । ମୁଁ କୃତଜ୍ଞ ମୋର ନନା କବି ଓ ଶିକ୍ଷାବିତ୍ ଜୀବାନନ୍ଦ ଆଚାର୍ଯ୍ୟ ଙ୍କ ପାଖରେ ଯିଏ ମତେ ଆଜୀବନ "ଜୀବନର ଅନ୍ୟନାମ ଆନନ୍ଦ"ର ଗୁରୁମନ୍ତ୍ର ଦେଇଥିଲେ । ମୁଁ କୃତଜ୍ଞ ମୋର ସହପାଠୀ, ସହଧର୍ମୀ, ସହଯାତ୍ରୀ ପ୍ରଫେସର ଡଃ ରମାରମଣ ଷଡଙ୍ଗୀଙ୍କ ପାଖରେ ଯାହାଙ୍କର ଅନବରତ ପ୍ରେରଣା ଓ ଉଚ୍ଚ ଆକାଂକ୍ଷା ହିଁ ମତେ ମୋର ଡାକ୍ତରୀ ବିଦ୍ୟାକୁ ଉଚ୍ଚତମ ସୋପାନକୁ ନେବାରେ ସାହାଯ୍ୟ କରିଥିଲା ଏବଂ ସବୁ ପର୍ଯ୍ୟାୟରେ ମୋର ଉତ୍ତରଣ ଘଟାଇଥିଲା । କୃତଜ୍ଞ ମୁଁ ମୋର ଆତ୍ମଜ ଓ ଆତ୍ମଜାଙ୍କ ପାଖରେ, ଯିଏ ମୋର ବୃତ୍ତି ଓ ପ୍ରବୃତ୍ତି ଉଭୟକୁ ସମ୍ମାନ ଦେଇ ମୁଁ ସେମାନଙ୍କୁ ସମୟ ଦେଇ ନପାରିବାର ଦାୟକୁ ମଧ୍ୟ ସମ୍ଭାଳି ନେଇଛନ୍ତି ।

ମୁଁ କୃତଜ୍ଞ, ଧ୍ୱନି ପ୍ରତିଧ୍ୱନିର ସଂପାଦିକା ମୋର ଅତି ଆଦରଣୀୟା ଅନୁଜା ସୈରିନ୍ଧ୍ରୀ ସାହୁ ଓ ପରିଚାଳକ ଶ୍ରୀଯୁକ୍ତ ସୃଷ୍ଟିଧର ପରିଡାଙ୍କ ପାଖରେ ଯିଏ ବର୍ଷ ବର୍ଷ ଧରି ମତେ ତାଙ୍କ ପତ୍ରିକାରେ ସ୍ଥାନ ଦେଇ ମୋ ହାତରେ ମୋର ଜୀବନ କାହାଣୀକୁ ଲେଖାଇ ନେଇଥିବାରୁ । ମୁଁ ଖୁବ୍ ଅକିଂଚନ ମଣିଷଟିଏ, ଏତେ ବ୍ୟସ୍ତ ଜୀବନ ଭିତରେ କେବେ ହେଲେ ଏତେ ଦୀର୍ଘ ଜୀବନ କାହାଣୀଟିଏ ଲେଖି ପାରିନଥାନ୍ତି ତାଙ୍କଠାରୁ ପ୍ରେରଣା ନ ପାଇଥିଲେ । । ମୋର ଜୀବନକାହାଣୀ ଯଦି କାହାପାଇଁ ଦିଗଦର୍ଶକ ହେଲା ସେଥିରେ ମୁଁ ନିଜକୁ ଧନ୍ୟ ମନେ କରିବି ।

ଶେଷରେ ମୋର ଅଗ୍ରଜ ଓ ଅନୁଜ କବି, ଲେଖକ, ସାହିତ୍ୟାନୁରାଗୀ ତଥା ମୋର ଅଗଣିତ ପାଠକ ପାଠିକାମାନେ ଯିଏ ସେମାନଙ୍କର କିଞ୍ଚିତ ସମୟ ଦେଇ ମୋ ଲେଖା ପଢିଛନ୍ତି ଏବଂ ବାରଂବାର ପ୍ରଶ୍ନ କରିଛନ୍ତି କେବେ ବହିଟିଏ ପ୍ରକାଶ ପାଇବ ବୋଲି ସେମାନଙ୍କ ପାଖରେ ମୁଁ ଚିର କୃତଜ୍ଞ । ଜୟ ଜଗନ୍ନାଥ । (ସମାପ୍ତ)

---

# ଧାରାବାହିକ ଅନୁବାଦ ଉପନ୍ୟାସ-(୩୫)

# ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଲେ





ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

"ଓହୋ ମାଆ ! ତୁ ବୁଝୁନୁ କାହିଁକି ଯେ? ଏମାନେ ଲାଗୁଛି ଘରଟା ମହତ୍ତ୍ୱପୂର୍ଣ୍ଣ ନୁହେଁ। ଏ ବୟସରେ ତୁ ଏକୁଟିଆ କେମିତି ରହିବୁ? ତୋର ତ ହଜାରେ ବେମାରୀ। କେତେବେଳେ କେଉଁ ଜିନିଷର ଆବଶ୍ୟକତା ପଡ଼ି ଯାଇପାରେ। ଏମିତି ବି ନିଜର ଘର ଆଉ ଏଇ ପରିଛତିରେ ତିଆରି ହୋଇଥିବା ଘର ଭିତରେ ଫରକ ଅଛି ମାଆ !"

"ଆରେ ଫରକ ଆଉ କ'ଣ? ତୁ ଛୋଟ ବେଳେ ଯେଉଁ ସ୍କୁଲରେ ପାଠ ପଢୁଥିଲୁ ସେଇ ସ୍କୁଲ୍ ପାଖରେ ଅଛି ସେଇ ଘର। କୋଉଁଶେ ଦୂର ବି ନୁହେଁ। ରହିବା ପାଇଁ ସେଇଠିକି ଯିବି। ସେ ଘର ବି ବ୍ୟବହାର ଯୋଗ୍ୟ ହେଇଯିବ। ଦିନରେ ତିନି/ ଚାରି ଥର ଘରକୁ ଯାଇ ବୁଲି ଆସିବି। ଛୁଆଙ୍କୁ ବି ଦେଖି ଆସିବି।"

"... ହେଲେ ତୁ ଏମିତି ଏକୁଟିଆ କେମିତି ରହିବୁ ମାଆ ?"

"କଣ ହୋଇଗଲା ସେଇଠୁ। ସାରା ଜୀବନତ ଏକୁଟିଆ ମୁଁ ସାରାଟା ଘର ସଂସାରକୁ ସମ୍ଭାଳିଲି ନା ନାହିଁ ?"

ମାଆ ! ସେ ସବୁ ସମୟ ଅନ୍ୟପ୍ରକାର ଥିଲା। ଏବେ ତୋ ପାଇଁ ପରିବାରର ଆବଶ୍ୟକତା ଅଛି। ଆଉ ଏଇ ସମୟରେ ହିଁ ଏକୁଟିଆ ରହିବା କଥା କହୁଛି ?

"ରହିବି... ନିଷ୍ଟେ ରହିବି ମୁଁ। ମୋ ଶରୀରରେ ଶକ୍ତି ଅଛି।"

"ହେଲେ ... ତୋ ମୁଣ୍ଡରେ ଏ କଥା କାହିଁକି ଆସିଲା ?"

"କିଛି ବି କହ ... କିଛି ଭୁଲ କଥା ତ ଆସିନି ମୁଣ୍ଡକୁ ନା ?"

"ହେଲେ ... ମୋର କହିବା କଥା ହେଲେ ତୁ ସେଠି ଏକୁଟିଆ ରହନା। ତୁ ମୋ ପାଖରେ ରହ.. ଏଇଠି।"

"ଏଇ ଦେଖ ! ତୁ ଏମିତି ବାମନ ଭଟ ପରି ମୋତେ ବୁଝାନା କହି ଦଉଛି। ମୁଁ ଘର ତିଆରି କରି ଦେଇଛି ନା, ଏବେ ମୁଁ ସେଇଠି ରହିବି।"

"ଏବେ କଣ ତୁ ତା ହେଲେ କାହାର କଥା ଶୁଣିବୁନୁ ?"

"ମୁଁ ତ କାହାର କିଛି ଖରାପ କରୁନି।"

"ପ୍ରଶ୍ନ କାହାର କିଛି ଅସୁବିଧା କରିବାର କି ଭଲ-ଖରାପର ନୁହେଁ, ତୁ ଏବେ ମୋ ସାଙ୍ଗେ ଆଉ ଯୁକ୍ତି ତର୍କ କରନା। ତୁ ଘରଛାଡ଼ି ଘରେ କେବେ ହେଲେ ରହିବାକୁ ଯିବୁନି।"

"ହେଲେ କାହିଁକି ?"

"ସେ ଘର ଏବେ ମୋ ଭାଗ୍ୟରେ ଅଛି। କେତେ ଭଲ ହେଲା ଯେ ସେ ଘରର ମୁହଁ ଦେଖିବା ଏବେ ତୋ ଭାଗ୍ୟରେ ନାହିଁ।"

"ବାକ୍-ଯୁଦ୍ଧରେ ମାଆ ସବୁବେଳେ ମୋ ଠାରୁ ଜିତିଯାଏ। ତା କଥା ଶୁଣି ମୋତେ ଭୀଷଣ ରାଗ ଲାଗୁଥିଲା। ଅବଶ୍ୟ ତାର ଯୁକ୍ତିରେ ସବୁବେଳେ କିଛି ତର୍କ ସମ୍ମତ ସତ୍ୟ ରହୁଥିଲା ।

ଥରେ ମୁଁ କହିଲି "ମାଆ ...ଏବେ ମୋତେ ବହୁତ ଇନ୍‌କମ୍ ଟ୍ୟାକ୍ସ ଦେବାକୁ ପଡୁଛି ?"

"ସେଇଟା ପୁଣି କ'ଣ ?"

"ଆରେ, ମୋତେ ଯେଉଁ ଦରମା ମିଳୁଛି ତା ଉପରେ ମୋତେ ଟ୍ୟାକ୍ସ ଦେବାକୁ ପଡୁଛି।"

"କିଏ ନେଉଛି ଏଇ ଟ୍ୟାକ୍ସ ?"

"କିଏ ମାନେ ... ସରକାର ହିଁ ଟ୍ୟାକ୍ସ ନେବେ ନା ?"

"ସରକାରକୁ ଲାଜ ଲାଗୁନାହିଁ। ମୋର ପୁଅ ଦିନରାତି ଗଧ ପରି ଖଟୁଛି। ଆଉ ସେଇ ଦୁଷ୍ଟ ପଇସା ଅସୁଲ କରୁଛି।"

"ଆରେ... ଏଇଟା ଟ୍ୟାକ୍ସ। ସମସ୍ତଙ୍କୁ ଦେବାକୁ ପଡ଼େ। ସେଇ ପଇସାରେ ସରକାର ଜନହିତକର କାର୍ଯ୍ୟ କରନ୍ତି।"

"ହଁରେ... କିନ୍ତୁ, ଆମେ ଯେତେବେଳେ ଭୋକରେ ମରୁଥିଲୁ, ସେତେବେଳେ ସରକାର ଆମକୁ ପଇସା ଦେଉଥିଲେ କି ?"

ମିଳୁଥିଲା, କିନ୍ତୁ ଅନ୍ୟ ପ୍ରକାରେ, ତୋର ମନେଅଛି ନା ? ଆମେମାନେ ରୋଜଗାର ଯୋଜନାରେ କାମ କରିବାକୁ ଯାଉଥିଲୁ। ଆମକୁ ଖାଇବା ପାଇଁ ଖାଦ୍ୟଶସ୍ୟ ମିଳୁଥିଲା। ମୋତେ ସ୍କୁଲ୍‌ରେ ମାଗଣା ଖାଇବାକୁ ମିଳୁଥିଲା। ମାଗଣାରେ ବହିପତ୍ର ମଧ୍ୟ ମିଳୁଥିଲା ।"

ଆରେ ହଁ ଠିକ୍ ଅଛି... ହେଲେ ଆମେ ଯେଉଁ ହାଡ଼ଭଙ୍ଗା ପରିଶ୍ରମ କରୁଥିଲୁ ତାକୁ ବି ତ ସରକାରଙ୍କର ଦେଖିବା କଥା ଥିଲା ନା ନାହିଁ ... ?"

ମାଆ ଯେତେବେଳେ ଏଇ ସବୁପ୍ରଶ୍ନର ବର୍ଷା କରିବା ଆରମ୍ଭ କରି ଦେଉଥିଲା,ସେତେବେଳେ କଥାବାର୍ତ୍ତା ବନ୍ଦ କରିବା ହିଁ ଏକମାତ୍ର ବିକଳ୍ପ ଥିଲା। ମୁଁ ବାର୍ ବାର୍, ଏଇ ଫର୍ମୁଲାକୁ ଆପଣାଉ ଥିଲି। ଷୋହଳ ଅଣାରେ ପୁରା ଏକ ଟଙ୍କା ହେବା ଉଚିତ୍। ଆଜି ବି ତାର ଚିନ୍ତାଧାରା ସେଇଆ ଥିଲା। ଷୋହଳ ଅଣାରେ ଛୟାନବେ ପଇସା ହୁଏ, ଶହେ ପଇସା ହୁଏନା ଆଉ ପୁରା ଟଙ୍କାଟିଏ ହେବାପାଇଁ ଶହେ ପଇସା ଆବଶ୍ୟକ ହୁଏ। ଏକଥାକୁ ସିଏ ଗ୍ରହଣ କରୁ ନଥିଲା। ପ୍ରତିଦିନର ବ୍ୟବହାପରେ ଯେତେବେଳେ ଷୋହଳ ଅଣାକୁ ଟଙ୍କାଟିଏ କହିବା ବନ୍ଦ କରି ଦିଆଗଲା, ସେତେବେଳେ ଯାଇ ସିଏ ଏଇ କଥାକୁ ଗ୍ରହଣକଲା । ପୁରୁଣା କାଳରେ ଏକ ଅଣା ଅର୍ଥାତ୍ ଛଅ ପଇସା ଆଉ ଷୋହଳ ଅଣା, ଛୟାନବେ ପଇସା ହେଉଥିଲା। ଅଣାରୁ ପଇସାର ଗଣିତ ଯାଏଁ ପହଞ୍ଚିବା ପାଇଁ ତାକୁ କିଛି ସମୟ ଲାଗିଲା। ହେଲେ ପରେ ସିଏ ଏହି ସମୀକରଣକୁ ଖୁବ୍ ଭଲ ଭାବରେ ବୁଝିନେଲା। ଦିନେ ଖୈରନାର ଗୁରୁଜୀ ମାଆ ସହିତ ଦେଖା କରିବାକୁ ଆସିଲେ "ତୁମର ବୟସ କେତେ ମାଉସୀ ?" ପରିବାରୁ ସିଏ କହିଲା, "ଚାର ଇସା ଲା ଦହା କମି' ଚାରିଥର କୋଡ଼ିଏରୁ ଦଶକମ୍ (ଇସା ଅର୍ଥାତ୍ କୋଡ଼ିଏ) ଏମିତି ଥିଲା ତା'ର ଉତ୍ତର। ଶୁଣିବା ଲୋକ ପାଇଁ ହଠାତ୍ ବୁଝିବା କଷ୍ଟ ..... ପିଲାମାନଙ୍କୁ, ପତ୍ନୀକୁ ବି, ହେଲେ ସିଏ କହିବା କଥା ହେଲା ଚାରିକୋଡ଼ି ଅର୍ଥାତ୍ ଅଶୀରୁ ଦଶ କମ୍, ବୟସ ହେଲା ସତୁରୀ ବର୍ଷ... ତାର ଅନ୍ୟ ଦୁଇଭଉଣୀଙ୍କର ବୟସ ତ ପ୍ରାୟ ସେତିକି ହିଁ ଥିଲା।

(୩୬)

ନାସିକ ଆସିବା ପରେ ୨୦୦୬ ମଇ ମାସରେ, ମାଆ ଭିତରେ ଆଉ ଏକ ପରିବର୍ତ୍ତନ ଦେଖା ଦେଇଥିଲା। ସିଏ ଘରୁ ବାହାରୁ ଥିଲା ଆଉ କ୍ରମାଗତ ଭାବରେ କେତେ ଘଣ୍ଟା ପାଇଁ କାହା ସହିତ ଗପସପ କରିବାକୁ ବସି ଯାଉଥିଲା। କମଲେ କାଡେ ମାଉସୀ ଆଉ ଖରେବାଇ ଦୁଇଜଣଙ୍କ ସହିତ ତାର ଖୁବ୍ ବନ୍ଧୁତା ଥିଲା। ଯଦି ସେଇ ଦୁଇ ଜଣ ମିଳୁ ନଥିଲେ ତେବେ ସିଏ ଯାଇ ଘର ବାହାରେ ଥିବା ପିଣ୍ଡି ଉପରେ ବସି ପଡୁଥିଲା। ଭୋକ କିମ୍ବା ଶୋଷ ଲାଗିଲେ ସିଏ ଘରକୁ ଆସୁଥିଲା। କେବେକେବେ ଦ୍ୱିପ୍ରହରରେ ଶୋଇ ପଡୁଥିଲା ସିଏ। ହେଲେ ଟିକେ ସମୟ ପରେ ସିଏ ପୁଣି ପଦାକୁ ବାହାରି ଯାଉଥିଲା। ଯା'ର କାରଣ କିଛି ଜଣା ପଡୁ ନଥିଲା। ଆଉ ଯେଉଁ କାରଣ ମୋତେ କହୁଥିଲା ତାହା ମୋ ମନକୁ ପାଉ ନଥିଲା କିମ୍ବା ମୋତେ ଠିକ୍ ଲାଗୁ ନଥିଲା। ମାଆ କହୁଥିଲା "ଆରେ, ପେଟର ପଥୁରୀ ବାହାରକୁ ବାହାରିବା ଦରକାର, ସେଥିପାଇଁ ଡାକ୍ତର ମୋତେ ବେଶୀ ପାଣି ପିଇବାକୁ କହିଛନ୍ତି। ବହୁତ ପାଣି ପିଉଛି ମୁଁ। ସେଥିପାଇଁ ବେଶୀ ପରିସ୍ରା ବି ଲାଗୁଛି। ବାରମ୍ବାର ପରିସ୍ରା ଯିବାକୁ ପଡୁଛି। ତଳେ ତୁ ଯେଉଁ ପାଇଖାନା (କମୋଡ୍) ତିଆରି କରିଛୁ ତାକୁ ବ୍ୟବହାର କରିବାକୁ ମୋତେ ଭଲ ଲାଗୁନି। ଉପରେ ଥିବା ଟଏଲେଟ୍ ବ୍ୟବହାର କରୁଛି ମୁଁ। ହେଲେ ବାରମ୍ବାର ତଳ ଉପର ହେଲେ ମୋର ଆଣ୍ଠୁ-ଗଣ୍ଠି ଦରଜ ହେଉଛି। ବାହାରକୁ ଯାଇ ମୁଁ କେଉଁଠି ଗୋଟେ ଆଡୁଆଳ ଦେଖି ପରିସ୍ରା ବସିଯାଉଛି ।"

ମାଆ ଯାହା କହୁଥିଲା ତାହା ମୋତେ ଏମିତି ଦେଖିଲେ ଠିକ୍ ଲାଗୁଥିଲା। ହେଲେ ମାଆ ପାଞ୍ଚ, ଛଅ ଘଣ୍ଟା ଘରୁ ଯାଇ ବାହାରେ ରହିବାଟା ମୋତେ ଭଲ ଲାଗୁ ନଥିଲା। ହୋଇପାରିଥାଏ ଯା'ର ହୁଏତ କୌଣସି କାରଣ ବି ଥାଇପାରେ, ହେଲେ ସେ କଥା ମୋତେ ଜଣା ନଥିଲା।

(୩୭)

ମାଆକୁ ଯେ ଟି.ବି. ହେଉଥିଲା ସେ ବିଷୟରେ ଏବେ କୌଣସି ସନ୍ଦେହ ନଥିଲା ହେଲେ ତା'ଠାରୁ ଅନ୍ୟ କାହାକୁ ରୋଗ ଡେଇଁବାର କୌଣସି ଆଶଙ୍କା ନଥିଲା ସେ କଥା ଡାକ୍ତର ଏମ.ଏଚ. ପାଓ୍ୱାର ମୋତେ ଅନେକ ଥର କହି ସାରିଥିଲେ। ମାଆକୁ ଏ ବିଷୟରେ ଆଗେ କେହ କିଛି କହି ନଥିଲୁ। ତାକୁ ଔଷଧ ଦେଲାବେଳେ ସିଏ ସବୁ ବଟିକା ବିଷୟରେ ପଚରାଉଚରା କରୁଥିଲା। ଏଇ ବଟିକା କଣ ପାଇଁ... କେତେବେଳେ ତାକୁ ଖାଇବାକୁ ହେବ ... ଏମିତି ବହୁତ ପ୍ରଶ୍ନ ପଚୁଥିଲା ସିଏ। ପ୍ରଶ୍ନ ପରୁ ପରୁ ସିଏ ଟି.ବି.ର ବଟିକା ଯାଏଁ ପହଞ୍ଚିଗଲା। ମୁଁ କହିଲି 'ଏଇ ବଟିକା ଭୋକ ଲାଗିବା ପାଇଁ ଆଉ ଶକ୍ତି ବଢ଼ାଇବା ପାଇଁ'

"ହେଲେ ଯା ଆଗରୁ ଏମିତି ଗୋଟେ ବଟିକା ମୋ ହାତରେ ଦେଇଥିଲୁ ନା, ଭୁଲ୍‌ରେ ଅନ୍ୟ ବଟିକା ନେଇ ଆସିନୁ ତ ! ଯଦି ଆଣିଛୁ ତେବେ ଫେରେଇ ଦେ'। ବେକାରଟାରେ ପଇସା ଖର୍ଚ୍ଚ କରିବାଟା ଠିକ୍ ନୁହେଁ।(କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

# ବାଲେଶ୍ୱରରୁ ୪ଟି ବିଧାନସଭା ଲଢ଼ିବ ସିପିଆଇ: ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲା ଦଳ




ନୀଳଗିରି , ୨୬/୦୮ (ନି.ପ୍ର): ବାଲେଶ୍ୱର୍ କମ୍ୟୁନିଷ୍ଟ ଜିଲ୍ଲା ପରିଷଦ ଓ କାର୍ଯକାରୀ କମିଟି ର ବୈଠକ ନୀଳଗିରି କମ୍ୟୁନିଷ୍ଟ ପାର୍ଟି ଅଫିସ ବନମାଳୀ ଭବନ ରେ ବର୍ଷିଆନ କମ୍ୟୁନିଷ୍ଟ ନେତା କୈଳାଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଭାରତୀୟ କମ୍ୟୁନିଷ୍ଟ ପାର୍ଟି ର ରାଜ୍ୟ ପରିଷଦ କେନ୍ଦୁଝର ଜିଲ୍ଲା ବଡ଼ବିଲ ଠାରେ ଅନୁଷ୍ଠିତ ହୋଇ କେତେକ ନିଷ୍ପତି ଗ୍ରହଣ ହୋଇଥିଲା ।, ଯେଉଁ ନିଷ୍ପତି ରେ ଆଗାମୀ ବିଧାନସଭା ପାଇଁ ବାଲେଶ୍ୱର ଜିଲ୍ଲା ର ବିଧାନସଭା ମଣ୍ଡଳୀ ଚୟନ କରିବା ନିଷ୍ପତି ଥିଲା । ସେହି ଦୃଷ୍ଟି ରୁ ଆଲୋଚନା ରେ ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ ଅଂଶ ଗ୍ରହଣ କରି ବିଧାନସଭା ଓ ଲୋକ ସଭା ଆସନ ରେ ଲଢ଼ିବା ପାଇଁ ପ୍ରସ୍ତାବ ରଖିଥିଲେ। ପ୍ରସ୍ତାବ ରେ ଅଂଶ ଗ୍ରହଣ କରି ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ମାନେ ପ୍ରଥମେ ୪ ଗୋଟି ବିଧାନସଭା ଯଥା - ନୀଳଗିରି, ବାଲେଶ୍ୱର ସଦର, ରେମୁଣା ଓ ସୋର ବିଧାନସଭା ଆସନ ରୁ ଲଢ଼ିବା ସହିତ ଆଗାମୀ ବୈଠକ ରେ ବାଲେଶ୍ୱର ଲୋକସଭା କ୍ଷେତ୍ର ରେ ନିର୍ବାଚନ ଲଢ଼ିବା ପାଇଁ ନିଷ୍ପତି ଗ୍ରହଣ କରାଯିବାକୁ ସ୍ଥିର ହୋଇଥିଲା। ଏପରିକି ବାଲେଶ୍ୱର ସଦର ବିଧାନସଭା ପାଇଁ ପ୍ରାର୍ଥୀ ଭାବେ ଜୟନ୍ତ ଦାସ ଓ ରେମୁଣା ବିଧାନସଭା ପାଇଁ ଦେବେନ୍ଦ୍ର ଯେନା ଙ୍କ ନାମ କାର୍ଯକାରୀ କମିଟି ରେ ସିଦ୍ଧାନ୍ତ କରି ଗୃହୀତ ନିମିତ୍ତ ରାଜ୍ୟ ପାଟି କୁ ପ୍ରସ୍ତାବ ଦେଇଥିବା ସାମ୍ବାଦିକ ସମ୍ମିଳନୀ ଜରିଆରେ ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ ସୂଚନା ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଦସ୍ୟ ପୁରୁଷୋତ୍ତମ ସେଠି, ଅନାମ ବାରିକ, ମାୟାଧର ନାୟକ, ସନ୍ତୋଷ ବିଶ୍ୱାଳ, ଯତୀନ ପାତ୍ର, ବିଜୟ କୁମାର ସ, ଭଗବାନ ପଣ୍ଡା, ବନ୍ଦନା ବିଶ୍ୱାସ, ହରେକୃଷ୍ଣ ପଣ୍ଡିତ, ନିହାର ଜେନା, ଶଶୀକାନ୍ତ ପଣ୍ଡା ଙ୍କ ଗହଣରେ ସୂଚନା ଦେଇଥଲେ । ଏହା ସହିତ ସେପଟ୍ମ୍ବର ମାସ ୧ ତାରିଖ ନୀଳଗିରି ସମେତ ଜିଲ୍ଲା ରେ ବିଭିନ୍ନ ବ୍ଲକ ଓ ତହସିଲ ମାନଙ୍କ ରେ କୃଷକ ମାନଙ୍କ ସମସ୍ୟା କୁ ନେଇ, ଗଣ ଆନ୍ଦୋଳନ କରିବା ପାଇଁ ସ୍ଥିର ହୋଇଥିବା ନେଇ ଜିଲ୍ଲାପରିଷଦ ବୈଠକ ରେ ନିଷ୍ପତି ହୋଇଥିବା ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଥିଲେ ।

## ୬ ଦଫା ଦାବି ନେଇ ଜିଲ୍ଲାପାଳ ଓ ସିଏସଓଙ୍କୁ ଦାବିପତ୍ର ଦେଲେ ଯୋଗାଣ ସହାୟକ ସଂଘ

ନୂଆପଡ଼ା, ୨୬/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଯୋଗାଣ ସହାୟକ ସଂଘ ପକ୍ଷରୁ ଆଜି ନୂଆପଡ଼ା ଜିଲ୍ଲାପାଳ ଓ ସିଏସଓଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ୬ ଦଫା ଦାବି ନେଇ ଓଡ଼ିଶା ରାଜ୍ୟ ଯୋଗାଣ ସହାୟକ ସଂଘ ଆସନ୍ତା ୨୮ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଚେତାବନୀ ଦେଇଛି। ସେମାନଙ୍କ ଦାବି ଯଥା ଯୋଗାଣ ସହାୟକର ଚାକିରି ସ୍ଥାୟିତ୍ୱ ଓ ମାସିକ ଦରମା ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯିବା, ପିଡିଏସ ଲାଇସେନ୍ସ ଦିଆଯିବା, କାର୍ଯ୍ୟରତ ଯୋଗାଣ ସହାୟକଙ୍କୁ ମୃତ୍ୟୁକାଳୀନ ସହାୟତା ପ୍ରଦାନ ଓ ପରିବାରର ଜଣେ ସଦସ୍ୟଙ୍କୁ ଚାକିରି, ପଂଚାୟତ ରାଜ ବିଭାଗ ବଦଳରେ ଯୋଗାଣ ବିଭାଗ ଅଧିନରେ ଅନ୍ତର୍ଭୁକ୍ତ କରିବା ଓ ପଦବୀ ଆସିଷ୍ଟାଂଟ ସପ୍ଲାଏ ଇନିସପେକ୍ଟରରେ ନାମିତ କରାଯିବା, ମାସିକ ପିଡିଏସ ଆବଂଟନରେ ୨ ପ୍ରତିଶତକୁ ଭରଣା କରାଯିବା ଭଳି ଦାବି ରହିଛି।
ଏହି ଦାବିପତ୍ର ପ୍ରଦାନ ବେଳେ ବ୍ଲକ ସଭାପତି ନରେନ୍ଦ୍ର ବାଗ, ବ୍ଲକ ସମ୍ପାଦକ ମହେଶ୍ୱର ବିଭାର, ଜିଲ୍ଲା କୋଷାଧ୍ୟକ୍ଷ ମନୋଜ କୁମାର ଜଗତ, ଗଣେଶ ମେହେର, ଯଯାତି କେଶରୀ ବାରିକ, ଯତୀନ୍ଦ୍ର ବିଶି, ସୁବାଷ ତାଣ୍ଡି, ଗୌର ତାଣ୍ଡି, ପଦ୍ମିନୀ ବାଗ, ଶୁକ୍ରୁ ଶବର, କେକି ମୋହନ ବୈଠାରୁ, ଚିନ୍ତାମଣି ବାଗ, ଟୁକୁ ପୋଡ଼, ଭୂଜାଙ୍ଗ ଭୂଷଣ ସେନାପତି, ପବିତ୍ର ପୁଞ୍ଜି ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶାର ପ୍ରଥମ ଫୋଟୋ ସାମ୍ବାଦିକଙ୍କ ଶତ ବାର୍ଷିକ ଜୟନ୍ତୀ ପାଳିତ: ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ




ବାରିପଦା , ୨୬/୦୮ (ନି.ପ୍ର): ଓଡ଼ିଶାର ପ୍ରଥମ ଫଟୋ ସାମ୍ବାଦିକ ଭାବେ ଖ୍ୟାତି ଲାଭ କରିଥିବା ତଥା ଏକାଧାରାରେ ଜଣେ ସାମ୍ବାଦିକ, ସାହିତ୍ୟକ, ଅଭିନେତା, ରଥ ମିସ୍ତ୍ରୀ ଓ ବାସ୍ତୁବିତ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବାରିପଦାର ପୂର୍ଣ୍ଣଚନ୍ଦ୍ର ବିନ୍ଧାଣିଙ୍କ ଶହେ ତମ ଜନ୍ମ ଜୟନ୍ତୀ ପାଳନ ଅବସର ରେ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ତଥା ବ୍ୟକ୍ତି ବିଶେଷ ଭେଟି ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଦେଉଳିସାହି କୁମାର ଉତ୍ସବ ସମିତି ଓ ଜଗଦ୍ଧାତ୍ରୀ ପୂଜା କମିଟି ଅଭିରାମ ଅଭିନୟ ଅନୁଷ୍ଠାନ, ଆମେ ବାରିପଦା ଏସୋସିଏସନ, ମୟୁରଭଞ୍ଜ ସିଟିଜେନ ଫୋରମ, ମୟୁରଭଞ୍ଜ ସାହିତ୍ୟ ପରିଷଦ, ସାରସକଣା ସାଂସ୍କୃତିକ ପରିଷଦ, ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ, ମୟୁରଭଞ୍ଜ ଫଟୋ ଭିଡିଓ ଗ୍ରାଫି ଏସୋସିଏସନ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଡ. ମୋହିତ ଷଡଙ୍ଗୀ, ଡ କେ.ସି. ମହାନ୍ତି, ଡ. ବିଜୟ ଅଗ୍ରୱାଲ, ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଅଭିନେତା ଅସିତ ବରଣ ପତି, ଜୀବନ କୁମାର ସାହୁ ପ୍ରମୁଖ ଙ୍କ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରା ଯିବା ସହ, ଆଜିର ଯୁବପୀଢ଼ିଙ୍କ ପାଇଁ ଶ୍ରୀଯୁକ୍ତ ବିନ୍ଧାଣୀ ଜଣେ ଆଦର୍ଶ ଉଦାହରଣ ବୋଲି କହିଛନ୍ତି ।

# ସତ୍ୟ ସାହୁଙ୍କ କବିତା ପୁସ୍ତକ 'ମାଟି ଘୁଙ୍ଗୁର' ଲୋକାର୍ପିତ




ବାଲେଶ୍ୱର, ୨୬/୦୮ (ନି.ପ୍ର): ବାଲେଶ୍ୱର ସହରରେ ଥିବା ଷ୍ଟେସନ କ୍ଲବ୍ ପରିସରରେ କବି ଶ୍ରୀଦେବଙ୍କ ପୌରୋହିତ୍ୟରେ କବି ସତ୍ୟ ସାହୁଙ୍କ କବିତା ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଏହି ମନୋଜ୍ଞ ପରିବେଶରେ ମୁଖ୍ୟଅତିଥି ଭାବରେ କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କୃତ କବି ଡ. ଫନୀ ମହାନ୍ତି, ସତ୍ୟ ସାହୁଙ୍କ କବିତା ପୁସ୍ତକ 'ମାଟି ଘୁଙ୍ଗୁର' ଲୋକାର୍ପଣ କରି ଫକୀରମୋହନଙ୍କ ମାଟିକୁ ପ୍ରଥମେ ପ୍ରଣାମ ଜଣାଇବା ସହ 'କବିର ପୃଷ୍ଟପୋଷକତା ଯେତେ ଯାହା ଥିଲେ ବି କବି ସଫଳ ହୋଇପାରିବ ନାହିଁ ଯଦି ତା କବିତା ଭିତରେ ହୃଦୟ ନଥିବ, ଭାବ ପ୍ରବଣତା ନ ଥିବ। ଜଣେ କବି ତମାମ ଜୀବନ କାଳ ଶବ୍ଦ ଓ ନୀରବତା ମଧ୍ୟରେ ଛନ୍ଦି ହୋଇଥାଏ। ସେ ନିଜର ଦୃଢ଼ୋକ୍ତି ପ୍ରକାଶ କରିଥିଲେ କି ପୁରସ୍କାର ସାହିତ୍ୟର ମାପକାଠି ବା ମାନଦଣ୍ଡ ନୁହେଁ।' ଅନ୍ୟତମ ଅତିଥି ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀର ଉପସଭାପତି ଡ. ସଂଗ୍ରାମ ଜେନା କହିଥିଲେ କି ଯେଉଁ କବିତା ପଢ଼ିଲା ପରେ ଭଲ ଲାଗେ ଏବଂ ଅନେକ ବର୍ଷ ଯାଏଁ ମନେ ରହିଯାଏ, ତାହା ହିଁ ଭଲ କବିତା। ଯେଉଁ କବିତା ଭିତରେ ଜଣେ ପାଠକ ନିଜକୁପାଇ ପାରିଲା ତାହା ମଧ୍ୟ ଏକ ସଫଳ କବିତା। କବିତା ପାଠକକୁ ଛୁଇଁ ନପାରିଲେ ତାକୁ ବିଫଳ କବିତା କହିହେବ ନାହିଁ, ବରଂ ତାହା ଅସମ୍ପୂର୍ଣ୍ଣ କବିତା ବୋଲି କୁହାଯାଇପାରେ। ବରେଣ୍ୟ ଅତିଥି ଭାବରେ ଯଶସ୍ୱୀ କବି ସୂର୍ଯ୍ୟ ମିଶ୍ର କହିଥିଲେ କି ପୃଥିବୀର ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ କବି। କବି ଯେବେ କବିତା ଲେଖେ ତା' ଭିତରେ ଥିବା ବ୍ୟକ୍ତିସତ୍ତା କବିସତ୍ତାରେ ରୂପାନ୍ତରିତ ହୋଇଥାଏ। ଆତ୍ମା ସହିତ କଥା ହେବା ହିଁ କବିତା। ଏହି ଅବକାଶରେ ସୂର୍ଯ୍ୟ ମିଶ୍ର ନିଜର ଅଭିବ୍ୟକ୍ତି ଯୋଡ଼ିଥିଲେ କି ସବୁ ନିର୍ମମ ବାସ୍ତବତା ସତ୍ତ୍ୱେ ମଣିଷ ସ୍ୱପ୍ନ ଦେଖେ। ଏହା ମଣିଷର ସହଜାତ ପ୍ରବୃତ୍ତି। ଖ୍ୟାତନାମା ଗୀତିକାର ପଂଚାନନ ନାୟକ ନିଜର ଭାବବିହ୍ୱଳ ଉକ୍ତିରେ 'ସିଂହାସନ ରକ୍ତରେ ତିଆରି ମାତ୍ର କବିତା ପ୍ରେମରୁ ହିଁ ସୃଷ୍ଟି' ବୋଲି ମତପୋଷଣ କରିବା ସହ ନିଜ ଗୀତରେ ଗୀତରେ ଦର୍ଶକଙ୍କୁ ବିମୋହିତ କରିଥିଲେ। ସେ କହିଥିଲେ କି ନିରୋଳା ମାଟିଆ ନହେଲେ ବା ମାଟିମନସ୍କ ନହେଲେ ଜଣେ କବି ହୋଇପାରିବ ନାହିଁ। ସମକାଳର କବି ସଂଜିତ ବଳ ସତ୍ୟ ସାହୁଙ୍କ କବିତାକୁ ନେଇ ଓଡ଼ିଆ କବିତାର ଏକ ନୂତନ ସମ୍ଭାବନା ଦେଖିଥିବା କଥା ପ୍ରକାଶ କରିଥିଲେ। 'ମାଟି ଘୁଙ୍ଗୁର'ର ପ୍ରକାଶକ କବି ବାଦଲ ମହାନ୍ତି ପ୍ରକାଶକୀୟ ଅଭିବ୍ୟକ୍ତି ବଖାଣିଥିଲେ। ଆରମ୍ଭରେ କବି ସତ୍ୟ ସାହୁ ନିଜ ସୃଜନ କଥାରେ ଓଡ଼ିଶାର ଅନେକ ବରିଷ୍ଠ ଯଶସ୍ୱୀ କବିମାନଙ୍କ ଦ୍ୱାରା କିଭଳି ପ୍ରଭାବିତ ହୋଇଛନ୍ତି ନିଜ ଅନୁଭବରେ ଉଚ୍ଚାରଣ କରିଥିଲେ। ଲୋକାର୍ପଣ ଉତ୍ସବରେ କବୀ ଡ. ମମତା ସାହୁ ସ୍ୱାଗତ ସମ୍ଭାଷଣ ରଖିଥିଲାବେଳେ ନବପ୍ରଜନ୍ମର ଗାଳ୍ପିକ ସଂଜୟ ପଣ୍ଡା ଉପସ୍ଥିତ ବିଦଗ୍ଧ ସାରସ୍ୱତ ପ୍ରେମୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ: ୨୭ ନବଜାତ କନ୍ୟା ସନ୍ତାନଙ୍କୁ ସ୍ୱାଗତ ସହ ଉପହାର ପ୍ରଦାନ




ବାରିପଦା, ୨୬/୦୮ (ନି.ପ୍ର): ବେଟି ବଚାଓ ବେଟି ପଢ଼ାଓ ଯୋଜନା ରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲ ମିଳିତ ଆନୁକୂଲ୍ୟରେ ଆମ ଝିଅ ଆମ ସ୍ୱାଭିମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଗତ ୨୪ ଘଣ୍ଟା ମଧ୍ୟରେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜନ୍ମ ଲାଭ କରିଥିବା ୨୭ ଜଣ ନବଜାତ ଶିଶୁ କନ୍ୟାଙ୍କୁ ସ୍ୱାଗତ କରାଯିବା ସହିତ ସେମାନଙ୍କ ମାଆ ମାନଙ୍କୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଉପହାର ପ୍ରଦାନ କରା ଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ନବଜାତ ଶିଶୁ କନ୍ୟା ମାନଙ୍କ ପରିବାର ବର୍ଗଙ୍କ ସହିତ ସାକ୍ଷାତ କରି ନବଜାତ ଶିଶୁ କନ୍ୟା ମାନଙ୍କର ଉତ୍ତମ ଯତ୍ନ ନେବା ପାଇଁ ପରାମର୍ଶ ଦେବା ସହ ଜିଲ୍ଲାରେ ୧୦୦୦ ଶିଶୁ ପୁତ୍ରରେ ୮୫୬ କନ୍ୟା ଶିଶୁ ଜନ୍ମଲାଭ କରୁଛନ୍ତି ଯାହାକି ଆମ ପାଇଁ ଏକ ଉଦବେଗ ଜନକ ପରିସ୍ଥିତି ଏବଂ ଏହି ଅନୁପାତକୁ ହ୍ରାସ କରିବାପାଇଁ ଲିଙ୍ଗନିରୂପଣ ତଥା କନ୍ୟାଭ୍ରୁଣ ହତ୍ୟା ଭଳି ବିକୃତ ମାନସିକତା କୁ ସମାଜରୁ ଦୂର କରିବା ପାଇଁ ସଚେତନତା ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଡ଼. ଜ୍ଞାନେନ୍ଦ୍ର କୁମାର ମହାନ୍ତି, ଡ଼. ଶ୍ରୀରାମ ମହାନ୍ତି , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଏନ.ଆର.ଏଚ.ଏମ. ର ଡିପିଏମ ପ୍ରଭୁ ପ୍ରତ୍ୟାନ୍ତ ପତି ଏବଂ ଜିଲ୍ଲା ସୂଚନା ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଚନ୍ଦ୍ରଯାନ-୩ ଲ୍ୟାଣ୍ଡିଂ ....

ମହିଳା ବୈଜ୍ଞାନିକମାନଙ୍କର ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ସେମାନଙ୍କୁ ମୋଦି ପ୍ରଶଂସା କରିଛନ୍ତି। କହିଛନ୍ତି, ଜନକଲ୍ୟାଣ ହେଉଛି ଆମର ସର୍ବୋଚ୍ଚ ପ୍ରାଥମିକତା। ଚନ୍ଦ୍ରଯାନ ୩ର ସଫଳତା ଯୁଗ ଯୁଗକୁ ସମସ୍ତଙ୍କୁ ପ୍ରେରଣା ଯୋଗାଇବ। ବୈଜ୍ଞାନିକଙ୍କ ସଫଳତା ସାରା ଦେଶକୁ ଗର୍ବିତ କରିଛି।

### ପ୍ରତିବର୍ଷ ଅଗଷ୍ଟ....

ସେଠାରେ ବୈଜ୍ଞାନିକମାନଙ୍କୁ ଭେଟିବା ଅବସରରେ ମୋଦି ବେଶ୍ ଭାବୁକ ହୋଇ ଯାଇଥିଲେ। ଏହି ଅବସରରେ ସେ ପୂରା ଚନ୍ଦ୍ରଯାନ ମଡେଲକୁ ଦେଖିବା ସହ ସବିଶେଷ ଭାବେ ତଥ୍ୟ ଆହରଣ କରିଥିଲେ। ଏହାପରେ ସେ ଇସ୍ରୋ ବୈଜ୍ଞାନିକଙ୍କୁ ଅଜସ୍ର ପ୍ରଶଂସାରେ ପୋତି ପକାଇବା ସହ ଶୁଭେଚ୍ଛା ଜଣାଇଥିଲେ। ଏଥିସହ କହିଥିଲେ ଆପଣଙ୍କ ଗହଣରେ ଆସି ଏକ ଭିନ୍ନ ଖୁସି ଅନୁଭବ କରୁଛି। ବିଦେଶରେ ଥିଲେ ବି ମନ ଆପଣଙ୍କ ନିକଟରେ ଥିଲା। ସବୁ ବୈଜ୍ଞାନିକମାନଙ୍କୁ ସାଲ୍ୟୁଟ୍ ଜଣାଇ ବେଶ୍ ଭାବବିହ୍ୱଳ ହୋଇପଡ଼ିଲେ ମୋଦି। ଏହି ଅବସରରେ ଜୟବିଜ୍ଞାନ, ଜୟ ଅନୁସନ୍ଧାନର ନାରା ଦେଇଛନ୍ତି ପ୍ରଧାନମନ୍ତ୍ରୀ। ଚନ୍ଦ୍ର ଅଭିଯାନ କୌଣସି ସାଧାରଣ ସଫଳତା ନୁହେଁ। ଆମେ ସେଠି ପହଞ୍ଚିଲୁ, ଯେଉଁଠି କେହି ପହଞ୍ଚି ନଥିଲେ। ଅନ୍ଧାରୀ ମୂଳକରେ ପହଞ୍ଚି ଆମେ ଆଲୁଅ ଜାଳିଲୁ । ଏହାହିଁ ହେଉଛି ଆଜିର ଭାରତ, ନିର୍ଭୀକ ଭାରତ ଓ ଲଢୁଆ ଭାରତ । ମୁଁ ଆପଣଙ୍କର ଯେତେ ଗୁଣଗାନ କଲେ, ତାହା କମ୍ ହେବ ବୋଲି କହିଛନ୍ତି ମୋଦି । ଏହି ଅବସରରେ ବୈଜ୍ଞାନିକଙ୍କୁ ସମ୍ବୋଧିତ କରି ମୋଦି କହିଛନ୍ତି, ଭାରତ ଏବେ ଚନ୍ଦ୍ରରେ ପହଞ୍ଚି ଯାଇଛି। ଏହାପଛରେ ଆପଣମାନଙ୍କ ଧୈର୍ଯ୍ୟ ସାମର୍ଥ୍ୟ, ତପସ୍ୟା ଥିବା ବେଳେ ତାହା ସମ୍ମୁଖରେ ମୁଁ ନତମସ୍ତକ ହେଉଛି। ଗତ ବୁଧବା ଚନ୍ଦ୍ରୟାନ-୩ ସଫ୍ଟଲ୍ୟାଣ୍ଡିଂ ବେଳେ ଦକ୍ଷିଣଆଫ୍ରିକା ଜୋହାନ୍ସବର୍ଗରୁ ଭର୍ଚୁଆଲ୍ ମୋଡ୍‌ରେ ମିଶନ ଅପରେସନ କଂପ୍ଲେକ୍ସ ସହ ଯୋଡ଼ି ହୋଇଥିଲେ। ଏଥିସହ ଫୋନ ଯୋଗେ ଇସ୍ରୋ ମୁଖ୍ୟଙ୍କୁ ଶୁଭେଚ୍ଛା ଜଣାଇଥିଲେ ପ୍ରଧାନମନ୍ତ୍ରୀ।

### ମିଶନ ଗଗନଯାନରେ....

ଯଦି ଏ ସମସ୍ତ ପରୀକ୍ଷଣ ସଫଳ ହୁଏ ତେବେ ତୃତୀୟ ପର୍ଯ୍ୟାରେ ୩ ଜଣ ମହାକାଶଚାରୀଙ୍କୁ ମହାକାଶ ପଠାଯିବ ବୋଲି ଜିତେନ୍ଦ୍ର ସିଂହ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ସିଂହ ମଧ ଚନ୍ଦ୍ରଯାନର ସଫଳତାକୁ ଖୁବ୍ ପ୍ରଶଂସା କରିଛନ୍ତି। ମହାକାଶ ଗବେଷଣା କ୍ଷେତ୍ରରେ ଏହା ଇସ୍ରୋର ଏକ ବଡ଼ ଲମ୍ଫ ବୋଲି କହିଛନ୍ତି।

### ଜାଲ୍ ନୋଟ୍ ଜାଣି ....

ସନ୍ତରାଗଡିଆ ବଜାରରେ ଥିବା ବ୍ୟାଙ୍କ ଅଫ୍ ବରୋଦା କିଓସ୍କ ଶାଖାରେ ୩୦ ହଜାର ଟଙ୍କା ଜମା କରିବାକୁ ଯାଇଥିଲେ। ଟଙ୍କା ଜମା ବେଳେ ଜାଲ ଥିବା ଜାଣିବାକୁ ପାଇଥିଲେ ବ୍ୟାଙ୍କ କର୍ମଚାରୀ। ତେଣୁ ସେ ଟଙ୍କା ଫେରସ୍ତ କରିଦେଇଥିଲେ। ଘଟଣା ପ୍ରଚାରିତ ହେବା ପୂର୍ବରୁ ପୂର୍ଣ୍ଣଚନ୍ଦ୍ର ବଜାରରେ ଚା' ଦୋକାନ, ମାଛ ଦୋକାନ, ମଦ କାଉଣ୍ଟର, ମୋବାଇଲ ରିଚାର୍ଜ ଦୋକାନରେ ଜାଲ ନୋଟ୍ ଟଙ୍କା ବଦଳାଇଥିବା ଅଭିଯୋଗ ହୋଇଥିଲା। ଫରେନ୍ ଲିକର ସପ୍ ମାଲିକଙ୍କ ଅଭିଯୋଗ କ୍ରମେ ନୀଳଗିରି ଥାନା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପରେ ପୁଲିସ୍ ପୂର୍ଣ୍ଣଚନ୍ଦ୍ରଙ୍କ ପାଖରେ ପହଞ୍ଚିଥିଲା। ତାଙ୍କୁ ଘନ ଘନ ଜେରା ପରେ ଖଇରା ଅଞ୍ଚଳର ବୀଣାପାଣି ମୁଖୀଙ୍କୁ ଧରିଥିଲା ପୁଲିସ୍। ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରିଛି ପୁଲିସ। ଏଥିସହ ୩୨,୭୦୦ ଟଙ୍କାର ଜାଲ୍ ନୋଟ ଜବତ କରିଛି। ଜବତ ହୋଇଥିବା ନୋଟ୍ ଭିତରେ ୫୦୦, ୨୦୦ ଓ ୧୦୦ ଟଙ୍କିଆ ଜାଲ୍ ନୋଟ୍ ରହିଛି ବୋଲି ଏସ୍‌ପି କହିଛନ୍ତି।
ଜାଲ୍ ନୋଟ୍ ରାକେଟ ପର୍ଦ୍ଦାଫାସ ନେଇ ବାଲେଶ୍ୱର ଏସ୍‌ପି ସାଗରିକା ନାଥ କହିଛନ୍ତି, ଜବତ ହୋଇଥିବା ଜାଲ୍ ନୋଟ୍ ଗୁଡ଼ିକ ହାଏ କ୍ୱାଲିଟିର ପେପର ଓ ପ୍ରିଣ୍ଟରରେ ପ୍ରିଣ୍ଟ କରାଯାଇଛି। ଟିକେ ନିରିଖି ଦେଖିଲେ ଜାଲ୍ ନୋଟ୍ ବୋଲି ଜଣାପଡ଼ିଯିବ। କୌଣସି ନୋଟ୍ ଗ୍ରହଣ କରିବା ପୂର୍ବରୁ ଭଲକରି ତନଖି ରଖନ୍ତୁ। ବର୍ତ୍ତମାନ ସୁଦ୍ଧା ଦୁଇ ଜଣଙ୍କୁ ଗିରଫ କରାଯାଇଛି। ମୁଖ୍ୟ ଅଭିଯୁକ୍ତକୁ ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ତାକୁ ଗିରଫ କରାଯିବ ବୋଲି ଏସ୍‌ପି ସାଗରିକା ନାଥ କହିଛନ୍ତି।

### ହୁତୁହୁତୁ ହୋଇ ଜଳିଲା ....

ନିଆଁକୁ କାବୁ କରାଯାଇଥିଲା। ଏହି ଦୁର୍ଘଟଣାରେ ୯ ଜଣ ଜୀଅନ୍ତା ଜଳି ଯାଇଥିବା ବେଳେ ୨୦ ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବହୁ ଯାତ୍ରୀ ପ୍ରାଣ ବିକଳରେ ଟ୍ରେନ୍‌ରୁ ଡେଇଁ ନିଜ ଜୀବନ ରକ୍ଷା କରି ପାରିଛନ୍ତି। ଟ୍ରେନ୍‌ରେ କିଛି ଯାତ୍ରୀ ଗ୍ୟାସ୍ ସିଲିଣ୍ଡର ନେଇ ଯାଉଥିବା ବେଳେ କୌଣସି କାରଣରୁ ଗ୍ୟାସ୍ ଲିକ୍ ହୋଇ ନିଆଁ ଲାଗିଥିବା ରେଳୱେ ଅଧିକାରୀ ସୂଚନା ଦେଇଛନ୍ତି।

### ବିଜେଡି ନେତାଙ୍କୁ ଦୁଇଟି ବିକଳ୍ପ ....

ବିଜେଡିରେ ଜନ ପ୍ରତିନିଧିଙ୍କର କୌଣସି ସମ୍ମାନ ନାହିଁ। ବିଜେଡି ନେତାଙ୍କୁ ଦୁଇଟି ବିକଳ୍ପ ଦିଆଯାଇଛି। କ୍ରୀତଦାସ ହୋଇ ରୁହ, ନ ହେଲେ ଜେଲ୍‌ରେ ରୁହ। ସେହିପରି ଗତକାଲିର ଘଟଣାକୁ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ଘୋର ନିନ୍ଦା କରିଛନ୍ତି। ସେ କହିଛନ୍ତି, ଗତକାଲି ପ୍ରଦୀପ ପାଣିଗ୍ରାହୀଙ୍କୁ ବିଜେଡି କର୍ମୀ ଅଣ୍ଡାମାଡ଼ କଲେ। ହେଲେ ପୁଲିସ କାହାରିକୁ ଗିରଫ କଲାନି। ସରକାରୀ ଅଫିସରଙ୍କ ପାଇଁ ଆଇନ ଅଲଗା ହୋଇଯାଉଛି। ସେ ଆହୁରି କହିଛନ୍ତି, ପାଣ୍ଡିଆନଙ୍କୁ ସବୁ ଜାଗାରେ ଅଣ୍ଡା ଓ କାଳି ମାଡ଼ ହେବା ଆବଶ୍ୟକ। ପାଣ୍ଡିଆନଙ୍କୁ ସବୁଠି କଂଗ୍ରେସ କାଳି ଓ ଅଣ୍ଡା ମାଡ଼ କରିବ। କାଲିର ଘଟଣା ନେଇ କଡ଼ା ପ୍ରତିକ୍ରିୟା ରଖିଛନ୍ତି ପିସିସି ସଭାପତି ଶରତ ପଟ୍ଟନାୟକ। ସେ କହିଛନ୍ତି, ବ୍ୟୁରୋକ୍ରାଟମାନେ ଜନପ୍ରତିନିଧିଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ। କେଉଁଠୁ ଏ ସାହସ ପାଉଛନ୍ତି, ସୀମା ଭିତରେ ରହନ୍ତୁ। ନବୀନଙ୍କୁ ଅଣ୍ଡା ମାରିଲେ ୩୦୭ ଲାଗୁଛି। ହେଲେ ପ୍ରଦୀପଙ୍କୁ ଅଣ୍ଡା ମାରିଲେ ମାଫ୍। ଗଞ୍ଜାମ ହାଇଡ୍ରାମା ନେଇ ବରିଷ୍ଠ ବିଜେପି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ଓଡ଼ିଶାରେ ଗଣତନ୍ତ୍ରର ହତ୍ୟା ହୋଇଛି। ମୁଖ୍ୟମନ୍ତ୍ରୀ ନିଜ ବ୍ୟକ୍ତିଗତ ସଚିବଙ୍କୁ ଚାରିଆଡ଼େ ବୁଲାଇ ପ୍ରହସନ ଚଳାଇଛନ୍ତି। ଏଥିରୁ ଜଣାପଡୁଛି ଓଡ଼ିଶାରେ ଗଣତନ୍ତ୍ରକୁ ଗୁରୁତ୍ୱ ଦେଉନି ବିଜେଡି। ଟିକସଦାତାଙ୍କ ଅର୍ଥ ନଷ୍ଟ କରି ଜଣେ ସଚିବଙ୍କୁ ଓଡ଼ିଶା ସାରା ବୁଲାଯାଉଛି। କାଲି ସିଧାସଳଖ ଜଣେ ବିଧାୟକଙ୍କ ବିରୋଧରେ କହିଲେ ୫ଟ୍ଟ ସଚିବ। ଏଥିରୁ ସ୍ପଷ୍ଟ, ରାଜନୈତିକ ଉଦ୍ଦେଶ୍ୟ ରଖି ୫ଟ୍ଟ ସଚିବ ଏପରି କରୁଛନ୍ତି। ଯଦି ରାଜନୈତିକ ଉଦ୍ଦେଶ୍ୟ ରଖୁଛନ୍ତି, ଚାକିରି ଛାଡ଼ି ମଇଦାନକୁ ଆସନ୍ତୁ।

### ୨ ନକଲି ଅଧ୍ୟାପକ ....

ଏମାନେ ଜାଲ୍ ମାର୍କସିଟ୍ ବଳରେ ଚାକିରି ପାଇଥିବାର ଅଭିଯୋଗ ହୋଇଛି। ପାଟଣାଗଡ଼ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶକ୍ରମେ ପାଟଣାଗଡ଼ ଥାନାରେ ଏହି ଦୁଇ ଅଧ୍ୟାପକଙ୍କ ବିରୋଧରେ ଏତଲା ଦିଆଯାଇଛି। ଏଥିସହ ଏହି ଦୁଇ ଅଧ୍ୟାପକଙ୍କୁ ସେମାନେ ଦରମା ଆକାରରେ ପାଇଥିବା ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଫେରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଭୟଙ୍କୁ ୩୧ ଲକ୍ଷ ୬୦ ହଜାର ୨୫୨ ଟଙ୍କା ଲେଖାଏ ଫେରସ୍ତ କରିବାକୁ କୁହାଯାଇଛି। ଉଭୟ ନକଲି ଅଧ୍ୟାପକଙ୍କ ସାର୍ଟିଫିକେଟରେ ସମ୍ବଲପୁର ୟୁନିଭରସିଟିର ଫେକ୍ ଷ୍ଟାମ୍ପ ବାଜିଛି। ସେମାନଙ୍କ ମଧ୍ୟରୁ ଲିଙ୍ଗରାଜ ମେହେର ଓଡ଼ିଆ ଅଧ୍ୟାପକ ଥିବା ବେଳେ ନରେନ୍ଦ୍ର ନାଗ ରାଜନୀତି ବିଜ୍ଞାନ ଅଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ। ଉଭୟ ଜାଲ୍ ସାର୍ଟିଫିକେଟ୍ ଦେଇ ଚାକିରି କରୁଥିଲେ ବି କେହି ତାହାର ଟେର ପାଇ ନଥିଲେ। ସଂପୃକ୍ତ ପ୍ରିନ୍ସପାଲମାନେ ଏ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗଙ୍କୁ ଅବଗତ କରିବା ପରେ ଉଭୟଙ୍କୁ ନିଲମ୍ବିତ କରାଯାଇଛି। ଏଥିସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଉଭୟଙ୍କୁ କଲେଜ ମ୍ୟାନେଜମେଣ୍ଟରୁ ବାହାର କରାଯାଇଛି। ଏଥିସହ ସେମାନେ ମ୍ୟାନେଜମେଣ୍ଟ ଓ ବ୍ଲକ ଗ୍ରାଣ୍ଟରୁ ଦରମା ଆକାରରେ ପାଇଥିବା ୩୧ ଲକ୍ଷ ୬୦ ହଜାର ୨୫୨ ଟଙ୍କା ଲେଖାଏ ଫେରସ୍ତ କରିବାକୁ କୁହାଯାଇଛି। ପାଟଣାଗଡ଼ ପୁଲିସ୍? ଏହାକୁ ହାଲକା ମାମଲା ଭାବେ ଗ୍ରହଣ କରି ମାମଲା ରୁଜୁ କରିଥିବା ବେଳେ ଉଭୟ ଏବେ ଜାମିନରେ ବାହାରେ ବୁଲୁଥିବା ଜଣାଯାଇଛି। ପୁଲିସର ଏପରି ଖାମଖିଆଲି କାର୍ଯ୍ୟାନୁଷ୍ଠାନ କଥା ବିଧାନସଭାରେ ପଡ଼ିବ ବୋଲି କଂଗ୍ରେସ ନେତା ନରସିଂହ ମିଶ୍ର କହିଥିବା ବେଳେ ବିଜେପି ନେତା ଏହାର ସିବିଆଇ ତଦନ୍ତ ଦାବି କରିଛନ୍ତି । ଗତ ମାର୍ଚ୍ଚରେ ବଲାଙ୍ଗିରରେ ନକଲି ସାର୍ଟିଫିକେଟ ରାକେଟର ପର୍ଦ୍ଦାଫାସ ହୋଇଥିଲା। ଏହାକୁ ନେଇ ସମଗ୍ର ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିବା ବେଳେ କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦିଆଯାଇଥିଲା। କ୍ରାଇମବ୍ରାଞ୍ଚ ପ୍ରାୟ ମାସେ କାଳ ବଲାଙ୍ଗିରରେ ରହି ତଦନ୍ତ କରିଥିବା ବେଳେ ଫଳ କିନ୍ତୁ ଶୂନ । ଏହି ସମୟ ମଧ୍ୟରେ କିଛି କଲେଜ ଅଧ୍ୟକ୍ଷ ନିଜ ଅଧ୍ୟାପକଙ୍କ ସାର୍ଟିଫିକେଟ ଯାଞ୍ଚ ପାଇଁ ୟୁନିଭରସିଟିକୁ ପଠାଇଥିଲେ। ଏହି କ୍ରମରେ ବଲାଙ୍ଗିର ଡିଇଓ ମଧ ୩ଶହରୁ ୪ଶହ ସାର୍ଟିଫିକେଟ ଯାଞ୍ଚ ପାଇଁ ପଠାଇଥିଲେ। ଏବେ ଧୀରେ ଧୀରେ ଯାଞ୍ଚ ରିପୋର୍ଟ ଆସୁଥିବା ବେଳେ ଗୁମର ପଦାରେ ପଡୁଛି।

### ୮ ହଜାରରୁ ଅଧିକ...

ତା'ପରେ ବରଗଡ଼ ପୁଲିସ୍‌ର ଏକ ଟିମ୍ କଟକ ଯାଇ ଉକ୍ତ ଗୋଦାମରେ ଚଢ଼ାଉ କରିଥିଲେ। ସେଠାରୁ ୮,୩୮୦ ବୋତଲ କଫ ସିରପ ଜବତ କରିଥିବା ବେଳେ ୩ ଜଣଙ୍କୁ ଗିରଫ କରିଥିଲା ପୁଲିସ୍। ଏହି ସବୁ କଫ ସିରପ ଦିଲ୍ଲୀର ଏକ କମ୍ପାନୀରୁ ଆସୁଥିବା ବେଳେ ଉକ୍ତ କମ୍ପାନୀର ବ୍ୟାଙ୍କ ଆକାଉଣ୍ଟକୁ ପୁଲିସ ଫ୍ରିଜ୍ କରିଛି। ଉକ୍ତ ଆକାଉଣ୍ଟରେ ୩୧ ଲକ୍ଷ ୯୨ ହଜାର ୫୮୨ ଟଙ୍କ ଅଛି। ବରଗଡ଼ ପୁଲିସ୍ ଏହି ମାମଲାରେ ଅଧିକ ତଦନ୍ତ ଜାରି ରଖିଛି। ଅନ୍ୟ କେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି, ସେ ସଂପର୍କରେ ଜାଣିବାକୁ ଖୋଳତାଡ଼ କରାଯାଉଥିବା ଏସ୍‌ପି କହିଛନ୍ତି।

# ଆମ୍ବଲିଅଠାଛକଠାରେ ୫ ବେଆଇନ୍ ଗୋ-ବୋଝେଇ ପିକ୍‌ଅପ୍‌ର ଭଂଗାରୁଜା




ଜଳେଶ୍ୱର, ୨୬/୦୮ (ନି.ପ୍ର): ଗତ ଶୁକ୍ରବାର ବିଳମ୍ବିତ ରାତିରେ ଓଆର୍‌୦୧ୟୁ-୨୨୩୯, ଓଡି୦୧ଏ-୫୪୯୦, ଓଡି୦୧ବି-୫୮୪୨, ଓଆର୍‌୦୧ଜେ-୨୧୨୩, ଓଡି୦୧ସି-୪୮୭୨ ପିକ୍‌ଅପ୍‌ରେ ପ୍ରାୟ ୧୦୦ ଗୋରୁ ପଶ୍ଚିମବଂଗକୁ ଚାଲାଣ ହେଉଥିଲା । ଗାଡି ଗୁଡିକ ୬୦ନଂ ଜାତୀୟ ରାଜପଥ ଅତିକ୍ରମ କଲାପରେ ୫୭ ରାଜ୍ୟ ରାଜପଥର ଆମ୍ବଲିଅଠା ଛକଠାରେ ପ୍ରାୟ ଶତାଧିକ ଯୁବକ ଅଟକାଇଥିଲେ । ପରେ ଜୟଶ୍ରୀରାମ ଧ୍ୱନୀ ଦେଇ ଗୁଡିଗୁଡିକର ଚକ ଓ ସାମ୍ନା କାଚ କୁ ମାରଣାସ୍ତ୍ରରେ ଭଂଗାରୁଜା କରିଥିଲେ । ପିକ୍‌ଅପ୍‌ର ଡ୍ରାଇଭର ଓ ହେଲପରମାନେ ଘଟଣାସ୍ଥଳରୁ ଫେରାର ହୋଇଥିବା ବେଳେ ଖବର ପାଇ ଜଳେଶ୍ୱର ଥାନା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲେ । ଅନ୍ୟ ଗୋଟିଏ ଗୋରୁ ବୋଝେଇ ପିକ୍‌ଅପ୍‌କୁ ପୁଲିସ୍ ଜବତ୍ କରି ସେଥିରେ ଥିବା ୧୭ଟି ଗୋରୁ ମଧ୍ୟରୁ ଜୀବିତଥିବା ୧୨ଟିକୁ ଉଦ୍ଧାର କରି ବାଲେଶ୍ୱର ଗୋଶାଳାକୁ ପଠାଇଛି । ସେଥିରେ ଥିବା ଅନ୍ୟ ୫ଟି ଗୋରୁର ମୃତ୍ୟୁ ହୋଇଥିବା ପୁଲିସ୍ ସୂତ୍ରରୁ ପ୍ରକାଶ । ପ୍ରକାଶଯୋଗ୍ୟ ପଶ୍ଚିମବଂଗକୁ ବିଭିନ୍ନ ରାସ୍ତାରେ ଗୋ ଚାଲାଣ ହୋଇ ଆସୁଛି । ଏନିମେଲ କ୍ରୁଏଲିଟି ଏକ୍ଟର ବ୍ୟାପକ ଉଲଙ୍ଘନ ହୋଇ ଏ ଗୁଡିକ ଚାଲାଣ ହେଉଥିବାରୁ ବ୍ୟାପକ ଗୋରୁ ମରୁଥିବା ଜଣାଯାଇଛି । ଅନ୍ୟପକ୍ଷରେ ଗତ ରାତିରେ ଯୁବକମାନେ ଏପରି କାଣ୍ଡ ଭିଆଇବା ପୁଲିସ୍‌କୁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଗୋଚାଲାଣକୁ ଦୃଢ ହସ୍ତରେ ଦମନ କରାନଗଲେ ଆସନ୍ତା ଦିନରେ ଏକ ବଡ ଗଣ୍ଡଗୋଳ ସୂତ୍ରପାତ ହେବ ବୋଲି ତଥ୍ୟାଭିଜ୍ଞ ଲୋକେ କହିଛନ୍ତି ।

# ଫେକର କମ୍ପାନୀର ବହିଷ୍କୃତ ଶ୍ରମିକଙ୍କ ଧାରଣା ୫ମ ଦିନରେ

## ଧାରଣାରତ ଶ୍ରମିକଙ୍କୁ ଭେଟିଲେ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ




ଭଦ୍ରକ, ୨୬/୦୮ (ନି.ପ୍ର): ଫେକର ବେଦାନ୍ତ କମ୍ପାନୀରେ କାର୍ଯ୍ୟରତ ଥାଇ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ୩ଜଣ ଶ୍ରମିକଙ୍କ ପାଇଁ ରାଜରାସ୍ତାକୁ ଉହ୍ଲାଇଥିବା ୩୮ଜଣ ଶ୍ରମିକଙ୍କୁ କମ୍ପାନୀ ବେଆଇନ ଭାବେ ଛଟେଇ କରିବା ପରେ ଉକ୍ତ ୩୮ଜଣ ଶ୍ରମିକ ଦୀର୍ଘ ୫ ଦିନ ଧରି ଫେକର ବେଦାନ୍ତ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିବା ବେଳେ ତାଙ୍କ ସମସ୍ୟାକୁ କେହି କର୍ଣ୍ଣପାତ କରୁ ନଥିବା ବେଳେ ଆଜି କଂଗ୍ରେସ ଦଳର ପ୍ରଚାର କମିଟି ଅଧ୍ୟକ୍ଷ ତଥା ପୂର୍ବତନ ଶାସନ ସଚିବ ବିଜୟ ପଟ୍ଟନାୟକ ଭେଟି ତାଙ୍କ ମନୋବଳକୁ ବୃଦ୍ଧି କରିଛନ୍ତି । ଏପରିକି ଉକ୍ତ ଶ୍ରମିକମାନଙ୍କୁ ନ୍ୟାୟ ଦେବାରେ ସେ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଆଜି ଶ୍ରୀଯୁକ୍ତ ପଟ୍ଟନାୟକ ଶ୍ରମିକମାନଙ୍କ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ଭଦ୍ରକ ସ୍ଥିତ ଫେକର ବେଦାନ୍ତ ଫ୍ୟାକ୍ଟ୍ରି ସମ୍ମୁଖ ମୁଖ୍ୟ ଫାଟକ ନିକଟରେ ଚାଲିଥିବା ଧାରଣା ସ୍ଥଳରେ ଉପସ୍ଥିତ ହୋଇଥିଲେ । ଶ୍ରମିକ ନେତା କିସାନ ସେଠୀ, ମୁକ୍ତିକାନ୍ତ ମହାପାତ୍ର, ହରିହର ଜେନା ଆଦି ଶ୍ରମିକମାନଙ୍କ ସହ ସେମାନଙ୍କ ଦାବୀ ଓ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ୨୦୨୩ ମସିହା ମାର୍ଚ୍ଚ ଓ ଏପ୍ରିଲ ମସିହାରେ ଫ୍ୟାକ୍ଟ୍ରି ମଧ୍ୟରେ ବିସ୍ଫୋରଣ ଘଟି ୩ଜଣଙ୍କ ପ୍ରାଣହାନୀ ଘଟିଥିଲା । ସେମାନଙ୍କ ହକ୍ ପାଇଁ ସେତେବେଳେ ଏହି ଶ୍ରମିକମାନେ ଧାରଣା ଧର୍ମଘଟ କରିଥିବାରୁ କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କୁ କାର୍ଯ୍ୟରୁ ଛଟେଇ କରିଛନ୍ତି । ଏହି ଛଟେଇରେ ଶ୍ରମିକଙ୍କୁ କୌଣସି ଆଇନଗତ ସୂଚନା ବା ଅବଗତି କରାଯାଇ ନଥିଲା । ଏ ନେଇ ଶ୍ରୀଯୁକ୍ତ ପଟ୍ଟନାୟକ ଆଲୋଚନା କରିବା ସହିତ ଏ ସମ୍ପର୍କରେ ଶ୍ରମିକ ଆଇନ କଣ ରହିଛି, ଦୁର୍ଘଟଣାର ଶିକାର ହୋଇଥିବା ଶ୍ରମିକମାନଙ୍କ କ୍ଷେତ୍ରରେ କମ୍ପାନୀର ସୁରକ୍ଷା ନୀତି ଅବଲମ୍ବନ କରାଯାଇଥିଲା କି ? ଏ ସମସ୍ତ କଥା ପଚାରି ବୁଝିଥିଲେ । କମ୍ପାନୀରୁ କିଭଳି ଶ୍ରମିକମାନେ ନ୍ୟାୟ ପାଇବେ ସେଥିପାଇଁ ଶ୍ରୀଯୁକ୍ତ ପଟ୍ଟନାୟକ ଶ୍ରମିକଙ୍କ ପଛରେ ଖୁଣ୍ଟଭଳି ଛିଡ଼ା ହେବେ ଏବଂ ଏ ନେଇ ରାଜ୍ୟସ୍ତରୀୟ ନେତୃମଣ୍ଡଳୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ସାକ୍ଷାତ ଆଲୋଚନା ସମୟରେ ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ମୁଖପାତ୍ର ଶୁଭେନ୍ଦୁ ରାୟ ମହାପାତ୍ର, ପିସିସି ସାଧାରଣ ସମ୍ପାଦକ ମଧୁମିତା ସେଠୀ, ଜିଲ୍ଲା ଯୁବକଂଗ୍ରେସ ଉପସଭାପତି ବଳରାମ ରାଉତ (ଚିଲିକା), ଭଦ୍ରକ ବିଧାନସଭା ଯୁବ କଂଗ୍ରେସ ସଭାପତି ଇଲ୍ଲିୟାସ ଅଲ୍ଲୀ ଖାନ୍, ଭଦ୍ରକ ନଗର ଯୁବ କଂଗ୍ରେସ ସଭାପତି ସୁଶାନ୍ତ ଦାସ, ଯୁବନେତା ଶାରଦା ପ୍ରସନ୍ନ ସ୍ୱାଇଁ, ରିୟାଜ୍ ଖାଁ, ଆଶିଷ ରାଉତ, ମାନସ ରଞ୍ଜନ ସାହୁ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ପୀତବାସ ଧଳ, ହାଡ଼ିବନ୍ଧୁ ବିଶ୍ୱାଳ, ଅମୀୟ ନାୟକ ପ୍ରମୁଖ ବହୁ କଂଗ୍ରେସ ନେତା, କର୍ମୀ ଉପସ୍ଥିତ ରହିଥିଲେ ।

# ପଞ୍ଚୁପାଲିରେ ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମାବେଶ



ଲଙ୍ଗଳେଶ୍ୱର, ୨୬/୦୮ (ନି.ପ୍ର): ତୃଣମୂଳସ୍ତରରେ ପହଞ୍ଚିବ ସଭାପତି ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶବାର୍ତ୍ତା । ଲୋକଙ୍କ ଆହୁରି ନିକଟତର ହେବ ବିଜୁ ଜନତା ଦଳ । ସଭାପତିଙ୍କ ନେତୃତ୍ୱରେ ଜନକଲ୍ୟାଣ କାର୍ଯ୍ୟକୁ ଆହୁରି ବ୍ୟାପକ କରିବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବା ପାଇଁ ଦଳ ପକ୍ଷରୁ ବସ୍ତା ନିର୍ବାଚନମଣ୍ଡଳୀର ବାଲିଆପାଳ ବ୍ଲକ ଅଧିନସ୍ଥ ପଞ୍ଚୁପାଲି ଗ୍ରାମ ପଞ୍ଚାୟତରେ ଶୁକ୍ରବାର ପଞ୍ଚାୟତସ୍ତରୀୟ କର୍ମୀ ସମାବେଶ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ର ପୂର୍ବତନ ସାଂସଦ ତଥା ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟବେକ୍ଷକ ଶ୍ରୀ ଇଂ ରବୀନ୍ଦ୍ର କୁମାର ଜେନା ଯୋଗଦେଇ, ନିର୍ବାଚନ ସମୟ ନିକଟତର ହେଉଥିବାରୁ ତୃଣମୂଳ ସ୍ତରରେ ଦଳର ସଂଗଠନକୁ ଆହୁରି ସୁଦୃଢ଼ କରିବା ପାଇଁ ଦଳୀୟ କର୍ମୀଙ୍କୁ ଆହ୍ୱାନ କରିଥିଲେ । ଆଗାମୀ ନିର୍ବାଚନରେ ନିଜ ପଞ୍ଚାୟତର ୱାର୍ଡରେ ବିଜୁ ଜନତା ଦଳକୁ ବିପୁଳ ଭୋଟ ପ୍ରଦାନ କରିବାକୁ ଶ୍ରୀ ଜେନା ଆହ୍ୱାନ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ମହିଳା ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ଶ୍ରୀମତୀ ସୁବାସିନୀ ଜେନା ଯୋଗ ଦେଇ ଦଳର ସଂଗଠନକୁ ସୁଦୃଢ଼ କରିବା ପାଇଁ ଦଳୀୟ କର୍ମୀଙ୍କ ସହ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ସମାବେଶରେ ବାଲିଆପାଳ ବ୍ଲକ୍ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ୨୨ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ୨୩ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, ଜିଲ୍ଲା କୃଷକ ସେଲ ସଭାପତି ଅଜୟ ସାମଲ, ପଞ୍ଚାୟତର ସଭାପତି ଅଶୋକ ବେହେରାଙ୍କ ସମେତ ବ୍ଲକ୍ ର ମହିଳା ସଭାନେତ୍ରୀ ତଥା ପ୍ରତାପପୁର ସରପଞ୍ଚ କସ୍ତୁରୀବାଳା ପାତ୍ର, ଜିଲ୍ଲା ଯୁବ ବିଜେଡି ଯୁଗ୍ମ ସଂପାଦକ ତଥା ପ୍ରତାପପୁର ସମିତି ସଦସ୍ୟାଙ୍କ ପ୍ରତିନିଧି ହାଡିବନ୍ଧୁ ରାଉତ, ପ୍ରଦୀପ ଜେନା, ଚକ୍ରଧର ଗିରି, ଶ୍ରୀକାନ୍ତ ନାଥ, ପୂର୍ବତନ ଅଧ୍ୟକ୍ଷ ଅଶ୍ୱିନୀ ଜେନା, ପୂର୍ବତନ ସରପଞ୍ଚ ମହେନ୍ଦ୍ର ବାରିକ, ଅମରେଶ ମିଶ୍ର, ରତିକାନ୍ତ ପାତ୍ର, ବିଜୁ ଯୁବ ଜନତା ଦଳ ବ୍ଲକ ସଭାପତି ସଂଗ୍ରାମ ପରିଡା, ବ୍ଲକ ଛାତ୍ର ବିଜେଡି ସଭାପତି ସୁଶାନ୍ତ ବେହେରା, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ଗିରି, ବଟକୃଷ୍ଣ ଗିରି, ଆନନ୍ଦ ବେହେରା, ସାରଦା ଗିରି, ରଜତ ଗିରି, ଶ୍ରୀଧର ଡାକୁଆ, କୈଳାସ ପ୍ରଧାନ, ମୃତ୍ୟୁଞ୍ଜୟ ଗୋଚ୍ଛାୟତ ପ୍ରମୁଖ ବହୁ ବରିଷ୍ଠ ନେତୃବୃନ୍ଦ ଯୋଗଦେଇଥିଲେ । ସମାବେଶରେ ପଞ୍ଚୁପାଲି ପଞ୍ଚାୟତର ବିଜୁ ଜନତା ଦଳର ସମସ୍ତ କର୍ମୀ ଓ ମା' ଭଉଣୀ ମାନେ ଉପସ୍ଥିତ ଥିଲେ ।

## ଅର୍ଥ ଅଭାବରୁ ପି.ଜି. କରିପାରୁ ନାହାଁନ୍ତି ମେଧାବୀ ଛାତ୍ରୀ

କେନ୍ଦ୍ରାପଡ଼ା, ୨୬/୦୮ (ନି.ପ୍ର): ଅର୍ଥ ଅଭାବରୁ ପି.ଜି କରିପାରୁ ନାହାଁନ୍ତି ମେଧାବୀ ଛାତ୍ରୀ । ଖବର ମୁତାବକ କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ନହଙ୍ଗ ପଂଚାୟତ ନହଙ୍ଗ ଗ୍ରାମର ଶୁଶ୍ରୀ ଲଭସ୍ମିତା ସାହୁ , ପିତା-ଧନେଶ୍ୱର ସାହୁ ଜଣେ ଭିନ୍ନକ୍ଷମ । ସେ ଖବରକାଗଜ ବିତରକ ଭାବେ ଦୀର୍ଘ ବର୍ଷ ହେଲା କାମ କରି ଆସୁଛନ୍ତି । ଝିଅ ଲଭସ୍ମିତା ପିଲାମାନଙ୍କୁ ଟ୍ୟୁସନ କରି +୩ ବିଜ୍ଞାନ ରେ ଶତକଡା ୭୭ ପ୍ରତିଶତ ନମ୍ବର ରଖି ଉତୀର୍ଣ୍ଣ ହୋଇଛନ୍ତି । ବାପାଙ୍କର ଆୟ ନଥିବାରୁ ଲଭସ୍ମିତା ପି.ଜି କରିବା ପାଇଁ ଇଚ୍ଛାଶକ୍ତି ଥିଲେ ମଧ୍ୟ ଅର୍ଥାଭାବରୁ ପାଠ ପଢିବାରୁ ବଂଚିତ ହୋଇଛନ୍ତି । ଜିଲ୍ଲା ପ୍ରଶାସନ ସାହାଯ୍ୟ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ



ବାଲେଶ୍ୱର, ୨୬/୦୮ (ନି.ପ୍ର): "ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ" ବାଲେଶ୍ୱର ପକ୍ଷରୁ ସଭାପତି ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ବୃକ୍ଷରୋପଣ କାର୍ଯ୍ୟ ବାଲେଶ୍ୱର ରେଳ ଷ୍ଟେସନ ସନ୍ନିକଟ ଶୋଭାରାମପୁର ୟୁଜି.ୟୁପି. ସ୍କୁଲରେ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ରାମଚନ୍ଦ୍ର ଦାସ ତଥା କୋଷାଧ୍ୟକ୍ଷ କାନନ ବିହାରୀ ଦାସ ଉପଦେଷ୍ଟା ଗିରିଧାରୀ ବିନ୍ଧାଣୀ, ଶ୍ରୀ ଚର୍ତୁଭୁଜନା, ମୟୁରଚକ୍ର ସେଠୀ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଉଷାରାଣୀ ସାହୁ, ଅରୁନ୍ଧତୀ ରାଉତ, ସୁକାନ୍ତି ମାରାଣ୍ଡି, ଜୟଶ୍ରୀ ମହାନ୍ତି, ପ୍ରଭାତୀ ପଣ୍ଡା, ପୁଷ୍ପିତା ରାଉତ, ସସ୍ମିତା ନାୟକ, ଅନୁସୟ ସାମନ୍ତ, ସୁଶ୍ରୀ ସଂଯୁକ୍ତ ଆଚାର୍ଯ୍ୟ, ମମତାମୟ ଦାସ, ସୁମିତ୍ରା ସିଂ ତଥା ସଂଘର ଅନ୍ୟାନ୍ୟ ଦାସ ଅଧିକାରୀ, ଲିଙ୍ଗରାଜ ଦାସ, ରବିନାରାୟଣ ଭୋଳ, ସତ୍ୟରଞ୍ଜନ ରାଉତ, ରଘୁନାଥରଥ, କୃଷ୍ଣଚନ୍ଦ୍ର ଦାସ, ଉପେନ୍ଦ୍ର ମଲ୍ଲିକ, ଅମଲ କୁମାର ଦାସ ତଥା ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ପ୍ରମୁଖ ସହଯୋଗ କରିଥିଲେ ବୃକ୍ଷରୋପଣ ଅନ୍ତେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବୃକ୍ଷରୋପଣର ସମାଜ ପ୍ରତି ଆବଶ୍ୟକତା ତଥା ଜୀବ ଜଗତ ପ୍ରତି ଉପାଦେୟତା ସମ୍ବନ୍ଧରେ ଏକ ସ୍ୱଳ୍ପସମୟର ବକ୍ତୃତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମ ଅନ୍ତେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂଘ ପକ୍ଷରୁ ଜଳଯୋଗର ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମ ସମାପ୍ତି ଘୋଷଣା ପୂର୍ବରୁ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ତଥା ସଭାପତି ସର୍ବ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ତଥା ସଭାପତି ସର୍ବଶେଷରେ କାର୍ଯ୍ୟକ୍ରମ ତଥା ସଭା ସମାପ୍ତିର ଘୋଷଣା କରିଥିଲେ ।

# ବଟି ନଦେବାରୁ ଆକ୍ରମଣ: ଦୁଇ ଅଭିଯୁକ୍ତ ଗିରଫ

ଜୟପୁର, ୨୬/୦୮ (ନି.ପ୍ର): ବଟି ନଦେବାରୁ ଯୁବକକୁ ମରଣାନ୍ତକ ଆକ୍ରମଣ ମାମଲାରେ ଦୁଇ ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଦୁଇ ଅଭିଯୁକ୍ତ ହେଲେ ଦୁବୁଲି ଗ୍ରାମର କୁନୁ ପରଜା (୪୨) ଓ ଡମ୍ବୁରୁ ପରଜା (୨୦) । ପୋଲିସ ସୁଚନା ଅନୁଯାଇ ଦୁବୁଲିର ତପନ ସରକାର (୨୯) ଅଭିଯୋଗ କରିଥିଲେ ଯେ ଗ୍ରାମରେସେ କଥା ହୋଉଥିବା ବେଳେ କୁନୁ ପରଜା (୪୨) ଓ ଡମ୍ବୁରୁ ପରଜା (୨୦) ଦାଦା ବଟି ୫୦ ହଜାର ଟଙ୍କା ମାଗିଥିଲେ । ସେ ନଦେବାରୁ ଜୀବନରେ ମାରି ଦେବାକୁ ଧମକ ଦେଇ ଲୁହା ପଂଚରେ ତପନର ମୁଣ୍ଡର ଆଘାତ ଦେଲେ ,ଫଳରେ ରକ୍ତ ବାହାରିଥିଲ । ଏନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ଦୁଇ ଅଭିଯୁକ୍ତକୁ ଗିରଫ କରିଥିଲା ।

## ବାହାବଳପୁରରେ ଆଉଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ

ବସ୍ତା, ୨୬।୮(ନିପ୍ର):ସାମୁଦ୍ରିକ ଥାନା ବାହାବଳପୁର ମାଛ ଧରା ଜେଟିରୁ ସମୁଦ୍ର କୁ ମାଛ ଧରି ବାକୁ ଯାଇ ଆଉଜଣେ ମତ୍ସ୍ୟ ଜୀବୀଙ୍କ ମୃତ୍ୟୁ ଘଟିଛି ।ସୂଚନାରୁ ପ୍ରକାଶ ଯେ ବାଦଲ ମହାନ୍ତିଙ୍କ ଯନ୍ତ୍ର ଚାଳିତ ମାଛ ଧରା ଡଙ୍ଗା ରେ ସିଂଲା ଥାନା ସାର୍ଥା ଚକର ହଳଦୀଗୁଡିର ରାମଚନ୍ଦ୍ର ମଣ୍ଡଳଙ୍କ ପୁଅ ରାଜୁ ମଣ୍ଡଳ (୨୯ବର୍ଷ) ସମୁଦ୍ର ଭିତରକୁ ଯାଇଥିଲା । ମାତ୍ର ଗତ କାଲି ରାଜୁକୁ କୂଳକୁ ନେଇ ଆସି ବସ୍ତା ମେଡିକାଲ ନିଆଯାଇଥିଲା । ଡାକ୍ତର ସେଠାରେ ତାକୁ ମୃତ ଘୋଷଣା କରିଥିଲେ ।ବାହାବଳପୁର ପୁଲିସ ଏ ସଂକ୍ରାନ୍ତରେ ପ୍ରାଥମିକ ପର୍ଯ୍ୟାୟରେ କେଶ ନଂ ୮/୨୦୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି । ପ୍ରକାଶ ଯୋଗ୍ୟ ଯେ ଚାରି ଦିନ ତଳେ ବାହାବଳପୁର ର ବଗଦା ଗାଁର ନେତ୍ରାନନ୍ଦ ସିଂଙ୍କ ପୁଅ ଜଳନ୍ଧର ମାଛଧର । ଡ଼ଙ୍ଗାରୁ ସମୁଦ୍ର ଗର୍ଭକୁ ଖସି ସଲୀଳ ସମାଧି ନେଇଥିଲେ । ତେବେ ରାଜୁ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି ।

# ଖସି ପଡ଼ିଲା ସରକାରୀ ଆୟୁର୍ବେଦ ଚିକିତ୍ସାଳୟର ଛାତ

## ନିଶ୍ଚିତ ମୃତ୍ୟୁମୁଖରୁ ବଂଚିଗଲେ ଡ଼ାକ୍ତର ଓ କର୍ମଚାରୀ



ଉଦଳା , ୨୬/୦୮ (ନି.ପ୍ର): ଉଦଳା ସହର ମଧ୍ୟରେ ଥିବା ସରକାରୀ ଆୟୁର୍ବେଦ ଚିକିତ୍ସାଳୟର ଛାତ ଆଜକୁ ଦୁଇ ଦିନ ତଳେ ରାତିରେ ହଠାତ ଖସି ପଡ଼ିଲା । ରାତିରେ ଡ଼ାକ୍ତର ଓ କର୍ମଚାରୀ ଛାତ ତଳେ ନଥିବା ଯୋଗୁଁ ନିଶ୍ଚିତ ମୃତ୍ୟୁ ମୁଖରୁ ବଂଚିଯାଇଥିବାର ଜଣାଯାଇଛି । ଆଜକୁ ପ୍ରାୟ ଗୋଟିଏ ବର୍ଷ ପୂର୍ବରୁ ସରକାରୀ ଆୟୁର୍ବେଦ ଚିକିତ୍ସାଳୟ ଛାତରୁ ପାଣି ଗଳୁଛି ବୋଲି ବିଭିନ୍ନ ଗଣମାଧ୍ୟମରେ ସମ୍ବାଦ ପ୍ରକାଶ ପାଇଥିଲା । ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଯଦି ଦୃଷ୍ଟି ଦେଇଥାନ୍ତା ଓ ଏହାର ପ୍ରତିକାର ପାଇଁ ତୁରନ୍ତ ପଦକ୍ଷେପ ନେଇଥାନ୍ତା ଆଜି ଏପରି ଅବସ୍ଥା ହୋଇନଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଥିବାର ଶୁଣିବାକୁ ମିଳୁଛି । ଛାତ ଖସି ପଡ଼ିବା ଦ୍ୱାରା ପ୍ରାୟ ଲକ୍ଷାଧିକ ଟଙ୍କାର ଆସବାବପତ୍ର ଓ ଔଷଧ ନଷ୍ଟ ହୋଇଥିବାର ଜଣାଯାଇଛି । ଉକ୍ତ ଚିକିତ୍ସାଳୟ ପାଇଁ ନୂତନ ଗୃହ ନିର୍ମାଣ ସକାଶେ ସରକାର ଟଙ୍କା ଯୋଗାଇ ଦେଇଛନ୍ତି । କିନ୍ତୁ ଗୃହ ନିର୍ମାଣ ପାଇଁ ଏଠାରେ ନିୟୋଜିତ ଥିବା ସରକାରୀ ବାବୁ ମାନେ ବିଭିନ୍ନ ପ୍ରକାର ବାହାନା ଦେଖାଇ ଗୃହ ନିର୍ମାଣ କାମ ଶିଘ୍ର ସାରୁନଥିବାର ଜଣାଯାଇଛି । ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# କିୟୋରବେ'ର ୫୦ ତମ ଇ-କ୍ଲିନିକ ସେଣ୍ଟର ଉଦ୍‌ଘାଟିତ




ରୂପସା, ୨୬/୦୮ (ନି.ପ୍ର): ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଅଗ୍ରଣୀ ଅନୁଷ୍ଠାନ କିୟୋରବେ' ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ବିପ୍ଳବ ସୃଷ୍ଟି କରିଛି । ଓଡିଶାର ୧୮ ଟି ଜିଲାରେ ୪୯ ଟି ଇ କ୍ଲିନିକ ସେଣ୍ଟର କାର୍ଯ୍ୟକ୍ଷମ ହୋଇଛି । ଏଥିରେ ୮ ହଜାର ୫ ଶହ ଗ୍ରାମର ୩୬ ହଜାର ଲୋକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉପକୃତ ହୋଇଛନ୍ତି । ପଛୁଆ ଅଂଚଳରେ ଏହାକୁ ତ୍ୱରାନ୍ୱିତ କରିବା ମୂଳ ଲକ୍ଷ୍ୟ । ଏହି ଇ କ୍ଲିନିକ ପରୀକ୍ଷଣ ପାଇଁ ନମୁନା ସଂଗ୍ରହ କେନ୍ଦ୍ର ଭାବେ କାର୍ଯ୍ୟ କରିବ । ରୋଗୀମାନଙ୍କୁ ସହାଭାଗୀ ହସ୍ପିଟାଲ, ଡ଼ାଏଗ୍ନୋଷ୍ଟିକ ସେଣ୍ଟରଗୁଡିକୁ ଆଇପିଡି ଓ ରେଡ଼ିଓଲୋଜି ସେବା ପାଇଁ ରେଫର କରିବ । ଏହି ଅନୁଷ୍ଠାନ ସୁଲଭ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବାରେ ଆଗଭର ବୋଲି ବାଲେଶ୍ୱର ଜିଲା ରୂପସା ସ୍ଥିତ କାଳୀ ମନ୍ଦିର ସମ୍ମୁଖରେ ଶନିବାର କିୟୋରବେ'ର ୫୦ ତମ ଇ କ୍ଲିନିକ ସେଣ୍ଟର ଉଦଘାଟନି ଉତ୍ସବରେ ଯୋଗ ଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଅନୁଷ୍ଠାନର ପ୍ରତିଷ୍ଠାତା ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରିୟଦର୍ଶୀ ମହାପାତ୍ର ଉଦଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରି ଗ୍ରାମୀଣ ଓଡିଶାବାସୀଙ୍କ ନିକଟରେ ଗୁଣମାନଯୁକ୍ତ ସ୍ୱାସ୍ଥ୍ୟସେବା ଓ ପହଞ୍ଚକୁ ଉନ୍ନତ ଭାବେ ରୂପାନ୍ତରିତ କରିବା ପାଇଁ ଏହା ସମର୍ପିତ ବୋଲି କହିଥିଲେ । ମୁଖ୍ୟ ଅତିଥି ଚଳଚ୍ଚିତ୍ର ଅଭିନେତ୍ରୀ ଅନୁ ଚୌଧୁରୀ, ମୁଖ୍ୟ ବକ୍ତା ପୂର୍ବତନ ବିଇଓ ଜୟନ୍ତ କୁମାର ପାଣିଗ୍ରାହୀ ଏବଂ ଇ କ୍ଲିନିକ ସେଣ୍ଟରର ରୂପସା ମୁଖ୍ୟ ଶୁଭେନ୍ଦୁ କୁମାର ବେହେରା ଯୋଗ ଦେଇ ଏହି ୫୦ ତମ ଇ କ୍ଲିନିକ ସେଣ୍ଟରକୁ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଅନୁ ଚୌଧୁରୀ ଏହି ସଂସ୍ଥା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ସୃଷ୍ଟି କରିପାରିଛି ବୋଲି ବକ୍ତବ୍ୟରେ କହିଥିଲେ । ମୁଖ୍ୟ ବକ୍ତା ଜୟନ୍ତ କୁମାର ପାଣିଗ୍ରାହୀ ଏହି କ୍ଲିନିକ ଦ୍ୱାରା ଏକ ସୁସ୍ଥ ଓ ସୁଖୀ ଓଡିଶା ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ରୂପସା ମୁଖ୍ୟ ଶୁଭେନ୍ଦୁ କୁମାର ବେହେରା ଏହି କ୍ଲିନିକ ମାଧ୍ୟମରେ ଅଭିଜ୍ଞ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଅତ୍ୟାଧୁନିକ ଜ୍ଞାନକୌଶଳରେ ଚିକିତ୍ସା ସେବା ଓ ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯିବ ବୋଲି କହିଥିଲେ । ଏହି ଉତ୍ସବରେ ବରିଷ୍ଠ ନାଗରିକ, ଜନ ପ୍ରତିନିଧି, ସ୍ୱେଚ୍ଛାସେବୀ, ମହିଳା ଗୋଷ୍ଠୀ, ଛାତ୍ର ଛାତ୍ରୀ ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଅନୁଷ୍ଠାନର ସମସ୍ତ କାର୍ଯ୍ୟକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ ।

# ସବୁ ପ୍ରାଥମିକ ଶିକ୍ଷକଙ୍କୁ ସ୍ଥାୟୀ କରାଯାଇନଥିବା ବେଳେ ପୁଣି ନିଯୁକ୍ତି ଏକ ପ୍ରହସନ

ଜଳେଶ୍ୱର ୨୬/୮(ନି.ପ୍ର): ରାଜ୍ୟରେ ୨୦୧୬ ମସିହାରୁ ପ୍ରାଥମିକ ଶିକ୍ଷକ ନିଯୁକ୍ତି ବନ୍ଦ ଥିବା ବେଳେ ଅସ୍ଥାୟୀଭାବେ କେତେକ ପ୍ରାଥମିକ ଶିକ୍ଷକଙ୍କୁ ନିଯୁକ୍ତି ମିଳିଛି । କିନ୍ତୁ ଅସ୍ଥାୟୀ ନିଯୁକ୍ତି ଯୁଗର ଅବସାନ ଘଟିଥିବାର ସରକାରଙ୍କ ପକ୍ଷରୁ କୁହାଯାଇଥିବା ବେଳେ ବାସ୍ତବରେ ତାର ଅନ୍ତ ଘଟିନାହିଁ । ଏବେ ନିକଟରେ ପୁଣି ୨୦ହଜାର ପ୍ରାଥମିକ ଶିକ୍ଷକଙ୍କୁ ନିଯୁକ୍ତି ଦେବା ଘୋଷଣା ପ୍ରକାଶ ପାଇଛି । ଏପରି ନିଯୁକ୍ତିକୁ ଯୋଗ୍ୟ ପ୍ରାର୍ଥୀମାନେ ଗ୍ରହଣ ନ କରିବାକୁ ପ୍ରାଥମିକ ଅସ୍ଥାୟୀ ଶିକ୍ଷକମାନେ ନିବେଦନ କରିଛନ୍ତି । ପ୍ରତି ଗାଁକୁ ଗାଁ ଯାଇ ସଚେତନ କରାଇବାର ସିଦ୍ଧାନ୍ତ ନିଆଯାଇଥିବାର କାହ୍ନୁଚରଣ ଦାସ ଜଣାଇଛନ୍ତି । ନିଯୁକ୍ତିବେଳେ ଅସ୍ଥାୟୀ ବ୍ୟାଧି ଦୂର କରାଯାଇ ସ୍ଥାୟୀ ନିଯୁକ୍ତି କରନ୍ତୁ ବୋଲି ସେମାନେ କହିଛନ୍ତି ।


❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo